NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

FRIDAY 1 AUGUST 2025
ଶୁକ୍ରବାର ୧ ଅଗଷ୍ଟ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 78 BHUBANESWAR I BERHAMPUR I SAMBALPUR I BALASORE I JAJPUR | ବର୍ଷ ୧୧ • ସଂଖ୍ୟା ୭୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


## ମା' ନାମରେ ଗଛଟିଏ-୨.୦

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଲାଗିବ ୭୫ ଲକ୍ଷ ଗଛ

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:**



ଚଳିତ ବର୍ଷ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ୭୫ ବର୍ଷରେ ପ୍ରଦାର୍ପଣ କରିବାକୁ ଯାଉଛନ୍ତି। ଦେଶପ୍ରତି, ବିଶେଷକରି ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଅନେକ ଅବଦାନ ରହିଛି। ଗତ ବର୍ଷ ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନରେ ଓଡ଼ିଶା ଆସି ଆମର ମା'ମାନଙ୍କ ସମ୍ମାନରେ ସୁଭଦ୍ରା ଯୋଜନା ଶୁଭାରମ୍ଭ କରିଥିଲେ। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା, ଓଡ଼ିଶାବାସୀଙ୍କ ପ୍ରତି ସଦିଚ୍ଛାର ସମ୍ମାନ ଜଣାଇ 'ମା' ନାମରେ ଏକ ଗଛ' ଅଭିଯାନରେ ସେପ୍ଟେମ୍ବର ୧୭ରେ ଓଡ଼ିଶାରେ ଗୋଟିଏ ଦିନରେ ଲାଗିବ ୭୫ ଲକ୍ଷ ଗଛ। ଏହା ହେବ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଶ୍ରେଷ୍ଠ ଉପହାର।

ଗୁରୁବାର ଲୋକସେବା ଭବନରେ ଏକ୍ ପେଡ୍ ମା' କେ ନାମ୍ ଅଭିଯାନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ଗତବର୍ଷ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକ୍ ପେଡ୍ ମା'କେ ନାମ୍ ଅଭିଯାନ ଆରମ୍ଭ ହୋଇଥିଲା। ଚଳିତବର୍ଷ ଜୁନ୍ ୫ରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହାର ଦ୍ୱିତୀୟ ସଂସ୍କରଣ ଏକ ପେଡ୍ ମା'କେ ନାମ୍ ୨.୦ ଚାଲିବ। ଦ୍ୱିତୀୟ ସଂସ୍କରଣର ଏହି କାର୍ଯ୍ୟକ୍ରମରେ ସର୍ବନିମ୍ନ ୭.୫ କୋଟି ଚାରାରୋପଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।

### ଜଳବାୟୁ ଉପଯୋଗୀ ବୃକ୍ଷରୋପଣ ଉପରେ ଫୋକସ୍: ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ କହଛନ୍ତି, ଏକ୍ ପେଡ୍ ମା'କେ ନାମ୍ କାର୍ଯ୍ୟକ୍ରମ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଗତବର୍ଷ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତା'ର ଲକ୍ଷ୍ୟ ଅତିକ୍ରମ କରି ୬.୭୨ କୋଟି ଗଛଲଗାଇ ସାରାଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଏ ବର୍ଷ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି ଏବଂ ତା ସହିତ କେବଳ ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲାଗିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହା ଏକ ରେକର୍ଡ ହେବ। ଜଙ୍ଗଲ ବିଭାଗ ଏବଂ କୃଷି ଓ କୃଷକ ସଶକ୍ତି କରଣ ବିଭାଗର ଏଥିରେ ପ୍ରମୁଖ ଦାୟିତ୍ୱ ରହିଥିଲେ ମଧ ଏହି ପ୍ରକ୍ରିୟାକୁ ଆହୁରି ବ୍ୟାପକ କରିବା ପାଇଁ ଏହି ଅଭିଯାନରେ ବିଭିନ୍ନ ସରକାରୀ ବିଭାଗ ସହିତ ପିଏସ୍ୟୁ, ଏନ୍‌ଜିଓ ସଂସ୍ଥା, ବିଭିନ୍ନ ଯୁବସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ଅଧିକରୁ ଅଧିକ ସାମିଲ କରାଯିବାର ଆବଶ୍ୟକତା ରହିଛି। ପଞ୍ଚାୟତ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସ୍ୱୟଂସହାୟିକା ଗୋଷ୍ଠୀ ପ୍ରମୁଖଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ କରିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଅତ୍ୟନ୍ତ ପ୍ରଭାବୀ ଢଙ୍ଗରେ ହେବା ଉଚିତ୍। ପ୍ରଚାର ପ୍ରସାର କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ପରିବେଶ ସୁରକ୍ଷା ପାଇଁ ଏକ ଜନଆନ୍ଦୋଳନ ହେବା ଉଚିତ୍।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେବଳ ଗଛ ଲଗାଇଦେଲେ ହେବ ନାହିଁ, ଏହି ଗଛକୁ କିଭଳି ଉତ୍ତମ ଭବିଷ୍ୟତ ମିଳିବ ତା'ର ମଧ ଦାୟିତ୍ୱ ନେବା ଆବଶ୍ୟକ। ବୃକ୍ଷରୋପଣ ପରେ ଏହାର ରକ୍ଷଣାବେକ୍ଷଣ ଓ ଯତ୍ନ ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ଏବଂ ଜନସାଧାରଣ

▶▶ ୫

# କେନ୍ଦ୍ର କ୍ୟାବିନେଟ୍‌ରେ ୪ ରେଳ ପ୍ରକଳ୍ପକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୩୧।୭/ଏଜେନ୍ସି:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଳ ମନ୍ତ୍ରଣାଳୟର ୪ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପ ପାଇଁ ମୋଟ ୧୧,୧୬୯ କୋଟି ଟଙ୍କା ବ୍ୟୟ ହେବ। ଏହି ପ୍ରକଳ୍ପଗୁଡ଼ିକ ହେଲା ଡାଙ୍ଗୋଆପୋଷି-ଜାରୋଲି ତୃତୀୟ ଏବଂ ଚତୁର୍ଥ ଲାଇନ୍, ଇତାରସୀ-ନାଗପୁର ଚତୁର୍ଥ ଲାଇନ୍, ଔରଙ୍ଗାବାଦ (ଛତ୍ରପତି ସମ୍ଭାଜୀନଗର)-ପରଭଣୀ ଦୋହରୀକରଣ ଏବଂ ଆଲୁବାରୀ ରୋଡ୍-ନୂତନ ଜାଲପାଇଗୁଡ଼ି ତୃତୀୟ ଓ ଚତୁର୍ଥ

**ଡାଙ୍ଗୋଆପୋଷି-ଜାରୋଲି ତୃତୀୟ ଏବଂ ଚତୁର୍ଥ ଲାଇନ୍‌କୁ ଅନୁମୋଦନ**

▶▶ ୫

# ଦନ୍ତା ନେଲା ୩ ଜୀବନ



**ଢେଙ୍କାନାଳ, ହିନ୍ଦୋଳ,୩୧।୭/ଏନ୍ଏନ୍ଏସ୍:**

ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ରାସୋଲ ସେକସନ୍ ବାଘଧରିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଦନ୍ତା ହାତୀ ଆକ୍ରମଣରେ ଗ୍ରାମର ୩ ଜଣଙ୍କ ଜୀବନ ଯାଇଛି। ଗୁରୁବାର ଭୋର୍ ସମୟରେ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ଗ୍ରାମର ସ୍ୱର୍ଗତ ବେଣୁଧର ସାହୁଙ୍କ ଧର୍ମପତ୍ନୀ ଶଶି ସାହୁ (୬୪)ଙ୍କୁ ୩ଟିକିଆ ହାତୀ ପଲ ମଧ୍ୟରୁ ଏକ ଦନ୍ତା ଆକ୍ରମଣ କରିଥିଲା। ଏହା ଦେଖି ଗ୍ରାମର କରୁଣାକର ଦେହୁରୀ ( ୬୬ ) ଚିତ୍କାର କରିବା ସହ ଦୌଡ଼ି ପଳାଇ ଯାଉଥିବା

**ଶବ ରଖି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

**ବନପାଳ ଦାୟିତ୍ୱରେ ଥିବା ଲୁସ୍ମିତା ସିଂ ନିଲମ୍ବିତ**

▶▶ ୫

## ସୁଭଦ୍ରା ଯୋଜନା

# ବାଦ୍ ପଡ଼ିଥିବା ମହିଳାଙ୍କ ପୁନଃ ଆବେଦନ ଅନାବଶ୍ୟକ

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:**



ସୁଭଦ୍ରା ଯୋଜନାରେ ଆବେଦନ କରିଥିବା ଆବେଦନକାରୀଙ୍କ ମଧ୍ୟରୁ ବାଦ୍ ପଡ଼ିଥିବା ୨ ଲକ୍ଷ ମହିଳାଙ୍କ ପୁନଃ ଆବେଦନ ଅନାବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଶ୍ରୀମତି ପରିଡ଼ା କହିଛନ୍ତି ଯେ ଆଉ ପୁନର୍ବାର ସେମାନଙ୍କୁ ଆବେଦନ କରିବାକୁ ପଡ଼ିବ ନାହିଁ। ତଥ୍ୟ

▶▶ ୫

# ଖରିଫ୍ ଧାନ ସଂଗ୍ରହରେ ସରଳୀକୃତ ବ୍ୟବସ୍ଥା: ମନ୍ତ୍ରୀ

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:**


ରାଜ୍ୟରେ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ଆହୁରି ସରଳୀକୃତ କରାଯାଇଥିବା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି ବ୍ୟାପାର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ତେବେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଓ ଲାର୍ଜ ଏରିଆ ମଲ୍‌ଟିପର୍‌ପସ୍ କୋ-ଅପରେଟିଭ୍ ସୋସାଇଟି (ଲ୍ୟାମ୍ପ୍‌ସ) ମାଧ୍ୟମରେ ତୁରନ୍ତ ମେସିନ୍ ଯୋଗାଇ ଦିଆଯିବ। ଚାଷୀମାନେ ପଞ୍ଜିକରଣରେ କୌଣସି ଅସୁବିଧା ହେଲେ ନିର୍ଦ୍ଦିଷ୍ଟ ଫୋନ୍ ନମ୍ବରରେ ଯୋଗାଯୋଗ କରିବାକୁ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି। ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ଆହୁରି ସହଜ କରାଯାଇଥିବା ନେଇ ସେ କହିଛନ୍ତି, ଏବେ ଚାଷୀମାନଙ୍କୁ କେବଳ ଗୋଟିଏ ସେଲ୍ଫ ଡିକ୍ଲାରେସନ୍ ଫର୍ମରେ ଦସ୍ତଖତ କରିବାକୁ ପଡ଼ିବ। ଯଦି ଜମି ରେକର୍ଡ ବାପା କିମ୍ବା ଭାଇଙ୍କ ନାମରେ ଥାଏ, ତେବେ କେବଳ ତାହା ଲିଖିତ ଭାବେ ଦାଖଲ

▶▶ ୫

## ଅନ୍ଧବିଶ୍ୱାସ: କାଉଙ୍କ ମିଳନ ଦେଖିବାରୁ ଅଜବ ଦଣ୍ଡ

# ୨ ଯୁବକଙ୍କ ପ୍ରତିକାତ୍ମକ ଶବ ସତ୍କାର

**ଜୟପୁର,୩୧।୭/ଏନ୍ଏନ୍ଏସ୍:**



ବିଜ୍ଞାନ ଯୁଗରେ ଆଦିବାସୀ ଅଧ୍ୟୁଷିତ ଇଲାକାରେ ଆଜି ବି ଅନ୍ଧବିଶ୍ୱାସ ଭରପୂର ରହିଥିବା ପ୍ରମାଣିତ ହୋଇଛି। କାଉ ଦୁଇଟିଙ୍କ ମିଳନ ଦେଖିଦେବାରୁ ୨ ଯୁବକଙ୍କୁ ଆଦିବାସୀ ପରମ୍ପରା ଅନୁସାରେ ଅଜବ ଦଣ୍ଡ ଭୋଗିବାକୁ ପଡ଼ିଛି। କୋରାପୁଟ ଜିଲ୍ଲା ରାଣ୍ଡାପାଲି ପଞ୍ଚାୟତ ଅନ୍ତର୍ଗତ ପାତ୍ରଗୁଡ଼ା ଗାଁରେ ଏହା ଦେଖିବାକୁ ମିଳିଛି ।

ସୂଚନା ମୁତାବକ ଅନ୍ଧବିଶ୍ୱାସକୁ ସ୍ଥାପିତ କରିବା ପାଇଁ ପ୍ରଥମେ ଗାଆଁରେ ସମ୍ପୃକ୍ତ ଦୁଇଜଣ ଯୁବକଙ୍କ ମୃତ୍ୟୁ ହୋଇଥିବା ଘୋଷଣା କରାଯାଇଥିଲା। ମୃତ୍ୟୁ ପରେ ଯେପରି ରୀତିନୀତି ଅନୁସାରେ ଶବ ସତ୍କାର କରାଯାଏ ସେଇ ପ୍ରକ୍ରିୟାରେ ମୃତଦେହ ବଦଳରେ ପ୍ରତିକାତ୍ମକ କୁଶପୁତ୍ତଳିକାକୁ କୋକେଇରେ

▶▶ ୫




**ହଜାରୀବଗିଚା-ନାଗପୁର-ନିଳିକଣା-ଦେପୁର ଆର୍‌ଡି ରାସ୍ତା ବିପର୍ଯ୍ୟସ୍ତ**

# ତିନିମାସ ହେଲା ଲକ୍ଷ୍ମୀ ବସ୍ ସେବାରୁ ବଞ୍ଚିତ ଲୋକେ



**କେନ୍ଦ୍ରାପଡ଼ା,୩୧।୭/ଏନ୍‌ଏନ୍‌ଏସ୍:** ହଜାରୀବଗିଚା-ନାଗପୁର-ନିଳିକଣା-ଦେପୁର ଆର୍‌ଡି ରାସ୍ତା ମରାମତି ଅଭାବରୁ ବିପର୍ଯ୍ୟସ୍ତ ହୋଇପଡିଛି । ତିନି ମାସ ହେଲା ୫ଟି ପଞ୍ଚାୟତର ଲୋକେ ଲକ୍ଷ୍ମୀ ବସ୍ ସେବାରୁ ବଞ୍ଚିତ ହୋଇଛନ୍ତି । ଦେପୁର ହାଇସ୍କୁଲ କେନାଲ ବନ୍ଧରୁ ନିଳୀକଣାକୁ ସଂଯୋଗ କରୁଥିବା ପ୍ରାୟ ୩କି.ମି. ରାସ୍ତା ଅତି ବିପର୍ଯ୍ୟସ୍ତ ହୋଇପଡିଛି । ବାରୁଅ ଛକରୁ ଇଟିପୁର, ଧିଗିଡିଆ, ନିଳିକଣା, କଳାମାଟିଆ, କୋରଡ, ଦେପୁର ଆଦି ଗ୍ରାମଦେଇ ଲକ୍ଷ୍ମୀ ବସ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ଥାନକୁ ଦୈନିକ ଯିବା ଆସିବା କରିଥାଏ । ଏହି ରାସ୍ତାରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହେବାରୁ ୨ଚକିଆ ଯାନରେ ଯିବା ମଧ୍ୟ କଷ୍ଟକର ହୋଇପଡିଲାଣି । ଗ୍ରାମ୍ୟ ଉନ୍ନୟନ ଅଧିନରେ ଏହି ରାସ୍ତାଟି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରାଯାଇଥିଲା । ବର୍ତ୍ତମାନ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାଟି ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରିଥିବାରୁ ଏହାର ଗୁରୁତ୍ୱ ବଢିଯାଇଛି । ରାଜ୍ୟ ସରକାର ବ୍ଲକ୍ ମୁଖ୍ୟାଳୟ ଓ ଜିଲ୍ଲା ସଦର ମହକୁମା ସହିତ ଗ୍ରାମାଞ୍ଚଳକୁ ସଂଯୋଗ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଏହାର ସଫଳ ରୂପାୟନ ଲୋକଙ୍କ ସେବାରେ ଜୁଟିବାତ ଦୂରର କଥା ବିଭାଗୀୟ ଅଧିକାରୀମାନଙ୍କ ଅପାରଗତା ଏବଂ ଠିକାଦାର ପ୍ରୀତି ଯୋଗୁ ଏହା ବାଟମାରଣା ହେଉଛି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆଳିଜଙ୍ଗା-ନାଗପୁର-ଗୋବରୀ ଘେରି ବନ୍ଧ ଏବଂ ଦେପୁର-ନିଳିକଣା ଘାଟ ରାସ୍ତା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରାଯାଇଥିଲା । ଏହି ରାସ୍ତାର ମୋଟ ଦୈର୍ଘ୍ୟ ୭ କି.ମି ୫୦୦ ମି. ହୋଇଥିବା ବେଳେ ଏହାର ବ୍ୟୟ ଅଟକଳ ରହିଥିଲା ପ୍ରାୟ ୪ କୋଟି ୭୨ ଲକ୍ଷ । ଗତ ୨୦୧୭ ଡିସେମ୍ବର ମାସରୁ ଏହି ରାସ୍ତା କାମ ଆରମ୍ଭ ହୋଇ ୨୦୧୮ ଜୁନ୍ ମାସ ସୁଦ୍ଧା ଏହି ରାସ୍ତାର କାର୍ଯ୍ୟ ଶେଷ ହେବା ପାଇଁ ଧାର୍ଯ୍ୟ ସମୟ ଥିଲା କିନ୍ତୁ ଏହା ବହୁ ବିଳମ୍ବରେ ସମ୍ପୂର୍ଣ୍ଣ ହୋଇଥିଲା । ଏହି ରାସ୍ତାଟି ଉପରେ ବାରୁଅ, କୋରୋ, ଓସ୍ତପୁର, କଂସାର ଆଦି ପଞ୍ଚାୟତର ହଜାର ହଜାର ଲୋକ ଜିଲ୍ଲା ମୁଖ୍ୟାଳୟକୁ ଆସିବାର ସୁଯୋଗ ପାଇବା ସହିତ ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ଆଦି ଅଞ୍ଚଳର ଲୋକେ ସହର ମଧ୍ୟକୁ ନଆସି ଉକ୍ତ ରାସ୍ତା ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜିଲ୍ଲା ସଦର ମହକୁମାକୁ ଯୋଗାଯୋଗ କରିପାରିବେ । ଫଳରେ ବର୍ତ୍ତମାନ ଏହି ରାସ୍ତାଟିରେ ଯିବା ଆସିବା କରିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡିଛି । ଅନେକ ସ୍ଥାନରେ ବଡ ବଡ ଗାତମାନ ସୃଷ୍ଟି ହେବା ଫଳରେ ବଡ ଗାଡି ଯିବା କଷ୍ଟକର ତିନି ଚକିଆ ପ୍ୟାସେଞ୍ଜର ଅଟୋ ଏବଂ ଅନ୍ୟ ଛୋଟ ଚାରି ଚକିଆ ଗାଡି ଯିବା ଆସିବାରେ ବାଧା ସୃଷ୍ଟି କରୁଛି । ଏହି ରାସ୍ତାର କିଛି ଅଂଶ ଢଳେଇ ଏବଂ ଅନ୍ୟ କିଛି ଅଂଶ ପିଚୁ ହୋଇଅଛି । ପ୍ରାୟ ୪ କୋଟି ଟଙ୍କାର କାମ ୫ ବର୍ଷ ଭିତରେ ଖରାପ ହୋଇଯାଇଛି । ଢଳେଇ ହୋଇଥିବା ଅଧିକାଂଶ ସ୍ଥାନରେ ରାସ୍ତା ଫାଟି ଆଁ କଲାଣି । ବିଶେଷ କରି କଟକ-ଚାନ୍ଦବାଲି ରାଜପଥର ବାରୁଅ ଛକ ନିକଟରୁ ନିଳିକଣା ଏବଂ ଦେପୁର ଦେଇ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ଏହି ରାସ୍ତାର ଗୁରୁତ୍ୱ ଅଧିକ ଅଟେ । ତିନି ମାସ ହେଲା ଲକ୍ଷ୍ମୀ ବସ୍ ଯାତାୟତ ବନ୍ଦ ହୋଇଯିବାରୁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି । ବିଶେଷ କରି ୫ଟି ପଞ୍ଚାୟତ ଯଥା କପାଳେଶ୍ୱର, ବାରୁଅ, କୋର, କଂସାର, ଓସ୍ତପୁର ଆଦି ପଞ୍ଚାୟତର ହଜାର ହଜାର ଲୋକ ଲକ୍ଷ୍ମୀ ବସ ସେବାରୁ ପ୍ରାୟ ତିନି ମାସ ହେବ ବଞ୍ଚିତ ହେବା ସହିତ ଜରୁରୀକାଳୀନ ଗାଡି ଯିବା ଆସିବା କରିପାରୁ ନାହିଁ । ଏହି ବିଷୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଯୋଗାଯୋଗ କରାଯିବାରୁ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ତୁରନ୍ତ କରାଯିବ ଏବଂ ବର୍ତ୍ତମାନ ଯାତାୟତ ପାଇଁ ମରାମତି କରାଯିବ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରାଜେଶ ପ୍ରଧାନ ସୂଚନା ଦେଇଛନ୍ତି । ତେଣୁ ଗୁରୁତ୍ୱପୂର୍ଣ୍ଣ ଏହି ରାସ୍ତାକୁ ତୁରନ୍ତ ମରାମତି କରାଇବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି ହେଉଛି ।

# ଅସୁରକ୍ଷିତ ଘରେ ଚାଲିଛି ହଂସୁଆ ଅଙ୍ଗନବାଡ଼ି କେନ୍ଦ୍ର



**ରାଜନଗର,୩୧।୭/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ କଣ୍ଡିରା ପଞ୍ଚାୟତ ହଂସୁଆ ଗ୍ରାମରେ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ । ହଂସୁଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ପୁରୁଣା ଆଜ୍‌ବେଷ୍ଟ ଘରେ ଅଙ୍ଗନବାଡି କେନ୍ଦ୍ର ଚାଲିଛି । ଏହି କେନ୍ଦ୍ରରେ ପ୍ରି-ସ୍କୁଲର ୧୭ଜଣ ଛାତ୍ରଛାତ୍ରୀ ଶିକ୍ଷାଗ୍ରହଣ କରୁଛନ୍ତି । ପ୍ରି-ସ୍କୁଲର ଛାତ୍ରଛାତ୍ରୀମାନେ ବିପଦ ସଙ୍କୁଳ ଅବସ୍ଥାରେ ପଢୁଥିବା ଆଜ୍‌ବେଷ୍ଟ ଘରଟି ଅସୁରକ୍ଷିତ ହୋଇପଡିଥିବା ଅଭିଯୋଗ ହୋଇଛି । ଗତ ସୋମବାର ଦିନ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ହଂସୁଆ ଗ୍ରାମରେ ଦୀର୍ଘଦିନ ହେବ ଅଙ୍ଗନବାଡି କେନ୍ଦ୍ର ଅଧାପନ୍ତରିଆ ଅବସ୍ଥାରେ ରହିଥିବା ନେଇ ଅଭିଯୋଗ ହୋଇଥିଲା । କେନ୍ଦ୍ରର ଗୃହ ନିର୍ମାଣ ଅଧାପନ୍ତରିଆ ଭାବରେ ପଡି ରହିଥିବା ବେଳେ ଠିକାସଂସ୍ଥା କାମ ନକରି ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ଏନେଇ ବାରମ୍ବାର ଅଭିଭାବକ ଓ ଗ୍ରାମବାସୀମାନେପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନଥିବା ନବକିଶୋର ମହାନ୍ତି, ସୁରେନ୍ଦ୍ର ପଡିହାରୀ, ବସନ୍ତ ଲେଙ୍କା, ଶିବରାମ ଦାସ, ଭକ୍ତ ରଞ୍ଜନ ଦାସ ପ୍ରମୁଖ ଅଙ୍ଗନବାଡି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଅଭିଯୋଗ କରିଛନ୍ତି ।

# କଳମଛୁଇଁ ସରସ୍ୱତୀ ଶିଶୁମନ୍ଦିରରେ ମାତୃ କର୍ମଶାଳା



**ତାଳଚେର,୩୧।୭/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ଓ ମୁଖ୍ୟବକ୍ତା ଭାବରେ ପ୍ରାନ୍ତଃ ପର୍ଯ୍ୟାୟ ପ୍ରମୁଖ ରୀତା ଭୂତିଆ ପ୍ରମୁଖ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର କୁନିଛାତ୍ରୀ ପ୍ରିୟାଂଶୀ ପ୍ରଧାନ ଭାଗବତ ଆବୃତି କରିଥିଲେ । ଶିଶୁ ବାଟିକା ପ୍ରମୁଖ ଆଚାର୍ଯ୍ୟା ଅର୍ଚ୍ଚନା ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରଧାନାଚାର୍ଯ୍ୟ ଶ୍ରୀ ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅତିଥିମାନେ ଶିଶୁର ଶାରିରୀକ,ବୌଦ୍ଧିକ ଓ ଶୈକ୍ଷିକ ବିକାଶରେ ମାଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ୮୨ଜଣ ମାଆ ଉପସ୍ଥିତ ଥିଲେ । ଏହାସହିତ ମାଆମାନଙ୍କୁ ଶାରିରୀକ, ପ୍ରାଣିକ ବିକାଶ, ମାନସିକ ବିକାଶ, ଅଙ୍କ ଜ୍ଞାନ, ସଂଖ୍ୟା ଓ ଅକ୍ଷର ପରିଚୟ ଆଦି ତାଲିମ ଦିଆଯାଇଥିଲା ।

# ପୁଲିସ୍ କବ୍‌ଜାରେ ୩ ଜୁଆଡ଼ି

**ରାଜନଗର,୩୧।୭/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡ ଅଭିରାମ ପରମହଂସଦେବଙ୍କ ଆଶ୍ରମ ପରିସରରେ ୧୧ଜଣ ଜୁଆ ଖେଳୁଥିବା ଖବର ପାଇ ଆଇଆଇସି ନରେଶକୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ୍ ଚଢଉ କରିଥିଲେ । ଏଏସ୍‌ଆଇ ଶିଶିର ସାହୁଙ୍କ ନେତୃତ୍ୱରେ ପୁଲିସ ଟିମ୍ ଚଢଉ କରି ତିନିଜଣ ଜୁଆଡିଙ୍କୁ ଧରିଥିବା ବେଳେ ୮ଜଣ ଖସି ଯିବାରେ ସକ୍ଷମ ହୋଇଥିଲେ । ପୁଲିସ ସେମାନଙ୍କଠାରୁ ୪ଟି ବାଇକ୍ ସହ ୧୪ହଜାର ୨୨୦ଟଙ୍କା ଜବତ କରିଥିଲେ । ରାଜନଗର ଥାନାରେ ୨୫୭/୨୫ରେ ମାମଲା ରୁଜୁ କରାଯାଇଛି । ଏଏସ୍‌ଆଇ ସଞ୍ଜିତ ସାହୁ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି ।

# ପ୍ରଫେସରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବଇଣ୍ଡା,୩୧।୭/ଏନ୍‌ଏନ୍‌ଏସ୍:** କିଶୋର ନଗର ବ୍ଲକ ଅନ୍ତର୍ଗତ ବଇଣ୍ଡା ଜନତା ମହାବିଦ୍ୟାଳୟରେ ଆଜି ପ୍ରଫେସର୍ କାଳନ୍ଦୀ ଚରଣ ପ୍ରଧାନଙ୍କୁ ଜନତା କଲେଜ ପରିସର ମଧ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ମହାବିଦ୍ୟାଳୟରେ ସେ ଦୀର୍ଘ ୩୭ ବର୍ଷ ଧରି ଅଧ୍ୟାପକ, ବରିଷ୍ଠ ଅଧ୍ୟାପକ, ପ୍ରାଧ୍ୟାପକ ଓ ଅଧ୍ୟକ୍ଷ ଭାବେ ଦ୍ୱାୟିତ୍ୱ ତୁଲେଇଥିଲେ । ସମ୍ବର୍ଦ୍ଧନା ସମାରୋହରେ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ଏବଂ ଅସିତ କୁମାର ଜେନା, ରବି ନାରାୟଣ ବେହେରା, ଚନ୍ଦ୍ରଶେଖର ସିଂହ, ନିରଞ୍ଜନ ଦାସ, ପ୍ରକାଶ କୁମାର ଗମାଙ୍ଗ, ଡା.ରାଜେନ୍ଦ୍ର କୁମାର, ରମାକାନ୍ତ କୁଲୁ, କାଳିଆ ସେଠୀ, ଲିପୁ ସେନାପତି, ଅଞ୍ଜନ ପ୍ରଧାନ, ଦୀପକ କୁମାର ବେହେରା, ତରଣୀସେନ ସାହୁ, ସୁମିତ୍ରା ସ୍ୱାଇଁ, ମଧୁସ୍ମିତା ସାହୁ, ସନ୍ଧ୍ୟା ରାଣୀ ପ୍ରମୁଖ ଅଧ୍ୟାପକ/ ଅଧ୍ୟାପିକା ଯୋଗଦେଇ ଶ୍ରୀ ସାମଲଙ୍କ ଶିକ୍ଷକତା ଜୀବନ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ ।

# ବନ୍ୟାଜଳରେ ଉବୁଟୁବୁ ୫ ପଞ୍ଚାୟତର ୧୪ ଗାଁ

**ରାଜନଗର,୩୧।୭/ଏନ୍‌ଏନ୍‌ଏସ୍:** ବ୍ରାହ୍ମଣୀରେ ବନ୍ୟାଜଳ ପ୍ରବାହିତ ଯୋଗୁଁ ଅନେକ ଗାଁ ଜଳବନ୍ଦୀ ହୋଇଯାଇଛି । ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତର ଚକିବାଙ୍କ, ଫିଁରିକିଦାଣ୍ଡି, ଦକ୍ଷିଣଦାଣ୍ଡି, ଗୋବିନ୍ଦପୁର, ସନ୍ଥପଡା, ଟାଙ୍ଗଣଡିଲା, ବନ୍ଧପଡା, ଓସ୍ତିଆ ପଞ୍ଚାୟତର ନଗଡ, ନଳଦିଆ, କଟକଣା, ବନ୍ଧପାଟଣା, ଓସ୍ତିଆ, ବେଲପାଳ ପଞ୍ଚାୟତ, ରାଜପୁର ପଞ୍ଚାୟତର ରାଜପୁର, ବାଲିଚନ୍ଦ୍ରପୁର, ଚନ୍ଦନପୁର ପ୍ରଭୃତି ୫ଟି ପଞ୍ଚାୟତର ୧୪ଟି ଗାଁ ଜଳବନ୍ଦୀ ହେବା ଫଳରେ ଲୋକମାନେ ପ୍ରଭାବିତ ହୋଇଛନ୍ତି । ବନ୍ୟାଜଳ ଅଧିକ ବୃଦ୍ଧି ପାଇନଥିବା ବେଳେ ବିଭିନ୍ନ ମନ୍ଦିର ବେଢାକୁ ପାଣି ପଶିଛି । ନଳକୂପଗୁଡିକ ପାଣିରେ ବୁଡି ରହିଛି । ଧାନଚାଷ ଉଜୁଡି ଯାଇଥିବା ବେଳେ ଲୋକମାନଙ୍କ ପାଇଁ ରିଲିଫ ମୁଠାଏ ବି ମିଳିନାହିଁ ।ସରକାର ବନ୍ୟାଞ୍ଚଳବାସୀଙ୍କ ଦୁଃଖକୁ ହୃଦୟଙ୍ଗମ କରି ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

**କିଡ୍‌ନୀ ରୋଗରେ ଆକ୍ରାନ୍ତ ଯୁବକ**

# ଅର୍ଥ ସାଜିଛି ବାଧକ

**କଙ୍କଡ଼ାହାଡ,୩୧।୭/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ଝିଲି ପଞ୍ଚାୟତ ତୋରଡାନାଳି ଗ୍ରାମର କେଦାରନାଥ ଦାସଙ୍କ ୩୭ ବର୍ଷୀୟ ପୁଅ ଯଦୁମଣି ଦାସ ଆଜି ଶଯ୍ୟାଶାୟୀ । ଯଦୁମଣି ଜଣେ ପେଶାରେ ଗାଡ଼ି ଡ୍ରାଇଭର ଥିବା ବେଳେ ଓଡ଼ିଶା ଡ୍ରାଇଭର ମହାସଂଘର ସଦସ୍ୟ ରହିଥିବା ଜଣାପଡିଛି । ଏହି କମ୍ ବୟସରେ ଯଦୁମଣି ନିଜର ଦୁଇଟି ଯାକ କିଡ୍‌ନି ହରାଇ ନିଜେ ଶଯ୍ୟାଶାୟୀ ଥିବା ବେଳେ ନିଜ ପରିବାର ପାଇଁ ମୁଣ୍ଡ ଉପରେ ଲଳିତା ବିଡା ହୋଇଯାଇଛନ୍ତି । ବର୍ତ୍ତମାନ କିଡ୍‌ନୀ ରୋପଣ କରିବା ପାଇଁ ପ୍ରଚୁର ଅର୍ଥ ସାଜିଛି ବାଧକ । ନିରୁପାୟ ହୋଇପଡ଼ିଛନ୍ତି ପରିବାର । ବର୍ତ୍ତମାନ ପରିସ୍ଥିତିରେ ଅନ୍ୟର ସହାୟତା ଲୋଡିଛନ୍ତି ଯଦୁମଣିଙ୍କ ପରିବାର । କିଡ୍‌ନୀ ପ୍ରତିରୋପଣ କରିବା ପାଇଁ ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ସହ ଅନ୍ୟର ସାହାଯ୍ୟ ସହଯୋଗ ଲୋଡିଛନ୍ତି ।

# ବରିଷ୍ଠ ଟେକ୍‌ନିସିଆନ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**କାମାକ୍ଷାନଗର,୩୧।୭/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟର ବରିଷ୍ଠ ଟେକ୍‌ନିସିଆନ ବିଜୟ କୁମାର ସେନାପତି ଗୁରୁବାର ନିଜର ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ସେ ବିର ସୁରେନ୍ଦ୍ର ସାଏ ମେଡିକାଲ କଲେଜରୁ ମେଡିକାଲ ଲାବ୍ରୋଟୋରୀ ଟେକ୍‌ନିସିଆନ ଶିକ୍ଷା ଶେଷ କରି ୮/୫/୧୯୯୦ ରିଖରେ ଖଜୁରିଆକଟା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାକିରି ଜୀବନ ଆରମ୍ଭ କରି ଜିଲାର ବିଭିନ୍ନ ଚିକିତ୍ସାଳୟରେ ଟେକ୍‌ନିସିଆନ ଭାବେ ସୁଚାରୁରୂପେ କାର୍ଯ୍ୟକରି ଚିକିତ୍ସା ବିଭାଗରୁ ସଫଳତାର ସହ ଅବସର ଗ୍ରହଣ କରିଛନ୍ତି । ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡା ଦିଗମ୍ବର ସାହୁ ବିଦାୟକାଳିନ ସମ୍ବର୍ଧନା ଉତ୍ସବର ଅଧ୍ୟକ୍ଷତା କରି କହିଥିଲେ ଚିକିତ୍ସା ବିଭାଗ ଜଣେ ସମୟାନୁବ୍ରିତା ଓ ନିସ୍ୱାର୍ଥପର ଓ କର୍ତବ୍ୟନିଷ୍ଠ ସେବା କର୍ମଚାରୀଙ୍କୁ ଚିକିତ୍ସା ବିଭାଗ ବିଦାୟ ଦେଇ ତାଙ୍କର ଅଭାବର ସମ୍ମୁଖୀନ ହେବ । ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀ ଉପସ୍ଥିତ ରହି ଶ୍ରୀ ସେନାପତିଙ୍କ ସୁଖମୟ ଜୀବନ କାମନା କରିଥିଲେ । ଚିକିତ୍ସାଳୟର କନିଷ୍ଠ ପରିଚାଳିକା ରଶ୍ମୀପ୍ରଭା ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଫାରମାସିଷ୍ଟ ମନୋଜ କୁମାର ରାଉଳ ସଂଯୋଜନା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ କାଉନସେଲର ପ୍ରଫୁଲ୍ଲ କୁମାର ସାହୁ, ଟେକନେସିଆନ ଶୁଭକାନ୍ତ ସାହୁ, ବିଜୟ କୁମାର ନାୟକ, ସୌମ୍ୟ ରଞ୍ଜନ ଦାସ, ଅମିତା ସାହୁଙ୍କ ସମେତ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।

# ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ସଂଘ ବୈଠକ



**କେନ୍ଦ୍ରାପଡ଼ା,୩୧।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ସଙ୍ଘର ସାଧାରଣ ପରିଷଦ ବୈଠକ ଗୁରୁବାର ପୂର୍ବାହ୍ନରେ ଇଛାପୁରସ୍ଥିତ ଯାତ୍ରୀନିବାସରେ ସଙ୍ଘର ଉପସଭାପତି ଦୁର୍ଯ୍ୟୋଧନ ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଷ୍ଟେଟବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ଭରତ ଗୋଛାୟତ ଓ ଷ୍ଟେଟବ୍ୟାଙ୍କରେ ବର୍ତ୍ତମାନ କାର୍ଯ୍ୟରତ ଥିବା ଅସ୍ଥାୟୀ କର୍ମଚାରୀ ହିମାଂଶୁଶେଖର ଦାଶଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯାଇ ସେମାନଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଙ୍ଘର ସାଧାରଣ ସମ୍ପାଦକ ଗଣେଶ୍ୱର ମେକାପ ବ୍ୟାଙ୍କ ପେନସନରର୍ସମାନଙ୍କ ଦୀର୍ଘ ବର୍ଷର ଦାବି ପେନସନ ଅପଡେଟେସନ, ବ୍ୟାଙ୍କ ପକ୍ଷରୁ ସ୍ୱାସ୍ଥ୍ୟବୀମା ରାଶି ପ୍ରଦାନ ଓ ଅନ୍ୟାନ୍ୟ ଦାବି ଗୁଡିକୁ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ସମସ୍ତ ବ୍ୟାଙ୍କ ପେନସନରର୍ସ ସଙ୍ଘ ପକ୍ଷରୁ ହେଉଥିବା ଆଜିର ଅନଶନ ଓ ଧାରଣାକୁ ପୂର୍ଣ୍ଣ ସମର୍ଥନ ଜଣାଇ କେନ୍ଦ୍ର ସରକାର ଓ ବ୍ୟାଙ୍କ କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାକୁ ପରିତ୍ୟାଗ କରି ଦାବି ଗୁଡିକ ତୁରନ୍ତ ପୁରଣ କରିବା ନିମନ୍ତେ ଦାବି କରାଯାଇଥିଲା । ସାଧାରଣ ସମ୍ପାଦକ ଶ୍ରୀ ମେକାପ ପେନସନରର୍ସମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ପରିଣତ ବୟସରେ ନିଜ ନିଜ ମଧ୍ୟରେ ସମନ୍ୱର ରକ୍ଷା ନିମନ୍ତେ ନିବେଦନ କରିଥିଲେ । ଏହି ଅବସରରେ ଆଗାମୀ ତିନିବର୍ଷ ନିମନ୍ତେ ସଙ୍ଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଙ୍ଘର ସଭାପତି ଭାବେ ମାଧବାନନ୍ଦ ମହାପାତ୍ର, ଉପସଭାପତି ଭାବେ ଦୁର୍ଯ୍ୟୋଧନ ସେଠୀ ଓ ସୌରପ୍ରସାଦ ତ୍ରିପାଠୀ, ସାଧାରଣ ସମ୍ପାଦକ ଭାବେ ଗଣେଶ୍ୱର ମେକାପ, ସହକାରୀ ସମ୍ପାଦକ ଭାବେ ନିତ୍ୟାନନ୍ଦ ସେଠୀ, କୋଷାଧ୍ୟକ୍ଷ ଭାବେ ଗୌରାଙ୍ଗ ଚରଣ ଦସାହୁ, ଆବାହକ ଭାବେ ପରମାନନ୍ଦ ସେଠୀ ଓ କ୍ଷୀରୋଦ ଚନ୍ଦ୍ର ବେହେରା, ଉପଦେଷ୍ଟା ଭାବେ ବିଜୟ କୁମାର ବରାଳ ଓ ହରିପଦ ପଣ୍ଡା, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ ଗୋଲକ ବିହାରୀ ବେହେରା, ଉଦୟନାଥ ସାହୁ, ନବକିଶୋର ପଣ୍ଡା ଓ ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ବୈଠକରେ ଶରତ କୁମାର ମୁଦୁଲି, ରାମଚନ୍ଦ୍ର ସେଠୀ, ଅଜୟ କୁମାର ନାୟକ, ପ୍ରଭାକର ନାୟକ, ସୁବାସ ଚନ୍ଦ୍ର ବରାଳ, ଭୀମସେନ ଦାସ, ଅତୁଲ ଚନ୍ଦ୍ର ଗିରି, ବିଜୟ କୁମାର ନାୟକ, ପ୍ରହଲ୍ଲାଦ ମହାରଣା, ରବିନ ଗୋଛାୟତ, ମହେନ୍ଦ୍ର କୁମାର ମିଶ୍ର ଓ ସୁନାକର ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ କୋଷାଧ୍ୟକ୍ଷ ଗୌରାଙ୍ଗ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କମୁଛି ବ୍ରାହ୍ମଣୀରେ ଜଳସ୍ତର



**ଧର୍ମଶାଳା,୩୧।୭/ଏନ୍‌ଏନ୍‌ଏସ୍:** ଉପରମୁଣ୍ଡରେ ଭାରି ବର୍ଷା ଯୋଗୁଁ କିଛି ଦିନ ହେଲା ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ ଏବେ ନଦୀର ଜଳସ୍ତର ଧିରେ ଧିରେ କମିବାରେ ଲାଗିଛି । ଫଳରେ ନଦୀକୁଳିଆ ଲୋକମାନେ ଆସ୍ୱସ୍ତି ଲାଭ କରିଛନ୍ତି । ରେଙ୍ଗାଲି ଡ୍ୟାମ୍‌ରେ ୧୨୩.୫୦ ମିଟର ଜଳଧାରଣ କ୍ଷମତା ରହିଥିବା ବେଳେ କିଛି ଦିନ ତଳେ ଡ୍ୟାମ୍‌ରେ ୧୨୧ ଉପରେ ବନ୍ୟାଜଳ ରହିଥିଲା । ଫଳରେ ଡ୍ୟାମ୍ କର୍ତ୍ତୃପକ୍ଷ ନଦୀରେ ବନ୍ୟାଜଳ ନିଷ୍କାସନ ପାଇଁ ୩ ଗୋଟି ଗେଟ୍ ଖୋଲିବାକୁ ବାଧ ହୋଇଥିଲେ । ଫଳରେ ନଦୀର ଜେନାପୁର ଠାରେ ୬୩ ଫୁଟ୍ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିଲା । ଲାଗାତାର ଭାବେ ୪ଦିନ କାଳ ଏଭଳି ପରିସ୍ଥିତି ଲାଗିରହିବା ପରେ ଉପରମୁଣ୍ଡରେ ବର୍ଷା କମିବା ଫଳରେ ଡ୍ୟାମ୍ କର୍ତ୍ତୃପକ୍ଷ ଗତକାଲି ଗୋଟିଏ ଗେଟ୍ ବନ୍ଦ କରିଥିବା ବେଳେ ଆଜି ଆଉ ଏକ ଗେଟ୍‌କୁ ବନ୍ଦ କରିଥିବା ଜଣାପଡିଛି । ପ୍ରକୃତ ପକ୍ଷେ ଅଗଷ୍ଟ ୧ ସୁଦ୍ଧା ରେଙ୍ଗାଲି ଡ୍ୟାମ୍‌ରେ ୧୧୫.୮୫ ମିଟର ବନ୍ୟାଜଳ ମହଜୁଦ ରହିବା ପରିବର୍ତ୍ତେ ଚଳିତଥର ସମାନ ଦିନରେ ୧୨୦ ମିଟର ପାଖାପଖି ବନ୍ୟାଜଳ ମହଜୁଦ ରହିଛି । ଡ୍ୟାମ୍‌ର ୨ଟି ଗେଟ୍ ବନ୍ଦ ହେବା ଫଳରେ ନଦୀରେ ଧିରେ ଧିରେ ବନ୍ୟାଜଳ ହ୍ରାସ ପାଇବାକୁ ଲାଗିଛି । ଗତକାଲି ଜେନାପୁର ଠାରେ ବନ୍ୟାଜଳ ୬୩ ଫୁଟ୍ ଉପରେ ପ୍ରବାହିତ ହେଉଥିବା ବେଳେ ଆଜି ସନ୍ଧ୍ୟା ସୁଦ୍ଧା ଜେନାପୁର ଠାରେ ୬୧.୭୦ ଫୁଟ୍‌ରେ ବନ୍ୟାଜଳ ପ୍ରବାହିତ ହେଉଛି । ବ୍ରାହ୍ମଣୀରେ ବନ୍ୟାଜଳ କମିବା ଫଳରେ ନଦୀ କୁଳିଆ ଲୋକେ ଆସ୍ୱସ୍ତି ଅନୁଭବ କରିଛନ୍ତି ।ଗତକାଲି ସୁଦ୍ଧା ଜେନାପୁର ଠାରେ ୬୧ ଫୁଟ୍ ତଳେ ବନ୍ୟାଜଳ ପ୍ରବାହିତ ହେବା ନେଇ ଆଶଙ୍କା କରାଯାଇଛି । ଡ୍ୟାମରେ ଏବେ ଯେତେ ପରିମାଣରେ ବନ୍ୟାଜଳ ପ୍ରବେଶ କରୁଛି ସମପରିମାଣରେ ନିଷ୍କାସିତ ହେଉଥିବା ସୁତ୍ରରୁ ଜଣାପଡିଛି । ବ୍ରାହ୍ମଣୀ ନଦୀରେ ଲଗାତାର ଭାବେ ୨ଥର ବନ୍ୟା ଆସି କମି ଯାଇଥିବା ବେଳେ ଏବେ କିଛି ଦିନ ପାଇଁ ବନ୍ୟା ଅଶଙ୍କା ଦୂର ହୋଇଛି । ତେବେ ଆଗକୁ ରାଖୀ ପୂର୍ଣ୍ଣିମା ରହିଥିବାବେଳେ ସମୁଦ୍ର ଜୁଆରିଆ ରହିବା ସହିତ ନଦୀଜଳ ନିଷ୍କାସନ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ତେବେ ଏହି ସପ୍ତାହକ ମଧ୍ୟରେ ବଡଧରଣର ଲଘୁଚାପ ହେଲେ ବ୍ରାହ୍ମଣୀରେ ବଡଧରଣର ବନ୍ୟା ଆସିବା ନେଇ ଆଶଙ୍କା କରାଯାଇଛି । ତେବେ ଏହି ଆଶଙ୍କାକୁ ନେଇ ସାଧାରଣରେ ଭୟଭିତ ହେବାର କୌଣସି କାରଣ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ଠିକା କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

**ତାଳଚେର,୩୧।୭/ଏନ୍‌ଏନ୍‌ଏସ୍:** ଗତକାଲି ରାତିରେ ବଳରାମ କୋଇଲା ଖଣିର କେସିସିରେ ଠିକାକର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ସନ୍ଦିପ ମାନସିଂ (୩୭) ନିଜ କାର୍ଯ୍ୟାଳୟ ପରିସରରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିବା ଘଟଣା ସେଠିକାର ଅଞ୍ଚଳବାସୀଙ୍କ ସନ୍ଦେହ ଘେରକୁ ଟାଣି ନେଇଛି । ସେ ଦୀର୍ଘବର୍ଷ ବଳରାମ କୋଇଲା ଖଣିରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ସେ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅଞ୍ଚଳର ବାସୀନ୍ଦା ହୋଇଥିବା ବେଳେ ଦୀର୍ଘବର୍ଷ ବଳରାମ ଖଣିରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ ତୁଲାଉଥିଲେ । ମାତ୍ର ଗତକାଲି ସେ ପ୍ରାୟ ରାତ୍ରୀ ୯.୩୦ ମିନିଟ୍‌ରେ ତାଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ବେକରେ ରଶିଦେଇ କିଛି ସମୟ ଲଟକି ରହବା ପରେ କୁଆଡ଼େ ଉକ୍ତ କମ୍ପାନୀର କର୍ମଚାରୀମାନେ ପହଞ୍ଚି ବେକରୁ ରଶି ଖୋଲି ତଳକୁ ଓହ୍ଲାଇ ପ୍ରାୟ ରାତି ୨ଟାରେ ଅତି ତରବରିଆ ଭାବେ ପୁଲିସକୁ ନଜଣାଇ ତାଳଚେର ମଣ୍ଡାପାଳ ଡାକ୍ତରଖାନାକୁ ଆଣିଥିଲେ ବୋଲି ସ୍ଥାନୀୟବାସୀଙ୍କ ସୂତ୍ରରୁ ଜଣାପଡ଼ିଛି । ସେଠିକାର ଅଞ୍ଚଳବାସୀ ଏହା ପ୍ରେମ ଜନିତ ହୋଇଛି ବୋଲି କହୁଥିବା ବେଳେ ଆଉ କେହି ମାନସିକ ଭାରସ୍ୟାମ ହରାଇ ଏପରି କରିଛନ୍ତି ବୋଲି ଚର୍ଚ୍ଚା ହେଉଛି । ହିଙ୍ଗୁଳା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ କରି ଅଧିକ ତଦନ୍ତ ପୁଲିସ୍ ଚଳାଇଥିବା ଜଣାପଡ଼ିଛି ।

# ସ୍କାଉଟ୍ସ ସଂଗଠନରେ ମୁଖ୍ୟ କମିଶନରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଯାଜପୁର,୩୧।୭/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ଭାରତ ସ୍କାଉଟ୍ ଗାଇଡ୍ସ ଭବନରେ ନୂତନ ଭାବେ ଯୋଗଦାନ କରିଥିବା ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କୁ ଜିଲ୍ଲା ସଂଗଠନ ତରଫରୁ ସ୍ୱାଗତ ଜଣାଇବା ସହିତ ଜିଲ୍ଲା ମୁଖ୍ୟ କମିଶନର ଭାବେ ଶପଥପାଠ କରାଯାଇଥିଲା ।ସେହିପରି ନୂତନ ଭାବେ ଯୋଗଦାନ କରିଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଷମା ମହାପାତ୍ରଙ୍କୁ ମଧ୍ୟ ସ୍ୱାଗତ କରାଯାଇଥିଲା । ଏହି ବୈଠକରେ ଜିଲ୍ଲା ସଂଗଠନରେ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଜିଲ୍ଲା ମୁଖ୍ୟ କମିଶନରଙ୍କୁ ଜଣାଇ ଦିଆଯାଇଥିଲା ।ସଂଗଠନକୁ ଆହୁରି ସୁଦୃଢ଼ ଏବଂ କ୍ରିୟାଶୀଳ କରିବା ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବେ ବୋଲି ଶ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିଲେ । ସ୍ୱତଃପ୍ରବୃତ୍ତ ହୋଇ ସେବା ଯୋଗାଇବା ପାଇଁ ସମସ୍ତ ସ୍କାଉଟ୍ସ ଗାଇଡ୍ସ ସ୍କାଉଟ୍ ମାଷ୍ଟର, ଗାଇଡ୍‌ସ କ୍ୟାପଟେନ୍ ଓ ସମସ୍ତ ସଦସ୍ୟମାନଙ୍କୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମହାପାତ୍ର ଆହ୍ୱାନ ଦେଇଥିଲେ । ଏହି ଉତ୍ସବରେ ଜିଲ୍ଲା କମିଶନର ରବିପ୍ରସାଦ ସାମଲ, ଜିଲ୍ଲା ମୁଖ୍ୟାଳୟ କମିଶନର ବିଶ୍ୱମ୍ଭର ମିଶ୍ର, ସଭ୍ୟ ମିହିର ରଞ୍ଜନ ନାୟକ, ସ୍ୱପ୍ନାରାଣୀ ପତି, ସଂଯୁକ୍ତା ମହାପାତ୍ର, ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ପଣ୍ଡା, ନିରଞ୍ଜନ ସାମଲ, ଗୀତାରାଣୀ ସାମଲ ଅତିରିକ୍ତ ଜିଲ୍ଲା ସଂଗଠକ କମିଶନର ଜୟଶ୍ରୀ ସାମଲ, ଶିକ୍ଷକ ରାଜେଶ କୁମାର ସେଠୀ, ସ୍କାଉଟ୍ସ ମାଷ୍ଟର, ଗାଇଡ୍ସ କ୍ୟାପ୍‌ଟେନ୍ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ସଂଯୋଜକ ଅବିନାଶ ଖୁଣ୍ଟିଆ, ଏହି ସଭାକୁ ପରିଚାଳନା କରିଥିଲେ । ଶେଷରେ ସଂଯୁକ୍ତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ୧ରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ

**ଭୁବନେଶ୍ୱର,୩୧।୭/ଏନ୍‌ଏନ୍‌ଏସ୍:** ଶିଶୁମାନଙ୍କୁ ସୁସ୍ଥ ଭବିଷ୍ୟତ ପ୍ରଦାନ କରିବା ପାଇଁ ସ୍ତନ୍ୟପାନ ସମର୍ଥନକୁ ସୁଦୃଢ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଅଗଷ୍ଟ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଳନ ହେଉଥିବା ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ୟୁନିସେଫ୍ ସହଭାଗିତାରେ ଏକ ସୁସ୍ଥ ପିଢ଼ି ଗଠନ ପାଇଁ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରିଛି। ଏହି ଉପଲକ୍ଷେ ଗୁରୁବାର ବିଭାଗର ସମ୍ମିଳନୀ କକ୍ଷରେ ଏକ ଗଣମାଧ୍ୟମ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ସ୍ତନ୍ୟପାନର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇ ସାରା ଓଡ଼ିଶାରେ ସ୍ତନ୍ୟପାନ ପାଇଁ ଉନ୍ନତ ସହାୟକ ବ୍ୟବସ୍ଥାର ଆହ୍ୱାନ ଦିଆଯାଇଥିଲା। ଏହି ବର୍ଷର ବିଷୟବସ୍ତୁ, 'ସ୍ତନ୍ୟପାନକୁ ପ୍ରାଥମିକତା ଦିଅନ୍ତୁ: ନିରନ୍ତର ସହାୟତା ପ୍ରଦାନର ବ୍ୟବସ୍ଥା କରନ୍ତୁ/ ସ୍ତନ୍ୟପାନରେ ନିବେଶ, ଭବିଷ୍ୟତ ପାଇଁ ନିବେଶ' ଶିଶୁଙ୍କୁ ଜୀବନର ସର୍ବୋତ୍ତମ ଆରମ୍ଭ ପ୍ରଦାନ କରିବା ପାଇଁ ପରିବାର, ସାମାଜିକ ଗୋଷ୍ଠୀ ଏବଂ ନୀତିନିର୍ମାତାଙ୍କ ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲା। ୟୁନିସେଫ୍ ଓଡ଼ିଶା ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ବିଶ୍ୱ ଓ ରାଜ୍ୟସ୍ତରରେ ସ୍ଥାୟୀ ସ୍ତନ୍ୟପାନ ସହାୟତା ବ୍ୟବସ୍ଥା ସୃଷ୍ଟି ପାଇଁ ଆବଶ୍ୟକ ରଣନୀତି ଉପରେ ଆଲୋକପାତ କରିଥିଲେ। ଶିଶୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ଆଦିତ୍ୟ ମହାପାତ୍ର, ମା ଓ ଶିଶୁ ଉଭୟଙ୍କ ପାଇଁ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ପୋଷଣ ଯୁଗ୍ମ ନିର୍ଦ୍ଦେଶକ ଡ଼ଃ ସ୍ମୃତିଜିତ୍ ପଟ୍ଟନାୟକ ବିଭାଗର ବ୍ୟାପକ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

'ସକ୍ଷମା'ର ତୃତୀୟ ବୈଠକ

# ହସ୍ପିଟାଲ୍‌ରେ ଭିନ୍ନକ୍ଷମଙ୍କୁ ଦିଆଯାଉ ଅଗ୍ରାଧିକାର




**ଭୁବନେଶ୍ୱର,୩୧।୭/ଏନ୍‌ଏନ୍‌ଏସ୍:** ସତ୍ୟନଗରସ୍ଥିତ, ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟାଳୟରେ ଥିବା ସମ୍ମିଳନୀ କକ୍ଷରେ 'ସକ୍ଷମା'ର ତୃତୀୟ ବୈଠକ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅତିରିକ୍ତ ନିର୍ଦ୍ଦେଶକ (ଜନସ୍ୱାସ୍ଥ୍ୟ), ଡଃ ରେଖା ଭଗତ ଓଡ଼ିଶା ରାଜ୍ୟର ଭିନ୍ନକ୍ଷମମାନଙ୍କୁ ୟୁଡିଆଇଡି କାର୍ଡ ଯୋଗାଇଦେବା ଉପରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ ଓ ବଳକା ରହିଯାଇଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଏହା କିପରି ଶୀଘ୍ର ପ୍ରଦାନ କରାଯାଇ ପାରିବ ତାହା ଉପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବିଚାର କରୁଛନ୍ତି ବୋଲି କହିଥିଲେ। ହସ୍ପିଟାଲଗୁଡିକରେ ଭିନ୍ନକ୍ଷମ ରୋଗୀମାନଙ୍କୁ ଧାଡିରେ ଆସିବାକୁ ନ କହି ଆଇନ ତଥା ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଅଗ୍ରାଧିକାର ଦିଆଯାଉ ବୋଲି ଭିନ୍ନକ୍ଷମ ଆୟୁକ୍ତ ମତ ରଖିଥିଲେ।

ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ଡଃ ଅରବିନ୍ଦ ମହାନ୍ତି ସରକାରୀ ଯୋଜନା ସମ୍ବନ୍ଧରେ ସବିଶେଷ ତଥ୍ୟ ଓ ଭିନ୍ନକ୍ଷମମାନଙ୍କ ବ୍ୟବହର ପାଇଁ ଉଦ୍ଦିଷ୍ଟ ଉପକରଣଗୁଡିକୁ ସେମାନଙ୍କ ନିକଟରେ ସହଜରେ ପହଞ୍ଚାଇବା ପାଇଁ ପ୍ରତି ବ୍ଲକରେ ଏକ ସୁବିଧା କେନ୍ଦ୍ର ଖୋଲିବା ଉପରେ ଦୃଢମତ ପୋଷଣ କରିଥିଲେ। ଏସ୍‌ଭିନିରତାର୍‌ର ନିର୍ଦ୍ଦେଶକ ଡଃ ପତିତପାବନ ମହାନ୍ତି ଭିନ୍ନକ୍ଷମମାନଙ୍କ ନିମନ୍ତେ ଏସ୍‌ଭିନିରତାର୍‌ରରେ ଉପଲବ୍ଧ ବିଭିନ୍ନ ଯୋଜନା ଓ ପ୍ରଶିକ୍ଷଣ କାର୍ଯ୍ୟାକ୍ରମ ବିଷୟରେ ସୂଚନା ଦେଇଥିଲେ। ଭିନ୍ନକ୍ଷମ ଆୟୁକ୍ତଙ୍କ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ଏସସିବି ମେଡ଼ିକାଲ କଲେଜ ଇଏନ୍‌ଟି ମୁଖ୍ୟ ପ୍ରଫେସର ସ୍ମୃତି ସ୍ୱାଇଁ ଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଭିନ୍ନକ୍ଷମ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

ନିର୍ମାଣାଧୀନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ସମୀକ୍ଷା

# ଓଡ଼ିଶାର ପ୍ରଗତିକୁ ଦ୍ରୁତତର କରିବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ



**ଭୁବନେଶ୍ୱର,୩୧।୭/ଏନ୍‌ଏନ୍‌ଏସ୍:** ଓଡ଼ିଶାର ପ୍ରଗତିକୁ ଦ୍ରୁତତର କରିବା ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନେଇ ସରକାର ଲକ୍ଷ୍ୟରଖିଥିବା ବେଳେ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପଡ଼ିବ। ଏଥିପାଇଁ ଜାତୀୟ ରାଜପଥ ଠାରୁ ଆରମ୍ଭ କରି ବିଭାଗ ଅଧୀନରେ ଥିବା ବିଭିନ୍ନ ରାସ୍ତା, ସେତୁ ଓ କୋଠାବାଡ଼ିଗୁଡ଼ିକ ଗୁଣବତ୍ତା ଓ ସମୟ ଅବଧି ମଧ୍ୟରେ କାର୍ଯ୍ୟ ପରିସମାପ୍ତିକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିପାଇଁ ବିଭାଗରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ସମୟ ସହିତ ତାଳ ଦେଇ ଅପଡେଟ ହେବ ସହ ଅଧୁନିକ ଜ୍ଞାନକୌଶଳ ତଥା କୃତ୍ରିମ ବୁଦ୍ଧିମତାକୁ ଆପଣାଇବାକୁ ପଡ଼ିବ ବୋଲି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି।

ଆଜି ପୂର୍ତ୍ତ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକସେବା ଭବନ କନଭେନସନ ହଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୫୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ନିର୍ମାଣାଧୀନ ପ୍ରକଳ୍ପର ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି ଯେ ବିଭିନ୍ନ ରାସ୍ତା ଘାଟ ତଥା କୋଠାବାଡ଼ିର ନିର୍ମାଣ ସହିତ ଏହାର ମରାମତିକୁ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିପାଇଁ ବିଭାଗର ଇଞ୍ଜିନିୟର ମାନଙ୍କୁ ସେମାନଙ୍କ କାର୍ଯ୍ୟ ଶୈଳୀରେ ଉନ୍ନତି ଆଣିବାକୁ ପଡ଼ିବ। ଏହି ଅବସରରେ ମନ୍ତ୍ରୀ 'ସେତୁ ମରାମତି ନୀତି'କୁ ଉନ୍ମୋଚିତ କରିଥିବା ବେଳେ ଖୁବଶୀଘ୍ର 'ରାସ୍ତା ମରାମତି ନୀତି' ଆସିବାକୁ ଯାଉଛି ବୋଲି କହିଥିଲେ। ବୈଠକରେ ପୂର୍ତ୍ତବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଯୋଗ ଦେଇ କହିଥିଲେ ଯେ ଆଗକୁ ବଢ଼ିବାକୁ ହେଲେ ପାରମ୍ପରିକ କାର୍ଯ୍ୟଶୈଳୀକୁ ଛାଡ଼ି ଯୁଗୋପଯୋଗୀ ହେବାକୁ ପଡ଼ିବ। ଏହି ଅବସରରେ ମନ୍ତ୍ରୀ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ବ୍ରହ୍ମପୁର ବାଇପାସ୍, ଖୋର୍ଦ୍ଧା ବାଇପାସ୍, ଖରିଆର ଆରଓବି, ପୁରୀ-କୋଣାର୍କ ରାସ୍ତାରେ ଥିବା ମାଟିଆପଡ଼ା ଆରଓବି, ନୟାଗଡ଼ ବାଇପାସ୍, ୪ ଲେନ୍ ବିଶିଷ୍ଟ କେସିଙ୍ଗା-ଜୟପୁର ଟାଉନ୍ ବାଇପାସ୍ ଆରଓବି, ବଲାଙ୍ଗୀରି ବାଇପାସ୍, ଟିଟିଲାଗଡ଼ ବାଇପାସ୍, ବୈତରଣୀ ନଦୀ ଉପରେ ହାଇ ଲେବୁଲ ସେତୁ, ତେଲ ନଦୀ ଉପରେ ନିର୍ମାଣାଧୀନ ହାଇଲେବୁଲ ସେତୁ, କନ୍ଦରପୁର ବାଲିକୁଦା ରାସ୍ତା, ବ୍ରହ୍ମପୁର ରିଙ୍ଗରୋଡ଼, କଟକ ରିଙ୍ଗରୋଡ଼ ଏସ୍‌ସିବି ପ୍ରକଳ୍ପ, ପୁରୀ ସହରର ବିଭିନ୍ନ ପ୍ରକଳ୍ପ ତଥା ମା'ସାରଳା, କଟକ ଚଣ୍ଡୀ ମନ୍ଦିର ଆଦି ପ୍ରମୁଖ ମନ୍ଦିର ଉନ୍ନତି ଏବଂ ବିଭିନ୍ନ କ୍ରୀଡ଼ା ଉନ୍ନୟନ ପ୍ରକଳ୍ପ ଯଥା ନୟାଗଡ଼, ବାଲେଶ୍ୱର,

### 'ରାସ୍ତା ମରାମତି ନୀତି' ଖୁବ୍‌ଶୀଘ୍ର:ମନ୍ତ୍ରୀ

ଝାରସୁଗୁଡା ଓ ଯାଜପୁର ସ୍ୱିମିଙ୍ଗ ପୁଲ ଆଦି ୫୦ କୋଟିରୁ ଉର୍ଦ୍ଧ୍ୱ ନିର୍ମାଣାଧୀନ କୋଠାବାଡ଼ି, ରାସ୍ତା, ସେତୁ ଓ ଜାତୀୟ ରାଜପଥ ପ୍ରକଳ୍ପ ଆଦିର ସମୀକ୍ଷା କରିଥିଲେ। ଏହି ବୈଠକରେ ଇଆଇସି ସିଭିଲ ସତ୍ୟବ୍ରତ ବେହେରା, ଏଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଏଲ. କେ. ପାଢ଼ୀ, ଓବିସିସି ପରିଚାଳନା ନିର୍ଦ୍ଦେଶକ ସମୀର ହୋତାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ବିଭିନ୍ନ ଜୋନର ଅଧିକ୍ଷଣ ଯନ୍ତ୍ରୀ ଏବଂ ନିର୍ମାଣ ସଂସ୍ଥା ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଅନ୍ତ୍ୟୋଦୟ ଗୃହ ଯୋଜନା: ୪ ମାସ ମଧ୍ୟରେ ଗୃହନିର୍ମାଣ ସମ୍ପୂର୍ଣ୍ଣ

**ଭୁବନେଶ୍ୱର,୩୧।୭/ଏନ୍‌ଏନ୍‌ଏସ୍:** ଭବାନୀପାଟଣା ବ୍ଲକ୍‌ର ବୋରଡ଼ା ପଞ୍ଚାୟତ ଅନ୍ତର୍ଗତ ଫପସୀ ଗ୍ରାମର ନିବାସୀ ଦିଗମ୍ବର ଠେଲା ଯିଏ କି ଶତପ୍ରତିଶତ ଦୃଷ୍ଟିବାଧିତ ଦିବ୍ୟାଙ୍ଗ ଅଟନ୍ତି , କାର୍ଯ୍ୟାଦେଶର ଚାରିମାସ ମଧ୍ୟରେ ତାଙ୍କର ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନିର୍ମାଣ ଶେଷ ହୋଇଛି। ଗତ ୩୦ ମାର୍ଚ୍ଚରେ ମୁଖ୍ୟମନ୍ତ୍ରୀଙ୍କ କରକମଳରୁ ରିସିଗାଁଠାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଶ୍ରୀ ଠେଲାଙ୍କୁ ପ୍ରଥମ କାର୍ଯ୍ୟାଦେଶ ଦିଆଯାଇଥିଲା। ଏହି ଗୃହ ତାଙ୍କ ପାଇଁ ଏକ ନିରାପଦ ଆଶ୍ରୟସ୍ଥଳ ହେବା ସହିତ ଆତ୍ମବିଶ୍ୱାସ, ଗର୍ବ ଓ ଗୌରବର ଅନୁଭୂତି ଆଣିପାରିଛି। ଅନ୍ତ୍ୟୋଦୟ ଗୃହ ଯୋଜନା ମାଧ୍ୟମରେ ରାଜ୍ୟ ସରକାର ଯେପରି ସମାଜର ଅନ୍ତିମ ସୋପାନର ଲୋକଙ୍କ ନିକଟକୁ ମଧ୍ୟ ସମସ୍ତ ସରକାରୀ ସେବା ଯୋଗାଇ ଦେଉଛନ୍ତି , ତାହାର ଏକ ଉଦାହରଣ ପାଲଟିଛି। ରାଜ୍ୟବାସୀଙ୍କ ଆବଶ୍ୟକତାକୁ ହୃଦୟଙ୍ଗମ କରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପ୍ରଣୀତ ହୋଇଥିଲା ଅନ୍ତ୍ୟୋଦୟ ଗୃହ ଯୋଜନା। ହିତାଧିକାରୀ ତାଲିକାକୁ ଆହୁରି ସମାବେଶୀ କରିବା ପାଇଁ ବିଭିନ୍ନ ଦିବ୍ୟାଙ୍ଗ ବର୍ଗର ଗୃହହୀନ କିମ୍ବା କଚ୍ଚା ଘରେ ବାସ କରୁଥିବା ପରିବାର ଏହି ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହେବାର ପ୍ରାବଧାନ ରହିଛି। ଏହା ମଧ୍ୟରେ ପ୍ରାକୃତିକ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟରେ ଅଥବା ହାତୀ ଉପଦ୍ରବରେ ସମ୍ପୂର୍ଣ୍ଣ / ଭୀଷଣ ଭାବରେ ପ୍ରଭାବିତ ପରିବାର, ସରକାରୀ ପ୍ରକଳ୍ପ ସ୍ଥାନାନ୍ତରଣ ଆବଶ୍ୟକ କରୁଥିବା ସଂରକ୍ଷିତ ଅଞ୍ଚଳରେ ବସବାସ କରୁଥିବା ପରିବାର, ମୁଖ୍ୟ ଉପାର୍ଜନକାରୀ ଅତି କମ୍‌ରେ ୪୦% ପ୍ରତିଶତ ଶାରୀରିକ ଭିନ୍ନକ୍ଷମ ଥିବା ପରିବାର, ନାବାଳକ ସନ୍ତାନ ଥିବା ବିଧବା ମହିଳା, ପରିବାରର ମୁଖ୍ୟ ଗୁରୁତର ରୋଗରେ ଆକ୍ରାନ୍ତ ଥିବା ପରିବାର, କୁଷ୍ଠ ରୋଗରୁ ମୁକ୍ତ, ମୁକ୍ତ ଗୋଟି ଶ୍ରମିକ, ଶହୀଦ ପରିବାର, ଜାତୀୟ ପୁରସ୍କାରପ୍ରାପ୍ତ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ତୁରନ୍ତ ଗୃହ ଆବଶ୍ୟକ କରୁଥିବା ପରିବାର ରହିଛନ୍ତି। ବାସଗୃହ ହେଉଛି ମଣିଷର ମୌଳିକ ଆବଶ୍ୟକତା। ତେଣୁ ଯୋଗ୍ୟ ହିତାଧିକାରୀଙ୍କୁ ବାସଗୃହ ଯୋଗାଇବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ଉକ୍ତ ଯୋଜନାଗୁଡ଼ିକ ଅନୁସାରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ଆହୁରି ସମାବେଶୀ କରି ସରକାରୀ ସେବା ଯୋଗାଇବା ପାଇଁ ଓଡ଼ିଶା ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନା ବିଶେଷ ସହାୟକ ହେଉଛି ବୋଲି ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରକାଶ କରିଛନ୍ତି।

# 'ପ୍ରଯୁକ୍ତି ବିଦ୍ୟା ସହାୟତାରେ ପ୍ରତିଭା ନିର୍ମାଣ କରିବାକୁ ସରକାର ପ୍ରତିବଦ୍ଧ'



**ଭୁବନେଶ୍ୱର,୩୧।୭/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ସିଙ୍ଗାପୁର ସ୍ଥିତ ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ୍ ଟେକ୍ନୋଲୋଜି ନେଟୱାର୍କ ସହଭାଗିତାରେ ସମନ୍ୱିତ ଗ୍ଲୋବାଲ୍ ଫାଇନାନ୍ସିଆଲ୍ ଟେକ୍ନୋଲୋଜି କ୍ଷମତା ହବ୍‌ର ଆନୁଷ୍ଠାନିକ ଶୁଭାରମ୍ଭ ଆସନ୍ତା ଅଗଷ୍ଟ ୨୧ରେ ଅନୁଷ୍ଠିତ ହେବ। ଏ ସଂପର୍କରେ କୃଷି ଭବନସ୍ଥିତ ଅଡ଼ିଟୋରିଅମରେ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି।

ଓଡ଼ିଶାର ଯୁବକଯୁବତୀମାନଙ୍କ ଦକ୍ଷତା ଯେତେ ବୃଦ୍ଧି ହେବ ଓଡ଼ିଶାର ଅର୍ଥନୀତି ସେତେ ସୁଦୃଢ ହେବ। ୧.୮ ଟ୍ରିଲିୟନ ଡଲାର କ୍ଷମତା ବିଶିଷ୍ଟ ବିଶ୍ୱ ଡିଜିଟାଲ୍ ଅର୍ଥନୀତିର ଏକ ଅଗ୍ରଣୀ ଅଂଶୀଦାର ହେବା ପାଇଁ ଆମେ ଆମ ଯୁବକଯୁବତୀଙ୍କୁ ପ୍ରସ୍ତୁତ କରୁଛୁ, ବିଶ୍ୱସ୍ତରରେ ଡିଜିଟାଲ୍ ପ୍ରତିଭା କେନ୍ଦ୍ର ଭାବରେ ଓଡ଼ିଶାର ଭୂମିକାକୁ ଏହି ଭବିତବ୍ୟ ପଦକ୍ଷେପ ସୁଦୃଢ଼ କରିବ ଏବଂ ଓଡ଼ିଶା ଜିଡିପି ସଶକ୍ତ ହେବ ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଆଶାବ୍ୟକ୍ତ କରିଛନ୍ତି । ପ୍ରଯୁକ୍ତି ବିଦ୍ୟା ସହାୟତାରେ ପ୍ରତିଭା ନିର୍ମାଣ କରିବାକୁ ସରକାର ପ୍ରତିବଦ୍ଧ । ଏହି ନବସୃଜନ ମାନେ ଆଗାମୀ ଦିନରେ ଓଡ଼ିଶାର ଅର୍ଥନୀତିକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବେ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତ ପ୍ରକାଶ କରିଛନ୍ତି। ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ ଦେବ ସ୍ୱାଗତ ଭାଷଣ ଏବଂ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

ପୁଣି ରାଜ୍ୟ ସରକାରଙ୍କୁ ବିଜେଡିର ଟାର୍ଗେଟ

# 'ରାଜ୍ୟରେ ମହିଳାମାନେ କୌଣସି କ୍ଷେତ୍ରରେ ସୁରକ୍ଷିତ ନାହାନ୍ତି'



**ଭୁବନେଶ୍ୱର,୩୧।୭/ଏନ୍‌ଏନ୍‌ଏସ୍:** ବିଜେପି ସରକାରରେ ରାଜ୍ୟରେ ମହିଳାମାନେ କୌଣସି କ୍ଷେତ୍ରରେ ସୁରକ୍ଷିତ ନାହାନ୍ତି। ପ୍ରତିଦିନ ରାଜ୍ୟରେ ଘଟୁଥିବା ନାରୀ ନିର୍ଯାତନା ଘଟଣା ପାଇଁ ଓଡ଼ିଶା ଦେଶରେ ନିନ୍ଦିତ ହେଉଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ପିଏସି ସଦସ୍ୟା ଟୁକୁନି ସାହୁ କହିଛନ୍ତି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ସାହୁ ଏହା କହିଛନ୍ତି। ଏହାଛଡ଼ା ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ମହିଳାଙ୍କୁ ଧର୍ମଶାଳା ବିଧାୟକଙ୍କ ଅସଦାଚରଣ ଘଟଣାରେ ପୁଲିସ୍ ଏତଲା ଗ୍ରହଣ ନ କରିବା ଉଦବେଗଜନକ ବୋଲି ଦଳ ପକ୍ଷରୁ କୁହାଯାଇଛି। ଦଳର ମୁଖପାତ୍ର ଇପ୍ସୀତା ସାହୁ କହିଛନ୍ତି ଯେ,ବିଜେପି ସଂଖ୍ୟାଲଘୁ ସେଲୀ ସଭାପତିଙ୍କ ପତ୍ନୀ ଧର୍ମଶାଳା ବିଧାୟକଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ ମଧ ତାଙ୍କର ଏତଲାକୁ ପୁଲିସ୍ ଏ ପର୍ଯ୍ୟନ୍ତ ଗ୍ରହଣ କରୁନାହିଁ। ତାଙ୍କ ସ୍ୱାମୀଙ୍କୁ ଧର୍ମଶାଳାରେ ବ୍ୟବସାୟ କରିବା ପାଇଁ ହେଲେ ମାସିକ ଦାଦାବାଟି ଦେବାକୁ ପଡ଼ିବ ବୋଲି ବିଧାୟକ ଧମକ ଦେଉଛନ୍ତି ବୋଲି ସେ ତାଙ୍କ ଏତଲାରେ ଦର୍ଶାଇଥିଲେ ମଧ ପୁଲିସ୍ ଏପର୍ଯ୍ୟନ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ସେହିପରି ଯାଜପୁର ଜିଲ୍ଲାରେ ଜଣେ କର୍ତ୍ତବ୍ୟରତ ମହିଳା ଏଏସ୍‌ଆଇଙ୍କୁ ଥାନା ଭିତରେ ବିଜେପି ସମର୍ଥକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ଅପମାନିତ କରିଥିଲେ। ଏହି ଘଟଣାକୁ ନେଇ ମହିଳା ଏଏସ୍‌ଆଇ ଯାଜପୁର ପୁଲିସ୍ ପ୍ରଶାସନ ନିକଟରେ ଫେରାଦ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରୁ ଜଣାପଡୁଛି ଧର୍ମଶାଳା ବିଧାୟକଙ୍କ ଧନବଳ ଆଗରେ ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀ ମହୋଦୟ ଅସହାୟ ହୋଇପଡ଼ିଛନ୍ତି। ସେହିପରି ଦଳର ମୁଖପାତ୍ର ସୋଫିଆ ଆଲାମ କହିଛନ୍ତି ଯେ, ରାଜ୍ୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ମହିଳାମାନେ ନିର୍ଯାତନାର ଶିକାର ହୋଇ ଥାନାର ଦ୍ୱାରସ୍ଥ ହେଉଥିଲେ ମଧ ଅଭିଯୁକ୍ତଙ୍କ ବିରୋଧରେ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଦୁର୍ଭାଗ୍ୟଜନକ। ଏଠି ଅପରାଧୀ ଉପରମୁହାଁ ହୋଇଥିବା ବେଳେ ସରକାର ଉପାୟଶୂନ୍ୟ ହୋଇପଡ଼ିଛନ୍ତି।

# 'ଆଇସିସି କମିଟି ନକଲେ ଦରମା ବନ୍ଦ'

**ଭୁବନେଶ୍ୱର,୩୧।୭/ଏନ୍‌ଏନ୍‌ଏସ୍:** କଲେଜରେ ଆଇସିସି କମିଟି ନକଲେ କର୍ତ୍ତୃପକ୍ଷଙ୍କ ଦରମା ବନ୍ଦ କରାଯିବ ବୋଲି ନିର୍ଦ୍ଦେଶ ରହିଛି । ମାସେ ଭିତରେ ସବୁ କଲେଜରେ ଆଇସିସି କମିଟି କରିବା ପାଇଁ ସରକାର ଟାର୍ଗେଟ ରଖିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଆଇସିସି କମିଟି ନାହିଁ ତ ଦରମା ନାହିଁ ବୋଲି ସରକାର କହିଛନ୍ତି। ଯେଉଁମାନେ ଭୁଲ୍ ଅଭିଯୋଗ କରୁଛନ୍ତି, ପିଓଏସଏଚ ଆକ୍ଟ ଅନୁସାରେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ଆକ୍ଟ ବାବଦରେ ଲୋକସେବା ଭବନରୁ ଆରମ୍ଭ ହୋଇଥିବା ସଚେତନତା କାର୍ଯ୍ୟକ୍ରମ ଆଗକୁ ବ୍ଲକ୍ ସ୍ତରରେ ମଧ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ଶୀଘ୍ର ହେବ ଓଟିଇଟି ପରୀକ୍ଷା:ମନ୍ତ୍ରୀ

**ଭୁବନେଶ୍ୱର,୩୧।୭/ଏନ୍‌ଏନ୍‌ଏସ୍:** ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ସାମିଲ ଥିବା ୬ ଜଣ ଅଭିଯୁକ୍ତଙ୍କୁ ଓଡ଼ିଶା ପୁଲିସର କ୍ରାଇମବ୍ରାଞ୍ଚ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଶିକ୍ଷକ କି ଯେତେ ବଡ଼ ଲୋକ ଥାଆନ୍ତୁ, କଠୋର କାର୍ଯ୍ୟାନୁଷ୍ଠାନ ହେବ। ଏହାର ତଦନ୍ତ ଚାଲିଛି। ଦୋଷୀଙ୍କ ପ୍ରତି ଦଣ୍ଡବିଧାନ କରାଯିବ। ଆଗାମୀ ଦିନରେ କେମିତି ସ୍ୱଚ୍ଛତା ସହ ପରୀକ୍ଷା ହେବ ସେନେଇ ଆଲୋଚନା କରି ଶୀଘ୍ର ପରୀକ୍ଷା ତାରିଖ ବିଜ୍ଞପ୍ତି ବାହାର କରିବୁ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ପ୍ରଦାନ କରିଛନ୍ତି। ସ୍ୱଚ୍ଛତା ସହ ପରୀକ୍ଷା ଦେଉଥିବା ଶିକ୍ଷକଙ୍କ ପ୍ରତି ଅନ୍ୟାୟ ହୋଇଛି। ଦୋଷୀଙ୍କୁ ଦଣ୍ଡ ନିଶ୍ଚୟ ମିଳିବ। ଏନସିଟି ଗାଇଡଲାଇନ ଅନୁସାରେ ପରୀକ୍ଷା ହେଉଛି। ୨୦୧୧ ପୂର୍ବରୁ ଯେଉଁମାନେ ଶିକ୍ଷକ ହୋଇଛନ୍ତି, ସେମାନଙ୍କ ପାଇଁ ଓଟିଇଟିର ଆବଶ୍ୟକ ନଥିବା ବିଜ୍ଞପ୍ତି ବାହାରିଥିଲା। ହେଲେ ଏନ୍‌ସିଟି ନିୟମ କଲା ପରୀକ୍ଷା କରିବାକୁ। ତେଣୁ ସ୍ପେସିଆଲ ଓଟିଇଟି କରାଯାଉଛି। ଓଟିଇଟି ନଥିବାରୁ, ଶିକ୍ଷକମାନଙ୍କ ପଦୋନ୍ନତିରେ ଅସୁବିଧା ହେଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

# ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କଲେ ପ୍ରମୁଖ ସଚିବ

**ଭୁବନେଶ୍ୱର,ଜଗତସିଂହପୁର, ୩୧।୭/ଏନ୍‌ଏନ୍‌ଏସ୍:** ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶ୍ରୀମତୀ ପାଢ଼ୀ ଦୁଇ ଦିନିଆ ଜିଲ୍ଲା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବା, ଅମୃତ ମିଶନ, ପାନୀୟ ଜଳ ଯୋଗାଣ ସମସ୍ୟା ଓ ନିରାକରଣ, କୃଷି, ଉଦ୍ୟାନ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶକ୍ତି ବିଭାଗ, ସାମାଜିକ ସୁରକ୍ଷା, ଏସସି,ଏସଟି ଉନ୍ନତିକରଣ ଉପରେ ବିଷଦ ଆଲୋଚନା ହୋଇଥିଲା। ଜିଲ୍ଲାରେ ଉପଲବ୍ଧ ସରକାରୀ ଜମିର ସଦୁପଯୋଗ କରି ବହୁତଳ କୋଠା ତିଆରି ସହ ରାଜସ୍ୱ ଆଦାୟ ତଥା ରୋଜଗାର ସୃଷ୍ଟି ପାଇଁ ଅଭିନବ ଉପାୟ ଅବଲମ୍ବନ କରିବାକୁ ଉପଦେଶ ଦେଇଥିଲେ। ପୌର ଅଞ୍ଚଳର ଆବଶ୍ୟକତାକୁ ବୁଝି ଉପଯୁକ୍ତ ପଦକ୍ଷେପ ନେବା ସହ ସମସ୍ୟାର ସମାଧାନ କରିବା ପାଇଁ ଦୁଇ ପୌର ପରିଷଦର ନିର୍ବାହୀ ଅଧିକାରୀ ଙ୍କୁ ଉପଦେଶ ଦେଇଥିଲେ। ଜିଲ୍ଲାପାଳ ଜେ ସୋନାଲ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଶ୍ରୀମତୀ ପାଢ଼ୀଙ୍କୁ ଅବଗତ କରାଇବା ସହ ଉନ୍ନତିମୂଳକ କାର୍ଯ୍ୟର ରୂପରେଖ କହିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ସମ୍ବିତ କୁମାର ରାଉତ, ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠିଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷତ୍ରିୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

'ସୁଭଦ୍ରା' ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ

# ହିତାଧିକାରୀଙ୍କ ସାମଗ୍ରିକ ଆର୍ଥିକ ସଶକ୍ତିକରଣକୁ ଗୁରୁତ୍ୱ




**ଭୁବନେଶ୍ୱର,୩୧।୭/ଏନ୍‌ଏନ୍‌ଏସ୍:** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ 'ସୁଭଦ୍ରା' ରାଜ୍ୟସ୍ତରୀୟ ପରିଚାଳନା ଓ ତଦାରଖ କମିଟି ବୈଠକ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ସୁଭଦ୍ରା ଯୋଜନାର ପ୍ରଭାବୀ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ଓ ତଦାରଖ କରିବା ସହ ଯୋଜନାର ଆଗାମୀ କାର୍ଯ୍ୟାନ୍ୱୟନ ଉପରେ ସୁଚିନ୍ତିତ ପରାମର୍ଶ ପ୍ରଦାନ କରିଥିଲେ। ସୁଭଦ୍ରା ହିତାଧିକାରୀମାନେ ସରକାରଙ୍କ ଅନ୍ୟ ବିଭିନ୍ନ ଯୋଜନାରୁ ଲାଭ ଉଠାଇ କିପରି ସାମଗ୍ରିକ ଆର୍ଥିକ ସଶକ୍ତିକରଣ ହୋଇପାରିବେ ସେ ସଂପର୍କରେ ଶ୍ରୀ ଆହୁଜା ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୁଭଦ୍ରା କାର୍ଯ୍ୟକାରିତା ସମ୍ବନ୍ଧରେ ବିସ୍ତୃତ ଉପସ୍ଥାପନ କରି ଯୋଜନାରେ ଅବଲମ୍ବନ କରାଯାଇଥିବା ଉତ୍ତମ ଅଭ୍ୟାସ ଓ ଅଭିନବତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏଯାବତ ସୁଭଦ୍ରାରେ ୧ କୋଟି ୯ ଲକ୍ଷ ୮୭ ହଜାର ୮୯୪ ଆବେଦନପତ୍ର ପ୍ରାପ୍ତ ହୋଇଛି। ୧ କୋଟି ୨ ଲକ୍ଷ ୮୦ ହଜାର ୯୨ଜଣ ହିତାଧିକାରୀ ସୁଭଦ୍ରାର ପ୍ରଥମ କିସ୍ତି ପାଇଥିବା ବେଳେ ୧ କୋଟି ୯୬ ହଜାର ୩୦୭ ଜଣ ଦ୍ୱିତୀୟ କିସ୍ତି ପାଇଛନ୍ତି। ପରିବାରରେ ୪ ଚକିଆ ଯାନ ଥିବା, ୨୧ ବୟସରୁ କମ ଓ ୬୦ ବୟସରୁ ଅଧିକ, ପରିବାର ରୋଜଗାର ୨.୫ ଲକ୍ଷରୁ ଅଧିକ, ସରକାରୀ ଚାକିରି କରିଥିବା ଅବା ପେନ୍‌ସନ୍ ପାଉଥିବା ପରିବାର ଓ ଏହି ଭଳି ବିଭିନ୍ନ ୧୫ଟି କାରଣରୁ ୫ ଲକ୍ଷ ୮୨ ହଜାର ୮୦୦ ଜଣ ମହିଳା ସୁଭଦ୍ରା ସହାୟତାରୁ ବାଦ୍ ପଡ଼ିଛନ୍ତି। ୨୦୨୫ – ୨୬ ଆର୍ଥିକ ବର୍ଷରେ ୬୦ ବୟସ ହୋଇଯାଇଥିବା ୯୩ ହଜାର ୭୯୨ ସୁଭଦ୍ରା ହିତାଧିକାରୀ ତୃତୀୟ କିସ୍ତିରୁ ବାଦ ପଡ଼ିଛନ୍ତି ବୋଲି ଏହି ବିଭାଗୀୟ ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି। ୬୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ତାଲିକାକୁ ବାର୍ଦ୍ଧକ୍ୟ ଭତ୍ତାରେ ସାମିଲ କରିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗକୁ ପ୍ରଦାନ କରିବା ପାଇଁ ଏହି ବୈଠକରେ ପ୍ରସ୍ତାବ ଦିଆଯାଇଛି। ଅପ୍ଟ୍ ଆଉଟ କରିବାକୁ ଚାହୁଁଥିବା ହିତାଧିକାରୀମାନେ ସମ୍ପୃକ୍ତ ସିଡିପିଓ କାର୍ଯ୍ୟାଳୟରେ ଥିବା ହେଲ୍ପଡ଼େସ୍କରେ ଲଗ ଇନ କରି ଅପ୍ଟ୍ ଆଉଟ କରିପାରିବେ ବୋଲି ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସୂଚନା ଦେଇଛନ୍ତି । ଏହା ସହ ସୁଭଦ୍ରା ଯୋଜନା ସମ୍ବନ୍ଧୀୟ ଖର୍ଚ୍ଚ ବାବଦରେ ମଧ ଏହି ବୈଠକରେ ଆଲୋଚନା କରାଯାଇଥିଲା।

ମହିଳା ଓ ଶିଶୁ ବିକାଶ ବିଭାଗ, ଉଚ୍ଚ ଶିକ୍ଷା ବିଭାଗ ଓ ଆଇଆଇଏମ୍ ସମ୍ବଲପୁରର ମିଳିତ ସହଭାଗିତାରେ ଆରମ୍ଭ ହୋଇଥିବା "ସୁଭଦ୍ରା ସମୀକ୍ଷା" କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ ବୈଠକରେ ଆଲୋଚନା କରାଯାଇଥିଲା ।ଏଯାବତ ମିଳିଥିବା ତଥ୍ୟର ମୂଲ୍ୟାୟନ ଅନୁଯାୟୀ ବହୁ ସଂଖ୍ୟାରେ ହିତାଧିକାରୀମାନେ ସୁଭଦ୍ରା ସହାୟତାକୁ ଉଦ୍ୟମିତା କ୍ଷେତ୍ରରେ ବିନିଯୋଗ କରୁଛନ୍ତି ବୋଲି ବୈଠକରେ ଉପସ୍ଥାପନ କରାଯାଇଥିଲା। ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସୁଭଦ୍ରା ପୋର୍ଟାଲରେ ଏଯାବତ ୩ ଲକ୍ଷ ୫୧ ହଜାର ୪୯୨ ଅଭିଯୋଗ ମଧ୍ୟରୁ ୧ ଲକ୍ଷ ୮୩ ହଜାର ୬୮୧ ଅଭିଯୋଗର ସମାଧାନ ହୋଇପାରିଛି। କେବଳ ମହିଳାମାନଙ୍କ ଦ୍ୱାରା ଚାଲୁଥିବା "କୁହ ସୁଭଦ୍ରା" ଅଭିଯୋଗ ସମାଧାନ କେନ୍ଦ୍ରରେ ଏଯାବତ ଏକ ଦିନରେ ହାରାହାରି ୨୦ ହଜାରରୁ ଅଧିକ କଲ ଗ୍ରହଣ କରାଯାଇ ସେମାନଙ୍କ ଉତ୍ତର ଦିଆଯାଇଥିବା ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଉଲ୍ଲେଖ କରିଥିଲେ। ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ତଥା କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଗ୍ରାମାଞ୍ଚଳ ମହିଳାଙ୍କୁ ରାଖୀ କରିଛି ସ୍ୱାବଲମ୍ବୀ

# ୧୦ ପରିବାର ପାଇଁ ଦୀପଶିଖା ପାଲଟିଛନ୍ତି ଅନିମା



**ଖୋର୍ଦ୍ଧା,୩୧।୭/ଏନ୍ଏନ୍ଏସ୍:** ଦୃଢ଼ ମନୋବଳ ଏବଂ ଇଚ୍ଛାଶକ୍ତି ଥିଲେ ସଫଳତା ମିଳିଥାଏ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଖୋରଧା ବ୍ଲକ ଜଂକିଆ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଆମ୍ବ ମୌଜାର ବାଲିଗାଡିଆ ଗ୍ରାମର ଅନିମା ସାମନ୍ତରାୟ। ନିଜସ୍ୱ ଉଦ୍ୟମ ଓ ନିଷ୍ଠା ବଳରେ ଜଣେ ସଫଳ ମହିଳା ଭାବେ ନିଜର ପରିଚୟ ସେ ସୃଷ୍ଟି କରିପାରିଛନ୍ତି। ଅନିମା ସାମନ୍ତରାୟ ସରକାରୀ ଏମ୍‌ସିଏମ୍(ହସ୍ତକଳା)ର ପ୍ରଶିକ୍ଷିକା ରହିଛନ୍ତି। ସ୍ଥାନୀୟ ଅଞ୍ଚଳରେ କିପରି ଆଗ୍ରହୀ ମା'ମାନେ ମଧ୍ୟ ଜଣେ ଜଣେ ସଫଳ ମହିଳା ଭାବେ ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ ସେ ଉଦ୍ୟମ ଚଳାଇଛନ୍ତି। ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ପରିବାର ପାଇଁ ଅନିମା ଏବେ ପାଲଟିଛନ୍ତି ଆଲୋକର ଦୀପଶିଖା। ତାଙ୍କ ହାତ ତିଆରି ବିଭିନ୍ନ ହସ୍ତକଳା ସାମଗ୍ରୀ ରାକ୍ଷୀ ଆଜି ଦେଇଛି ଏକ ସ୍ୱତନ୍ତ୍ର ପରିଚୟ। ଯାହା ଫଳରେ ସେ ସ୍ୱାବଲମ୍ବୀ ହୋଇ ରୋଜଗାର ଏବଂ ସମ୍ମାନ ପାଇବା ସହିତ ଅନ୍ୟମାନଙ୍କୁ ସ୍ୱାବଲମ୍ବୀ ହେବାକୁ ପ୍ରୋତ୍ସାହିତ କରୁଛନ୍ତି। ପ୍ରକାଶ ଥାଉ କି କିଛି ନୂଆ କରିବା ପାଇଁ ଯୋଜନା ତଥା ଆଗକୁ ବଢିବାର ଜିଜ୍ଞାସା ଅନିମା ଓ ତାଙ୍କ ସହଯୋଗୀଙ୍କ ପାଇଁ ସଫଳତା ଆଣିଦେଇଛି। ଅନିମାଙ୍କ ପରାମର୍ଶ କ୍ରମେ ଜଂକିଆ ପଞ୍ଚାୟତର ୧୦ଜଣ ମହିଳା ସଦସ୍ୟା ଏକତ୍ର ହୋଇ ଗଠନ କରିଛନ୍ତି ମା' ବୃନ୍ଦାବତୀ ମହିଳା ଗ୍ରୁପ୍। ଗ୍ରୁପ୍‌ର ସଭ୍ୟାମାନେ ରାଖୀ ଓ ସରକାରୀ ସାହାଯ୍ୟ ସହଯୋଗରେ ବିଭିନ୍ନ ହସ୍ତକଳା ସାମଗ୍ରୀ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଘରେ ବସି ଏହି କୁଟୀର ଶିଳ୍ପ ମାଧ୍ୟମରେ ରୋଜଗାର କରିପାରୁଛନ୍ତି। ଚଳିତ ବର୍ଷ ବଜାରରୁ କଞ୍ଚା ମାଲ କିଣି ବିଭିନ୍ନ ପ୍ରକାରର ରଙ୍ଗ ବେରଙ୍ଗର ରାଖୀ ପ୍ରସ୍ତୁତ କରୁଛନ୍ତି। ଯଥା ଧାନ, ମାଳି, କାଇଁଚ, ଶଙ୍ଖରେ ବିଭିନ୍ନ ଡିଜାଇନର ରାକ୍ଷୀ ହେଉଛି। ବିଶେଷତ ଧାନ ଓ ଯଅରେ ପ୍ରସ୍ତୁତ ହେଉଛି ଜଗନ୍ନାଥଙ୍କ ରାକ୍ଷୀ। ପ୍ରତି ରାଖୀ ଭଣ୍ଡାର ମାଲିକ ଓ ଗ୍ରାହକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ରଙ୍ଗ, ମାଳି, କାଇଁଚରେ ପ୍ରସ୍ତୁତ ରାକ୍ଷୀ ଗୁଡ଼ିକ ମନୋଭରା ଓ ଆକର୍ଷଣୀୟ। ଆଗକୁ ରାକ୍ଷୀ ପୂର୍ଣ୍ଣିମା ଆସୁଥିବା ବେଳେ ଏହି ସମୟରେ ରାଖୀ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରିବାକୁ ଲକ୍ଷ୍ୟ ରଖିଛନ୍ତି ମା ବୃନ୍ଦାବତୀ ଗୋଷ୍ଠୀର ମହିଳା ମାନେ। ଏବେ ସୁଦ୍ଧା ପ୍ରାୟ ୧୦ହଜାରରୁ ଅଧିକ ରାଖୀ ହୋଇ ସାରିଲାଣି। ଇତିମଧ୍ୟରେ ଜଣେ ହୋଲ୍‌ସେଲର୍ କେବଳ ବହୁ ସଂଖ୍ୟକ ଜଗନ୍ନାଥ ରାଖୀ ନେଉଥିବାବେଳେ ଆହୁରି ନେବା ପାଇଁ ଅର୍ଡର୍ ଦେଇଥିବା କଥା ଅନିମା କହିଛନ୍ତି। ଅନିମା କୁହନ୍ତି ରାଖୀ ପ୍ରସ୍ତୁତ ଲାଗି ୟୁଟ୍ୟୁବ୍ ପ୍ରେରଣା ଯୋଗାଇଥିଲା। ନିଜସ୍ୱ ଉଦ୍ୟମରେ ଦୁଇ ମାସ ସଦସ୍ୟଙ୍କୁ ନେଇ ଶିଖାଇଛନ୍ତି। ୪ମାସ ହେବ ମିଶିକି ଆରମ୍ଭ କରିଛୁ ରାକ୍ଷୀ। କଉଡ଼ି, ଶାମୁକା ଓ ପୁରୀ ଅଞ୍ଚଳରୁ ମାଳି, ଭୁବନେଶ୍ୱରରୁ ଭଲ ଚୁମୁକି, ଭେଲ୍‌ଭେଟ୍ କପଡ଼ା ସହିତ କଟକ ପେପର୍ ପ୍ରଭୃତି ଆଣି ଘରେ ରାକ୍ଷୀ ପ୍ରସ୍ତୁତ କରୁଛୁ। ପ୍ରାୟ ୫୦ହଜାର ଟଙ୍କାର ମାଲ ଆଣିଛନ୍ତି। ଚଳିତ ବର୍ଷ ପ୍ରାୟ ୧ଲକ୍ଷ ଟଙ୍କାର ରାଖୀ ବିକ୍ରି ହେବ ବୋଲି ଆଶା କରିଛୁ। ଅନ୍ୟ ମହିଳା ସଦସ୍ୟାମାନେ ଘର କାମ ଧନ୍ଦା ସାରି ଦିନ ଗୋଟିଏରୁ ରାତି ପର୍ଯ୍ୟନ୍ତ ରାକ୍ଷୀ କାର୍ଯ୍ୟ କରୁଛନ୍ତି। ଏହି ବଳକା ସମୟକୁ ଲଗାଇ ଦୁଇ ପଇସା ରୋଜଗାର କରୁଛୁ ବୋଲି ସେମାନେ କହିଛନ୍ତି। ରାଖୀ ୫ଟଙ୍କାରୁ ଆରମ୍ଭ କରି ୫୦ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ଆଗକୁ ଏମାନଙ୍କୁ ସରକାରୀ ସୁବିଧା ଯୋଗାଇଦେଲେ ସେମାନେ ହସ୍ତକଳା ଶିଳ୍ପକୁ ନିଜର ଜୀବିକା ରୂପେ ଆଗେଇନେବା ସହିତ ଆମର ହସ୍ତକଳାକୁ ଦେଶ ବିଦେଶରେ ବିସ୍ତାରିତ କରିପାରିବେ ବୋଲି ମତବ୍ୟକ୍ତ କରିଛନ୍ତି।

# ୩ ଆର୍‌ଆଇ ସର୍କଲ୍‌ରେ ଗୋଚର, ଅନାବାଦୀ ଜମି ଜବରଦଖଲ

## ପ୍ରଶାସନ ନୀରବ

**ନୟାହାଟ,୩୧।୭/ଏନ୍ଏନ୍ଏସ୍:** ରାଜ୍ୟ ସରକାର ଗୋଚର ଓ ଅନାବାଦୀ ଜମି ଜବର ଦଖଲ କରି ଘର ନିର୍ମାଣ କରିଥିବା ଜାଗାକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହେଉ ନାହିଁ। ଗୋଚର ଜମି ଗୃହପାଳିତ ପଶୁ ମାନଙ୍କ ପାଇଁ ଚରିବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ ତାକୁ କେତେକ ପ୍ରଭାବଶାଳୀ ଲୋକ ଦଖଲ କରି କୋଠା ନିର୍ମାଣ କରି ଚଳାଚଳ କରୁଛନ୍ତି। ଯାହାଫଳରେ ଗାଈଗୋରୁ ମାନେ ଚରିବାକୁ ବାକୁ ନଯାଇ ଗୁହାଳରେ ଖୁଣ୍ଟରେ ବନ୍ଧା ହେଉଛନ୍ତି। ପ୍ରକାଶ ଯେ, ଗୋପ ତହସିଲ ଅନ୍ତର୍ଗତ ନୟାହାଟ ଅଞ୍ଚଳରେ ଜଙ୍ଗଲବୋରି, ବାଉଲାଙ୍ଗ ଓ ବରିମୁଣ୍ଡ ଆରଆଇ ସର୍କଲ ଅଞ୍ଚଳରେ ବିଶେଷ ଭାବେ ଗୋଚର ଜମି ଦଖଲକରି ଯୋଗେଶ୍ୱରପୁରଠାରେ ଏକ ଘରାଇ ଇଂରାଜୀ ଶିକ୍ଷାନୁଷ୍ଠାନ ୫୭ ଡିସମିଲି ଗୋଚର ଜମିକୁ ଜବରଦଖଲ କରି କୋଠା ନିର୍ମାଣ କରିଥିବା ବେଳେ ପଲ୍ଲୀ ଛକ, ବାଲି ଦଣ୍ଡା, ଜହ୍ନିବାଲିଆ, ବଡ଼ତୋଟା, ଶାସନଛକ ପ୍ରମୁଖ ସ୍ଥାନରେ କେତେକ ବେକ୍ତି ଗୋଚର ଓ ଅନାବାଦୀ ଜମି ଜବରଦଖଲ କରି ଚଳାଚଳ କରୁଥିଲେ ମଧ୍ୟ ତହସିଲ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏ ସଂପର୍କରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତି ଙ୍କୁ ପଚାରିବାରେ ସେ କହିଥିଲେ ଯେ, ଆର୍‌ଆଇଙ୍କୁ ତଥ୍ୟ ମଗାଯାଇଛି ସେ ରିପୋର୍ଟ ଦେଲାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଜଟଣୀରେ ବିଜେପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଏବଂ କୁଶପୁତ୍ତଳିକା ଦାହ



**ଜଟଣୀ,୩୧।୭/ଏନ୍ଏନ୍ଏସ୍:** ଭାରତୀୟ ଜନତାଦଳର ଖୋର୍ଦ୍ଧା ଜିଲ୍ଲା ସଭାପତି ବିଶ୍ୱରଂଜନ ବଡ଼ଜେନା ଙ୍କ ନେତୃତ୍ୱରେ ବିଜେଡି ଓ କଂଗ୍ରେସ ଦଳର ନେତୃବୃନ୍ଦଙ୍କ ନାରୀ ଶୋଷଣ ନୀତି (ବଳାତ୍କାର ନୀତି)ବିରୋଧରେ ଜନ ଆନ୍ଦୋଳନ ଓ ବିରୋଧ ପଦର୍ଶନ କରି ପୋଷ୍ଟ ଅଫିସ ଛକ ମୋ ଜଟଣୀ ପାର୍କ ଠାରୁ ଶୋଭାଯାତ୍ରା ବାହାରି ସ୍ଥାନୀୟ ସୀତାରାମ ଛକ ଠାରେ ଭାରତର ପୂର୍ବତନ କଂଗ୍ରେସ ଦଳର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ, ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାଶ ଏବଂ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଚଳିତ ସମୟରେ ବିଜେଡିର ଉଦିତ ପ୍ରଧାନ ଏବଂ ଅମରେଶ ଜେନାଙ୍କ ବିରୋଧରେ କଠୋର ଦଣ୍ଡ ପାଇଁ ଦାବି କରାଯାଇଛି। ତତ୍‌ସହିତ ବିଜେଡି ଓ କଂଗ୍ରେସର ନାରୀ ସୁରକ୍ଷା ସମ୍ବନ୍ଧରେ ଏବଂ ନାରୀର ସମ୍ମାନ ସମ୍ପର୍କରେ କୁମ୍ଭୀର କାନ୍ଦଣା ଦୋମୁହାଁ ନୀତିକୁ ଲୋକ ମାନସରେ ଉପସ୍ଥାପନା କରାଯାଇଥିଲା। ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାଶ, ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଇସ୍ତଫା ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ବିଶ୍ୱରଂଜନ ବଡ଼ଜେନା, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ନିକୁଞ୍ଜ ପଟ୍ଟନାୟକ, ରଶ୍ମିମୟୀ ପଟ୍ଟନାୟକ, ପ୍ରବୀଣା ଭଞ୍ଜ, ତିରୁପତି ପାଣିଗ୍ରାହୀ, ପ୍ରଦୀପ ଜେନା, ରଞ୍ଜନ ସାମନ୍ତରାୟ, ପ୍ରଫୁଲ୍ଲ କୁମାର ଦଳାଇ ପ୍ରମୁଖ ଯୋଗଦେଇଥିଲେ।

# ବିଜେପି ପକ୍ଷରୁ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ



**ସାଲେପୁର,୩୧।୭/ଏନ୍ଏନ୍ଏସ୍:** ବିଜେପି କଟକ ଗ୍ରାମୀଣ ଜିଲ୍ଲା ପକ୍ଷରୁ ସାଲେପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖ ଛକ ଠାରେ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିଜେପି ବିଧାୟକ ପାର୍ଥ ଅରିନ୍ଦମ ରାୟଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ସାଲେପୁର ମା ସାହେଶ୍ୱରୀଙ୍କ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ପ୍ରକାର ନାରାବାଜି କରି ବଜାର ପରିକ୍ରମା କରି ତହସିଲ ଛକ ନିକଟରେ ପାର୍ଲିଆମେଣ୍ଟର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଓଡ଼ିଶା ବିଧାନସଭା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ବିଜେପି କଟକ ଗ୍ରାମୀଣ ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି ଯୋଗଦେଇ କଂଗ୍ରେସ ଯୁବ ସଭାପତି ଉଦିତ ପ୍ରଧାନ ଯେଉଁଭଳି ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇ ଜେଲରେ ରହିଛନ୍ତି ଓ ବିଜେଡିର କର୍ପୋରେଟର ଅମରେଶ ଜେନା ମଧ୍ୟ ଦୁଷ୍କର୍ମ ଅଭିଯୋଗରେ ଜେଲରେ ଅଛନ୍ତି ଏ ସମ୍ପର୍କରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସ ଓ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ଯେଉଁଭଳି ଚୁପ ଅଛନ୍ତି ଏହାକୁ ଆମ୍ଭେ ନିନ୍ଦା କରିବା ସହିତ ଏହାର ପ୍ରତିବାଦରେ ଆଜି ଆମ୍ଭେ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରୁଛୁ। ଆଗାମୀ ଦିନରେ ମୋହନ ସରକାର ନାରୀମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ବଦ୍ଧ ପରିକର ରହିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠନେତା କୁଞ୍ଜମୋହନ ସେଠୀ, ଚୌଧୁରୀ ହେମନ୍ତ ସାହୁ, ପ୍ରସନ ମିଶ୍ର, ସତ୍ୟବାଦୀ ଚଇନି, ପ୍ରଫୁଲ୍ଲ କୁମାର ସ୍ୱାଇଁ, ବିକ୍ରମ କେଶରୀ ବଳ, ସାଲେପୁର ମଣ୍ଡଳ ସଭାପତି ଅସିତ ମହାନ୍ତି, ବହୁଗ୍ରାମ ମଣ୍ଡଳ ସଭାପତି ହେମନ୍ତ ସ୍ୱାଇଁ, ରାଇଙ୍ଗୁଡା ମଣ୍ଡଳ ସଭାପତି ରମେଶ ନାୟକ, ରାମେଶ୍ୱର ମଣ୍ଡଳ ସଭାପତି ସଙ୍ଗିତା ଜେନା, ଟାଙ୍ଗୀ ମଣ୍ଡଳ ସଭାପତି ହୃଷିକେଶ ସାମଲ, ସଫା ମଣ୍ଡଳ ସଭାପତି ସମୀର ମହାନ୍ତି, ଭଟିମୁଣ୍ଡା ମଣ୍ଡଳ ସଭାପତି ଲକ୍ଷ୍ମଣ ନାୟକ, ତାପସ ଜେନା, ବିଜୟ କେତନ ଜେନା, ତ୍ରିଲୋଚନ ପାତ୍ର, ଦେବୀ ପ୍ରସାଦ ଦାଶ, ମନ୍ମଥ ନାଥ ଦାସ,ମେଘୁ ସିଂ, ମନୋରଞ୍ଜନ ରାଉତ, କିଶୋର ମହାନ୍ତି, ସ୍ନେହଲତା ପାଣିଗ୍ରାହୀ, ନିରୂପମା ସିଂ ଙ୍କ ସମେତ ଶତାଧିକ ପୁରୁଷ ମହିଳା କର୍ମୀ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ରାହାସ ବିଦ୍ୟାପୀଠ ପ୍ରଥମ



**ଓଡ଼ଗାଁ,୩୧।୭/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲାସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଓଡ଼ଗାଁ ବ୍ଲକ୍ ସାକେରୀ ରାହାସ ବିଦ୍ୟାପୀଠର ଦଶମଶ୍ରେଣୀ ଛାତ୍ର ସିଦ୍ଧାନ୍ତ କୁମାର ମୁଦୁଲି ପ୍ରଥମ ହୋଇଛନ୍ତି। ବର୍ତ୍ତମାନ ସର୍ପାଘାତର ଶିକାରହୋଇ ଅନେକ ଜୀବନ ଚାଲିଯାଉଛି। ଏହାକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀ ମାନଙ୍କୁନେଇ ପ୍ରତିଯୋଗିତା କରାଯାଇଥିଲା।ଏଥିରେ ସର୍ପ ଦଂଶନ ନିବାରଣ ସଚେତନତା ପ୍ରସଙ୍ଗରେ ନୟାଗଡ ପିଏମ ଶ୍ରୀ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ଠାରେ ବୁଧବାର ଆୟୋଜିତ ଜିଲ୍ଲାସ୍ତରୀୟ ସାଧାରଣଜ୍ଞାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାହାସ ବିଦ୍ୟାପୀଠ ଦଶମ ଶ୍ରେଣୀର ଛାତ୍ର ସିଦ୍ଧାନ୍ତ କୁମାର ମୁଦୁଲି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସେ ଜିଲ୍ଲା ଶିକ୍ଷାଧିକାରୀ ପୁରୁଷୋତ୍ତମ ପାଣ୍ଡେ ଓ ବ୍ରଜେନ୍ଦ୍ର ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମାକାନ୍ତ ସେଠୀଙ୍କ ଠାରୁ ଟ୍ରଫି ଓ ପ୍ରଶଂସାପତ୍ର ଗ୍ରହଣ କରିଛନ୍ତି। ପୂର୍ବରୁ ସେ ତର୍କ ପ୍ରତିଯୋଗିତାରେ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଓ ଭାରତୀୟ ତୈଳ ନିଗମ ପକ୍ଷରୁ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ତାଙ୍କର ଏହି ସଫଳତାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସହପାଠୀ ଶୁଭେଚ୍ଛା ଜଣାଇଥିବାବେଳେ ବିଦ୍ୟାପୀଠରେ ଏକ ଖୁସିର ମାହୋଲ ସୃଷ୍ଟି ହୋଇଥିବା ଜଣାପଡ଼ିଛି।

# କାର୍ଯ୍ୟକାରୀ ହେଉନି ସରକାରୀ ନିର୍ଦ୍ଦେଶନାମା

**ଦଶପଲ୍ଲା,୩୧।୭/ଏନ୍ଏନ୍ଏସ୍:** ପ୍ରଶାସନକୁ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ସରକାର ଓଏଏସ ସ୍ତରରେ ବଦଳି ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ମାତ୍ର ଏହି ବଦଳି ନିର୍ଦ୍ଦେଶ ଫାଇଲ ତଳେ ପଡ଼ିରହିଥିବା ବେଳେ କାର୍ଯ୍ୟକାରୀ ହେଉନି ସରକାରୀ ନିର୍ଦ୍ଦେଶ। ଦୀର୍ଘଦିନ ଧରି ଦଶପଲ୍ଲାରେ କାର୍ଯ୍ୟରତ ଥିବା ତହସିଲଦାର ସ୍ମୃତିରଞ୍ଜନ ଶତପଥୀଙ୍କର ବୃତଙ୍ଗ ଜଳସେଚନକୁ ବଦଳି ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେ ଦଶପଲ୍ଲା ତହସିଲ ଅଫିସରେ ତହସିଲଦାର ଭାବେ କାର୍ଯ୍ୟରତ। ଏପରିକି ତହସିଲଦାରଙ୍କ ବଦଳରେ ତାପସ୍ୱିନୀ ହାଁସଦାଙ୍କୁ ଦଶପଲ୍ଲା ତହସିଲଦାର ଭାବେ ବଦଳି ହୋଇଥିଲେ ମଧ୍ୟ ସେ କାର୍ଯ୍ୟରେ ଯୋଗଦେଇ ନାହାନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ସରକାରୀ ନିର୍ଦ୍ଦେଶନାମା ବେଖାତିର୍‌କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତହସିଲଦାରଙ୍କ ବଦଳି ନିର୍ଦ୍ଦେଶକୁ କିଏ ଅଟକାଇଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପାର୍ଶ୍ୱରେ ବଦଳି ନିର୍ଦ୍ଦେଶ ପରେ ତହସିଲଦାର ବଦଳି ହୋଇ ନ ଯିବାରୁ ଦଶପଲ୍ଲା ତହସିଲ କାର୍ଯ୍ୟାଳୟରେ ପଇସା ଫେକୋ ତମାସା ଦେଖୋ ନ୍ୟାୟରେ କାର୍ଯ୍ୟ ଛାଲିଥିବା ଜଣାଯାଇଛି। ପାର୍ଟିସନ୍, ମ୍ୟୁଟେସନ୍, ଲିଜ୍ ମୋକଦ୍ଦମା ଏବଂ ରେଲୱେ ଅର୍ଥ ପାଇବାରେ ତହାସିଦାରଙ୍କ ଇଙ୍ଗିତରେ ଭଲ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଏପରିକି ଜୀବିତ ଲୋକକୁ ମୃତ ଦେଖାଇ ଅନ୍ୟନାମରେ ପଟା କରାଯାଇଛି। ଦୀର୍ଘଦିନ ଧରି କୁଆଁରିଆ ବିସ୍ଥାପିତଙ୍କୁ ପଟା ମିଳିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେମାନଙ୍କ ଜାଗା ଚିହ୍ନଟ କରାଯାଉନଥିବା ବେଳେ ବିସ୍ଥାପିତ ଜାଣନ୍ତିନି ସେମାନଙ୍କ ପଟ୍ଟା ଜାଗା କେଉଁଠି। ଦେବୋତ୍ତର ଅଧିନରେ ଥିବା ସ୍ଥାନୀୟ ମାଳିସାହି ଠାରେଥିବା ଶିବଠାକୁର ଙ୍କ ଜମି ରେଲୱେ ବିଭାଗ ନେବାପରେ ମିଳିଥିବା ଅର୍ଥ ବଣ୍ଟନ ରେ ହେରଫେର ହୋଇଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ ବାବୁଙ୍କ ଜାଣତରେ ଚାଲିଛି ସରକାରୀ ଜାଗା ଜବରଦଖଲ ବୋଲି ସାଧାରଣରେ ଅଭିଯୋଗ ହେଉଛି। ସରକାରୀ ଜାଗାରେ ବେଆଇନ କୋଠା ନିର୍ମାଣ ଓ ଦୋକାନ ଘର ନିର୍ବିଘ୍ନରେ ନିର୍ମାଣ ଚାଲିଥିବା ବେଳେ ସ୍ଥାନୀୟ ତହସିଲଦାରଙ୍କ କୌଣସି ପଦକ୍ଷେପ ନ ନେବା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ଦଶପଲ୍ଲାରେ ରାଜସ୍ୱ ବିଭାଗ ଆଖି ବନ୍ଦକରି ରଖିଛି ବୋଲି ଚର୍ଚ୍ଚା ହେଉଛି। ଏଣୁ ଦଶପଲ୍ଲା ତହସିଲଦାରଙ୍କ ବଦଳି କେବେ ବୋଲି ସାଧାରଣରେ ଆଲୋଚନା ଚାଲିଛି।

# ପ୍ରକୃତି ବନ୍ଧୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଓଡ଼ଗାଁ,୩୧।୭/ଏନ୍ଏନ୍ଏସ୍:** ଓଡ଼ଗାଁ ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଅଧୀନ ନନ୍ଦିଘୋର ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ପ୍ରକୃତିବନ୍ଧୁ ଭାଗ୍ୟରଥୀ ସେଠୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦଣ୍ଡପାଣି ଖାଣ୍ଡେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିଭାବେ ୧୫ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ସରୋଜ କୁମାର ରଣସିଂ, ନନ୍ଦିଘୋର ସରପଞ୍ଚ ସ୍ୱେତାଲିନ୍ ମିଶ୍ର, ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ରାଜ କିଶୋର ସାହୁ, ଜିଲ୍ଲା ଦକ୍ଷତା ବିକାଶ ଓ କର୍ମ ନିୟୋଜନ ଅଧିକାରୀ ମନସ୍ୱି ସେଠୀ, ପୁରାତନ ଛାତ୍ରସଂସଦ ସମ୍ପାଦକ ଗଜେନ୍ଦ୍ର ମହାରଣା, ସିଆରସିସି ଉମାକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଶିକ୍ଷା ଓ ଶିକ୍ଷକତାର ମୂଲ୍ୟବୋଧ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଅବସର ଶିକ୍ଷକ ଶ୍ରୀସେଠୀଙ୍କ ଜୀବନୀ ଉପରେ ଗୁଣଗାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଶ୍ରୀଧର ପରିଡା ସଂଯୋଜନା କରିଥିବାବେଳେ ୩ଟି ଯାକ ଶିକ୍ଷକ ସଂଗଠନର ସଭାପତି ନରେଶ ପାଣିଗ୍ରାହୀ, ଭକ୍ତରଞ୍ଜନ ମିଶ୍ର, ଜୟକୃଷ୍ଣ ପ୍ରଧାନ, ନୀଳମାଧବ ମହାରଣା ପ୍ରମୁଖ ଯୋଗଦେଇ ୧୯ ବର୍ଷର ଅନୁଭୂତି ବର୍ଣ୍ଣନା କରିଥିଲେ। ଅବସର କାଳୀନ ଗୀତିକାପରେ ଶିକ୍ଷକ ଶ୍ରୀ ସେଠୀଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀଙ୍କ ଗହଣରେ ନଗର ପରିକ୍ରମାକରି ନିଜ ବାସଭବନରେ ଛାଡ଼ିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମବାସୀ ଓ ପୁରାତନ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ସଂସ୍କୃତ ବିଭାଗ ପ୍ରାଧାପିକାଙ୍କୁ ଅବସର ସମ୍ବର୍ଦ୍ଧନା



**ସାକ୍ଷୀଗୋପାଳ,୩୧।୭/ଏନ୍ଏନ୍ଏସ୍:** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ପ୍ରାଧାପିକା ଶ୍ରୀମତୀ ସୁଜାତା ମହାପାତ୍ରଙ୍କର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ ଆଜି ଅନୁଷ୍ଠାନର ସଭାଗୃହରେ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରାଧାପିକା ଶ୍ରୀମତୀ ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ସତ୍ୟଶିବସୁନ୍ଦର ମିଶ୍ର ଅତିଥି ଭାବରେ ଯୋଗଦାନ କରି ସୁଜାତା ମହାପାତ୍ରଙ୍କର କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିତ୍ୱର ଭୂୟସୀ ପ୍ରଶଂସା କରିଥିଲେ। ଅଧ୍ୟକ୍ଷା ଶ୍ରୀମତୀ ପଟ୍ଟନାୟକ ବିଦାୟୀ ସହକର୍ମୀଙ୍କର ତିନି ଦଶନ୍ଧିରୁ ଉର୍ଦ୍ଧ କାର୍ଯ୍ୟକାଳ ତାଙ୍କର ପିପିଲି, ଚାରିଛକ ମହାବିଦ୍ୟାଳୟର ଚାକିରୀ ଅନୁଭୂତି ତାଙ୍କ ବ୍ୟକ୍ତିତ୍ୱକୁ ଅସାମାନ୍ୟ ଭାବେ ସର୍ଜ୍ଜନଶୀଳ କରିବା ସହ ତାଙ୍କୁ ଏକ ଆଦର୍ଶ ଶିକ୍ଷୟିତ୍ରୀ ଭାବରେ ଗଢିବାରେ ସହାୟକ ହୋଇଥିଲା ବୋଲି ମତ ଦେଇଥିଲେ।

ଅନ୍ୟତମ ମଞ୍ଚାସୀନ ଅତିଥି ଡ଼ଃ କଳ୍ପନା କୁମାରୀ ମହାପାତ୍ର, ପ୍ରା. ରତ୍ନାକର ସାହୁ ପ୍ରମୁଖ ଶ୍ରୀମତୀ ମହାପାତ୍ରଙ୍କ ସହିତ କଟାଇଥିବା ଦିନଗୁଡିକର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥ ଏବଂ ପୁଣ୍ୟାତ୍ମା ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ପ୍ରଦୀପ ପ୍ରଜ୍ୱଳନ, ବେଦପାଠ ସହ ହୋଇଥିଲା। ଏହି ଅବସରରେ ରାଜକିଶୋର ପତି, ଅଧାପିକା ଡ଼ଃ ରାଜଶ୍ରୀ ଶତପଥୀ, ସସ୍ମିତା ପ୍ରଧାନ, ଶୁଭ୍ରଦୀପ୍ତା ପଟ୍ଟନାୟକ, ସ୍ୱର୍ଣ୍ଣଲତା ମାହାରୀ, ଚନ୍ଦ୍ରଶେଖର ତ୍ରିପାଠୀ, ବିଜୟଲକ୍ଷ୍ମୀ ମିଶ୍ର, ଡ଼ଃ ଶଙ୍କର୍ଷଣ ପ୍ରଧାନ, ପ୍ରତିମା ସାହୁ, ସଂଘମିତ୍ରା ମିଶ୍ର, ମହେଶ୍ୱର ମିଶ୍ର, ପ୍ରାକ୍ତନ ଛାତ୍ରଛାତ୍ରୀ ଚନ୍ଦନ, ପାୟଲ, ମୌସୁମୀ, ରଶ୍ମିତା, ଐଶର୍ଯ୍ୟା, ସଂଘମିତ୍ରା, କଳ୍ପନା ପ୍ରମୁଖ ଶ୍ରୀମତୀ ମହାପାତ୍ରଙ୍କର ଦୃଢ଼ ମନୋବଳ ଏବଂ କାର୍ଯ୍ୟନିପୁଣତା, ଛାତ୍ର ତଥା ସହକର୍ମୀବତ୍ସଳ ବ୍ୟକ୍ତିତ୍ୱର ପ୍ରଶଂସା କରିଥିଲେ। ଏହି ଅବସରରେ ଶ୍ରୀମତୀ ମହାପାତ୍ରଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର, ଉପଢୌକନ, ଭାଗବତ ଗ୍ରନ୍ଥ ତଥା ପ୍ରାକ୍ତନ ଛାତ୍ରଛାତ୍ରୀ ତରଫରୁ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ବିଦାୟୀ ପ୍ରାଧାପିକା ଶ୍ରୀମତୀ ମହାପାତ୍ର ସାକ୍ଷୀଗୋପାଳ ମହାବିଦ୍ୟାଳୟର ଅତିବାହିତ କରିଥିବା ତାଙ୍କର ଜୀବନରେ ଅଭୁଲା ମୁହୂର୍ତ୍ତ ଗୁଡିକ ସ୍ମରଣ କରିବା ସହ ନୂତନ ପିଢ଼ିର ଅଧାପକ-ଅଧାପିକାମାନେ ଏହାର ନୂତନ ଭବିଷ୍ୟତର ବିନ୍ଧାଣି ହେବେ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧାପକ ମନୋଜ ପରିଡ଼ା ସଂଚାଳନ କରିଥିବବେଳେ କାର୍ଯ୍ୟକ୍ରମର ସଫଳତା ପାଇଁ ଅଧାପିକା ଡ଼ଃ ପୁପୁଲ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କ ଅନ୍ୟତ୍ର ବଦଳିର ପ୍ରତିବାଦ

# ବିଦ୍ୟାଳୟ ସମ୍ମୁଖରେ ଅଭିଭାବକ ଓ ଗ୍ରାମବାସୀଙ୍କ ଧାରଣା

**ମାହାଙ୍ଗା,୩୧।୭/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକାରୁ ସପ୍ତମଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬୫ଜଣ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରିଥାନ୍ତି। ଏଥି ନିମନ୍ତେ ୫ଜଣ ଶିକ୍ଷକ କାର୍ଯ୍ୟରତ ଥିଲେ। ହେଲେ ଏହି ବିଦ୍ୟାଳୟର ଶିକ୍ଷକ ସତ୍ୟବ୍ରତ ରଥଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଯାହାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ପକ୍ଷରୁ ବିଇଓ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଥିଲା। ହେଲେ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ବାଧ୍ୟ ହୋଇ ଅଭିଭାବକ ଓ ଗ୍ରାମବାସୀମାନେ ବିଦ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ପାଠ ପଢାରେ ନାନା ସମସ୍ୟା ସୃଷ୍ଟି ହେବ ବୋଲି କହିଥିଲେ। ଯେ ପର୍ଯ୍ୟନ୍ତ ଶିକ୍ଷକ ଶ୍ରୀ ରଥଙ୍କ ବଦଳି କାର୍ଯ୍ୟ ସ୍ଥଗିତ କରାନଯାଇଛି ସେ ପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି କହିବା ସହ ଆବଶ୍ୟକ ପଡିଲେ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଅଭିଭାବକମାନେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏ ନେଇ ବିଇଓ ସୁଶ୍ରୀ ମୋନାଲିସା ସରକାରଙ୍କୁ ଯୋଗାଯୋଗ କରିବାରୁ ବିଦ୍ୟାଳୟ ସଠିକ୍ ଭାବେ ଚାଲୁଛି ବୋଲି କହିଥିଲେ। ଶ୍ରୀ ରଥଙ୍କ ବଦଳି ସଂପର୍କରେ ପଚାରିବାରୁ ସେ ସଠିକ୍ ଉତ୍ତର ନ ଦେଇ ମୁଁ ବ୍ୟସ୍ତ ଅଛି କହି ଫୋନ୍ କାଟି ଦେଇଥିଲେ।



## ୧୦୮ କର୍ମଚାରୀଙ୍କ ପକ୍ଷରୁ ସଚେତନତା

**ନୟାଗଡ଼,୩୧।୭/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ନୟାଗଡ଼ର ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମାନଙ୍କ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଗୀମାନେ କିପରି ୧୦୮ ଆମ୍ବୁଲାନ୍ସ ସେବାର ଉପକାର ପାଇ ପାରିବେ ତାହା ଉପରେ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲାବେଳେ ସୁରକ୍ଷିତ ମାତୃତ୍ୱ, ବୟସ୍କ ବ୍ୟକ୍ତିମାନଙ୍କ ପ୍ରାଥମିକ ଚିକିତ୍ସା, ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟସେବା ଏବଂ ୧୦୮ ଆମ୍ବୁଲାନ୍ସର ଉପକାରିତା ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡାକ୍ତର ଦେବୀ ପ୍ରସାଦ ପ୍ରଧାନ, ନୟାଗଡ଼ ଜିଲ୍ଲା ସଂଯୋଜକ ସୁଶାନ୍ତ କୁମାର ଷଡଙ୍ଗୀ, ସୁଜିତ କୁମାର ନନ୍ଦ, ନରୋତ୍ତମ ନାୟକ, ମନୋଜ ନାୟକ, ଯୋଗେନ୍ଦ୍ର ନାୟକ, ଦିପ୍ତୀରଞ୍ଜନ ଦାସ, ଗଣେଶ ସାହୁ, ରାଜେନ୍ଦ୍ର ଦଳେଇ ଓ ସୋମ୍ୟରଞ୍ଜନ ରଞ୍ଜନ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲା ବେଳେ ବହୁ ସଂଖ୍ୟାରେ ଆଶାକର୍ମୀ ଉପସ୍ଥିତ ଥିଲେ।

## କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା ଅଧିନିୟମ ସମ୍ବନ୍ଧୀୟ ସଚେତନତା

**ବାଣପୁର,୩୧।୭/ଏନ୍ଏନ୍ଏସ୍:** ଆଜି ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ବ୍ଲକ ସଭାଗୃହରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପରେ ଯୌନ ନିର୍ଯ୍ୟାତନା (ନିବାରଣ, ନିଷେଧ ଓ ନିରାକରଣ) ଅଧିନିୟମ ୨୦୧୩ ସମ୍ବନ୍ଧରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର କୋର୍ଟ ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବାଣପୁର ବିଇଓ ସନାତନ ଜାଲି, ଫ୍ରଣ୍ଟ ଅଫିସ ରିଟେନର ଦେବୀପ୍ରସାଦ ସାମନ୍ତରାୟ, ବାଣପୁର ଓକିଲ ସଂଘ ଉପ ସଭାପତି ପଦ୍ମଜା ପଟ୍ଟନାୟକ, ପୂର୍ବତନ ସମ୍ପାଦକ ରଞ୍ଜନ କୁମାର ବେଦମଣ୍ଡା, ଅନ୍ୟ ଓକିଲ ଏବଂ ବାଣପୁର ଏନଏସି ଅନ୍ତର୍ଗତ ୧୩ ଗୋଟି ବିଦ୍ୟାଳୟର ଆଇସିସି କମିଟିର ସଭ୍ୟ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଚାରପତି ଶ୍ରୀ ମହାପାତ୍ର କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପରେ ଯୌନ ନିର୍ଯ୍ୟାତନା( ନିବାରଣ, ନିଷେଧ ଓ ନିରାକରଣ) ଅଧିନିୟମ ୨୦୧୩ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଯୌନ ନିର୍ଯ୍ୟାତନା କାହାକୁ କୁହାଯାଏ, ଆଇନ ଅନୁଯାୟୀ ପୀଡ଼ିତା କିଏ, ପ୍ରତିପକ୍ଷ କିଏ, ଆଇନ ଅନୁଯାୟୀ କାର୍ଯ୍ୟସ୍ଥଳୀ ଅର୍ଥ କଣ, କର୍ମଚାରୀ କିଏ, ନିଯୁକ୍ତିଦାତା କିଏ ଏବଂ ତାଙ୍କର କଣ କାର୍ଯ୍ୟ, ଆଇସିସି କଣ, ଉକ୍ତ କମିଟିରେ କେତେଜଣ ରହିବେ ଏବଂ କିଏ କିଏ ରହିପାରିବେ, ଜିଲ୍ଲା ଅଧିକାରୀ କିଏ, ଉକ୍ତ ଅପରାଧ ପାଇଁ ଦଣ୍ଡବିଧାନ କ'ଣ ରହିଛି ଆଦି ବିଷୟରେ ବିସ୍ତୃତ ଭାବେ ଉପସ୍ଥିତ ଥିବା ବ୍ୟକ୍ତିବିଶେଷଙ୍କୁ ବୁଝାଇଥିଲେ। ଉକ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ବାବଦରେ ସଚେତନ କରାଇଥିବାରୁ ସଭାଶେଷରେ ଉପସ୍ଥିତ ବ୍ୟକ୍ତିବିଶେଷମାନେ ବିଚାରପତି ଶ୍ରୀ ମହାପାତ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଓଡ଼ିଶା ରାଜ୍ୟ ମହିଳା ଆୟୋଗର ବିବାଦ ସମାଧାନ ଶିବିର

**ନୟାଗଡ଼,୩୧।୭/ଏନ୍ଏନ୍ଏସ୍:** ରାଜ୍ୟ ମହିଳା କମିଶନରଙ୍କ ଦ୍ୱାରା ଆୟୋଜିତ ଶିବିର ରେଜିଷ୍ଟ୍ରାର ସୁଶିଲ କୁମାର ରାୟଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିବେକାନନ୍ଦ ସାହୁ କନଭେନର ସେକ୍ରେଟାରୀ, ବନ୍ଦନା ମହାନ୍ତି ଏବଂ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଦୁଇ ମହିଳା କାଉନସିଲର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ପଣ୍ଡା, ପ୍ରୋଗ୍ରାମ ଅଫିସର ଜୟଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଏଥିରେ ଆୟୋଗର ୩୨ଗୋଟି ମାମଲାର ଶୁଣାଣି ପାଇଁ ଦାଖଲ କରାଯାଇଥିଲା। ସେଥି ମଧ୍ୟରୁ ୧୮ଗୋଟିର ମାମଲା ଶୁଣାଣି କରାଯାଇଥିବା ବେଳେ ତନ୍ମଧ୍ୟରୁ ୨ଟି ମାମଲା ଆପୋଷ ସମାଧାନ ହୋଇଥିବା ଜଣାପଡ଼ିଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ୫ଟି ମାମଲା, ସୁରକ୍ଷା ଅଧିକାରୀଙ୍କୁ ୭ଟି ମାମଲା, ପୁନର୍ବାର ଶୁଣାଣି ପାଇଁ ୩ଟି ମାମଲା ଏବଂ ଅନ୍ୟ ବିଭାଗକୁ ୧ଟି ମାମଲା ତଦନ୍ତ କରି ରିପୋର୍ଟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଶିବିରରେ କମିଶନ୍‌ଙ୍କ ଦ୍ୱାରା ସମନ ପାଇଥିବା ୨୧ରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। ଶରଣକୁଳ, ଗଣିଆ, ଦଶପଲା, ଖଣ୍ଡପଡ଼ା, ନୟାଗଡ଼ ଓ ବୌଦ୍ଧରୁ ଏହି ମହିଳାମାନେ ଆସିଥିବା ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ତରଫରୁ ନୟାଗଡ଼ ଡିଏସ୍‌ପି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପା ପାତ୍ର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ସୁରକ୍ଷା ଅଜାରୀ, ଅରବିନ୍ଦ ପଟ୍ଟନାୟକ ଲିଗାଲ ଆସିଷ୍ଟାଣ୍ଟ, ଦିବାକର ବିଶ୍ୱାଳ ଷ୍ଟେନୋ, ବିତ୍ତରଞ୍ଜନ ସାହୁ ଡିଲିଙ୍ଗ୍ ଆସିଷ୍ଟାଣ୍ଟ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ସଚେତନ କଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ



**ଦଶପଲ୍ଲା,୩୧।୭/ଏନ୍ଏନ୍ଏସ୍:** ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିଛନ୍ତି ୧୦୮ ଆମ୍ବୁଲାନ୍ସ କର୍ମଚାରୀ। ୧୦୮ ଆମ୍ବୁଲାନ୍ସର ଜରୁରୀକାଳୀନ ଅଧିକାରୀ ସୁନୀଲ କୁମାର ମିଶ୍ର, ଇଏମ୍‌ଟି ସିଦ୍ଧାର୍ଥ ନାୟକ ଓ ଆସିଷ୍ଟାଣ୍ଟ ସୁଦୀପ୍ତ କୁମାର ଦାସ ପ୍ରମୁଖ ସ୍ଥାନୀୟ କେପିଡ଼ି ମହିଳା ମହାବିଦ୍ୟାଳୟରେ ପହଞ୍ଚି ମହାବିଦ୍ୟାଳୟର ଛାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସା ଉପରେ ସଚେତନ କରିଥିଲେ। ବିଶେଷ ଭାବେ ଦୁର୍ଘଟଣା ସମୟରେ କିପରି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଏବଂ ରୋଗୀକୁ ଆମ୍ବୁଲାନ୍ସ ପହଞ୍ଚିବା ପର୍ଯ୍ୟନ୍ତ କିପରି ପ୍ରାଥମିକ ଚିକିତ୍ସା କରାଯିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ନିଆଯାଇପାରିବ ସେ ସମ୍ପର୍କରେ ଏହି କର୍ମଚାରୀମାନେ ଛାତ୍ରୀମାନଙ୍କ ମଧ୍ୟରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପୂର୍ଣ୍ଣମାସି ଦେବୀଙ୍କ ସହ ସମସ୍ତ କର୍ମଚାରୀ ଓ ଛାତ୍ରୀ ଉପସ୍ଥିତ ଥିଲେ।

## ମରଣାନ୍ତକ ଆକ୍ରମଣ ଘଟଣାରେ ୩ ବର୍ଷ କାରାଦଣ୍ଡ

**ନିମାପଡ଼ା,୩୧।୭/ଏନ୍ଏନ୍ଏସ୍:** ଗୁରୁବାର ନିମାପଡ଼ା ସହକାରୀ ବିଚାରପତି ସଂଘମିତ୍ରା ବିଶ୍ୱାଳ ଭୁଜାଲି ଆକ୍ରମଣରେ କାନ କାଟିବା ସହିତ ଲୁଟ୍ ମାମଲାର ବିଚାରକରି ଆସାମୀମାନଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ ହଜାର ଟଙ୍କା ଲେଖାଏଁ ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ୩ ମାସ ଦଣ୍ଡ ବିଧାନ କରିଛନ୍ତି। ସୂଚନା ଅନୁଯାୟୀ, କୋଣାର୍କ ଥାନା କେସ୍ ମୁତାବକ ୨୦୧୦ମସିହା ଡ଼ିସେମ୍ବର ୫ ତାରିଖରେ କୋଣାର୍କ ମହୋତ୍ସବ ଚାଲିଥିବା ସମୟେ ଅଭିଯୁକ୍ତ ବିଜୁ ନିଶଙ୍କ ଓ ତା'ର ସହଯୋଗୀମାନେ ନିଶାସକ୍ତ ଅବସ୍ଥାରେ ରାତି ୧ଟା ୪୦ରେ ମାଧିପୁର ଛକଠାରେ ପାନଦୋକାନୀ ରାମକଚନ୍ଦ୍ର ଜେନା ଦୋକାନ ବନ୍ଦ କରି ଘରକୁ ଯିବା ସମୟେ ତାଙ୍କୁ ଅଟକାଇ ୫ହଜାର ଟଙ୍କା ଓ ତାଙ୍କ ବେକରୁ ସୁନାଚେନ୍ ଲୁଟିନେବା ସହିତ ବିଜୁ ନିଶଙ୍କର ଏକ ଭୁଜାଲି ଚୋଟରେ ରାମଚନ୍ଦ୍ରଙ୍କର ବାମ କାନ ଶରୀରରୁ ସଂପୂର୍ଣ୍ଣ ଅଲଗା ହୋଇଯାଇଥିଲା। ପୁନଶ୍ଚ ସେହି କଟା କାନକୁ ବିଜୁ ଅନ୍ୟତ୍ର ଫିଙ୍ଗି ଦେଇଥିଲା। ସେହି ମାମଲାର ବିଚାରକରି ଗୁରୁବାର ବିଚାରପତି ଦଣ୍ଡାଦେଶ କରିଛନ୍ତି। ଏହି ମାମଲାକୁ ଅତିରିକ୍ତ ପି.ପି. ପ୍ରବୋଧ କୁମାର ପରିଡ଼ା ପରିଚାଳନା କରୁଥିଲେ।

## ପରିବେଶ ସଚେତନତା ଓ ଚାରାରୋପଣ



**ଟାଙ୍ଗୀ,୩୧।୭/ଏନ୍ଏନ୍ଏସ୍:** ରାଜ୍ୟସ୍ତରୀୟ ପଞ୍ଜିକୃତ ପରିବେଶ ସଂସ୍ଥା ପରିବେଶ ସୁରକ୍ଷା ଅଭିଯାନ,ଭୁବନେଶ୍ୱର ତରଫରୁ ଟାଙ୍ଗୀ ବ୍ଲକ ସ୍ଥିତ ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏକ ପରିବେଶ ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ଅଭିଯାନର ସଭାପତି ଡ଼ଃ ପ୍ରଦୀପ କୁମାର ରଥ, ସାଧାରଣ ସମ୍ପାଦକ ରଘୁନାଥ ପୃଷ୍ଟି, ଯୁଗ୍ମ ସମ୍ପାଦକ ଡ଼ଃ ନାରାୟଣ ତ୍ରିପାଠୀ ଓ ଆଜୀବନ ସଦସ୍ୟ ଭାଗ୍ୟଧର ବାଗ ପରିବେଶର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ପରିପ୍ରେକ୍ଷୀରେ ସମ୍ପ୍ରତି ପରିସ୍ଥିତିରେ ମାନବ କିପରି ନିଜର ସ୍ୱାର୍ଥ ଓ ଲୋଭର ବଶବର୍ତ୍ତୀ ହୋଇ ବିକାଶ ନାଁରେ ପରିବେଶକୁ ନଷ୍ଟ କରି ଚାଲିଛି, ତାର ଏକ ଭୟାବହ ଚିତ୍ର ପ୍ରଦାନ କରିଥିଲେ। ଏହାର ପ୍ରଭାବରେ ବିଶ୍ୱ ତାପମାନ ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଭଳି ଗଭୀର ସଙ୍କଟ ଦେଖାଦେଇଛି ଓ ପୃଥିବୀ କିପରି ଧ୍ୱଂସାଭି ମୁଖୀ ହେଉଛି ବକ୍ତା ମାନେ ତାର ସମ୍ୟକ ସୂଚନା ଦେଇଥିଲେ। ପରିବେଶକୁ ଏହି ସଂକଟରୁ ରକ୍ଷା କରି ଏକ ସନ୍ତୁଳିତ ପରିବେଶ ସୃଷ୍ଟି କରିବା ପାଇଁ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ, ଜଳର ଯଥୋଚିତ ବ୍ୟବହାର ତଥା ସଂରକ୍ଷଣ କରିବାପାଇଁ, ନିଷିଦ୍ଧ ହୋଇଥିବା ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନ କରି ଏଥିରୁ ଉତ୍ପନ୍ନ ପ୍ରଦୂଷଣକୁ ରୋକିବାପାଇଁ ବକ୍ତା ମାନେ ଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ପରିବେଶ ସୁରକ୍ଷା ପାଇଁ ସମଗ୍ର ପୃଥିବୀରେ କିପରି କିଶୋର ଓ ଯୁବକମାନେ ପ୍ରୟାସ କରୁଛନ୍ତି, ତାର ଏକ ବିସ୍ତୃତ ଚିତ୍ର ପ୍ରଦାନ କରାଯାଇ ଛାତ୍ରୀମାନଙ୍କୁ ପ୍ରେରିତ କରାଯାଇଥିଲା। ଅଭିଯାନର କାର୍ଯ୍ୟନିର୍ବାହୀ ସଦସ୍ୟ ଗୋପୀକଲ୍ୟାଣ ମହାପାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଏକ ପରିବେଶ ସମ୍ପର୍କିତ ଆଶୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ ଓ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଶିକ୍ଷକ ଅମରେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିବା ସହିତ ବକ୍ତାମାନଙ୍କ ଉପଦେଶ ପାଳନ କରିବାପାଇଁ ଛାତ୍ରୀମାନଙ୍କୁ ଅନୁପ୍ରେରିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଭିଯାନର ଆଜୀବନ ସଦସ୍ୟ ଶରତ କୁମାର ରାଉତ, ଶିକ୍ଷୟିତ୍ରୀ ରୀତାଞ୍ଜଳି ସାହୁ, ସୁଶ୍ରୀ ସଂଗୀତା କର, ଜୁବିଲି ବଳ ଓ ଅନ୍ୟ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଖା ବେହେରାଙ୍କ ସହଯୋଗ ଓ ପ୍ରୟାସରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ପରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀ ମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଫଳଚାରା ରୋପଣ କରାଯାଇଥିଲା।

### ଆକାଶରେ ବର୍ଷା ନାହିଁ କି କେନାଲରେ ପାଣି ଆସୁନାହିଁ

## ଚାଷ କାର୍ଯ୍ୟ ବାଧାପ୍ରାପ୍ତ, ଚାଷୀ ହତାଶ

**ନାୟହାଟ,୩୧।୭/ଏନ୍ଏନ୍ଏସ୍:** ଜଳବାୟୁର ପରିବର୍ତ୍ତନ ଯୋଗୁଁ ଶ୍ରାବଣ ମାସରେ ଝଡ଼ି ବର୍ଷା ହେବା ପରିବର୍ତ୍ତେ ଟାଣ ଖରା ଅସହ୍ୟ ଗରମ ଯୋଗୁଁ ଆକାଶରେ ବର୍ଷା ନଥିବା ବେଳେ କେନାଲରେ ଚାଷ ପାଇଁ ଆବସକ୍ୟ ପାଣି ଆସୁନଥିବାରୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଝିପି ଝିପି ବର୍ଷା କିଛି ସମୟ ହେବାପରେ ପୁଣି ଟାଣ ଖରା ଚାଷୀଙ୍କ ପାଇଁ କାଳ ସାଜିଛି। ଦିନକୁ ଦିନ ଧାନ ଚାଷର ପରିସ୍ଥିତି ଗମ୍ଭୀର ଆକାର ଧାରଣ କରିବାରେ ଲାଗିଛି। ଗତ ବର୍ଷ ଟାଣ ଖରା ଯୋଗୁଁ ଚାଷୀ କ୍ଷତିର ଭରଣା କରିପାରି ନଥିବାବେଳେ ଚଳିତବର୍ଷ ଚାଷ ଆରମ୍ଭରୁ ବର୍ଷା ର ଅଭାବ ଚାଷୀଙ୍କୁ ସଙ୍କଟରେ ପକାଇଛି। ଖାଲ ଜମିରେ ଅଳ୍ପ ପାଣି ଥିବା ବେଳେ ଡିପ ଜମିରେ ପାଣି ନାହିଁ। ନାୟାହାଟ ଅଞ୍ଚଳରେ ପ୍ରଚଣ୍ଡ ଖରା ଓ ଲୋକମାନେ ଅସ୍ତବ୍ୟସ୍ତ ହେଉଥିବା ବେଳେ ଶ୍ରାବଣ ସାରିବାକୁ କିଛି ଦିନ ବାକି ରହିଛି। ବର୍ଷା ଉପରେ ନିର୍ଭର କରି ଚାଷୀ ମାନେ ଖରି ଫସଲ ଚାଷ କରିଥାନ୍ତି। ଚଳିତବର୍ଷ ପାଣି ପାଇଁ ବର୍ଷାର ଆବଶ୍ୟକ ଥିବାବେଳେ ପ୍ରଚଣ୍ଡ ଖରା ହେଉଥିବାରୁ ଚାଷୀମାନେ ବିଲରେ ବୁଣି ଥିବା ଧାନ ତଳି ଓପାଡ଼ିପାରୁ ନାହାନ୍ତି କି ରୁଇଁ ପାରୁନାହାନ୍ତି। କେତକ ଚାଷୀ ପାଣି ପମ୍ପ୍ ଦ୍ୱାରା ବିଲକୁ ପାଣି ମଡ଼ାଇ କାଦୁଅ କରୁଛନ୍ତି। କୁଣ୍ଢେଇ ଓ ତାର ଶାଖା କେନାଲମାନଙ୍କରେ ଆବଶ୍ୟକ ପରିମାଣରେ ପାଣି ନଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। କେତକ ଚାଷୀ ଅଭିଗୋଗ କରିଛନ୍ତି କେନାଲରେ ପ୍ରଥମେ ଫୁଲ ପାଣି ଆସୁଥିଲା କିନ୍ତୁ ହଠାତ୍ କମିଯିବା ଫଳରେ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଏସଂପର୍କରେ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ତପନ କୁମାର ନାୟକଙ୍କୁ ପଚାରିବାରେ ସେ କହିଲେ ଯେ, ବନ୍ୟା ଯୋଗୁଁ ନଦୀମାନଙ୍କରେ ବନ୍ୟା ପାଣି ଆସିଥିବାରୁ ସେଥିପାଇଁ ଅଧିକ ପାଣି କେନାଲକୁ ଛଡ଼ାଯାଉନି, ବନ୍ୟା କମିଲେ ପାଣି ଛଡ଼ାଯିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଛନ୍ତି।



## ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

**ବାଲିପାଟଣା,୩୧।୭/ଏନ୍ଏନ୍ଏସ୍:** ସୋମନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆରତୀ ତ୍ରିପାଠୀ ଆଜି ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଭାତ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ



ହୋଇଥିଲା। ଏଥିରେ ଅତିଥି ଭାବରେ ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା, ସହ ଶିକ୍ଷାଧିକାରୀ ବିଜୟ ବେହେରା, ପ୍ରଧାନଶିକ୍ଷକ ତପନ କୁମାର ରାଉତ, ଶିକ୍ଷକ ନେତା ପ୍ରଭାକର ମଲ୍ଲିକ, ଦୀନବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷୟତ୍ରୀଙ୍କ ଅବସର ଜୀବନର ସୁଖ ଆନନ୍ଦ କାମନା କରିଥିଲେ। ଶିକ୍ଷା ଅଧିକାରୀଙ୍କ ତରଫରୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମସ୍ତ ପ୍ରାପ୍ୟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମିତାଞ୍ଜଳି ଜେନା, ମାନସ ଶତପଥୀ, ଶାକମ୍ବରି ପଣ୍ଡା, ପ୍ରମୋଦ ଶତପଥୀ, ମାନସ ପଟ୍ଟନାୟକ, ରୂପକ ପଣ୍ଡା, ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କ ସେବା ନିବୃତ୍ତି ସଭା



**ଖୋର୍ଦ୍ଧା,୩୧।୭/ଏନ୍ଏନ୍ଏସ୍:** ଖୋର୍ଦ୍ଧା ବ୍ଲକ ବଙ୍ଗିଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଡଖଣ୍ଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଟୁନୀ ଦେଈଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ରାଜ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଉପ ସଭାପତି ଅଗାଧୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ ସହିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଖୋର୍ଦ୍ଧା ବ୍ଲକ ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଗୋଷ୍ଠି ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ, ପ୍ରାକ୍ତନ ବିଆର୍‌ସିସି ଗୁଣନିଧି ମହାପାତ୍ର ଓ ରବିନ୍ଦ୍ରନାଥ ଶତପଥି ପ୍ରମୁଖ ଟୁନୀ ଦେଈ କିପରି ଜଣେ ଆଦର୍ଶ ଶିକ୍ଷିକା ଥିଲେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଶିକ୍ଷକ ନେତା ବଟ କୃଷ୍ଣ ପରିଡ଼ା, ହୃଷୀକେଶ ମିଶ୍ର ଓ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଂଗଠନ ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀଙ୍କ ସମୟାନୁବର୍ତ୍ତିତା, ପାଠ୍ୟ ଦାନ ଶୈଳୀ, ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ନିଜର ଭାବି କାର୍ଯ୍ୟ ପରିଚାଳନା କରିବା ଗୁଣ ଅତି ଉତ୍ତମ ଥିଲା ବୋଲି ପ୍ରକାଶ କରିଥିଲେ। କ୍ଲଷ୍ଟରର ସି.ଆର.ସି.ସି. ବାଗେଶ୍ରୀ ମହାପାତ୍ର, ମୁଖ୍ୟବକ୍ତା ଗୋପାଳ ଚନ୍ଦ୍ର ତ୍ରିପାଠୀ ଟୁନୀ ଦେଈଙ୍କ ଗୋଷ୍ଠୀ ସହିତ ସମ୍ପର୍କ, ସହ ବୌଦ୍ଧିକ ଦିଗ ପ୍ରତି ଗୁରୁତ୍ୱ ସହକର୍ମୀ ମାନଙ୍କ ସହିତ ସମ୍ପର୍କ ତାଙ୍କୁ ଅତି ଉଚ୍ଚକୁ ନେଇପାରିଥିଲା ବୋଲି ବକ୍ତବ୍ୟ ରଖିଥିଲେ। ଗ୍ରାମ୍ୟ କମିଟିର ମୁଖ୍ୟ ବିପିନ ବିହାରୀ ହରିଚନ୍ଦନ, ବାଙ୍ଗିଦା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୀତା ପ୍ରସାଦ ସାହୁ, ସରପଞ୍ଚ ଦିଲୀପ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମେନ ପୀତବାସ ବେହେରା, ଶିକ୍ଷକ ନେତା ପ୍ରସନ୍ନ କୁମାର ମହାପାତ୍ର ଶ୍ରୀମତୀ ଟୁନୀ ଦେଈଙ୍କ କାର୍ଯ୍ୟ ଦକ୍ଷତା ଓ ସମୟନୁବର୍ତ୍ତିତା ଗୁଣକୁ ପ୍ରଶଂସା କରିଥିଲେ। ଶିକ୍ଷକ ସତ୍ୟାନନ୍ଦ ବେହେରା, ତ୍ରିଲୋଚନ ବେହେରା, ବେଣୁଧର ମହାପାତ୍ର ଉଦବୋଧନ ଦେଇଥିବା ବେଳେ ପ୍ରାରମ୍ଭରୁ ଛାତ୍ର ଛାତ୍ରୀ ମାନେ ବିଦାୟୀ ଶିକ୍ଷୟିତ୍ରୀଙ୍କ ଗୁଣ ଗାନ କରିଥିଲେ। ବିଦାୟୀ ଶିକ୍ଷୟିତ୍ରୀ ନିଜର ୩୮ ବର୍ଷର ଅଭିଜ୍ଞତା ପ୍ରକାଶ କରିଥିଲେ। ବିଦ୍ୟାଳୟ ତରଫରୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରଯାଇଥିଲା। ସମସ୍ତଙ୍କ ସାହାଯ୍ୟ ସହଯୋଗ ପାଇଁ ବରିଷ୍ଠ ଶିକ୍ଷକ ସତ୍ୟବ୍ରତ ହରିଚନ୍ଦନ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ସୁସ୍ଥ ସମାଜ ଗଠନରେ 'ସବୁଜ ଶାଖା'

**ଅସ୍ତରଙ୍ଗ,୩୧।୭/ଏନ୍ଏନ୍ଏସ୍:** ସୁସ୍ଥ ସମାଜ ଗଠନରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱଚ୍ଛ ଭାରତ ମିଶନ ସରକାରଙ୍କ ଏକ ଦୁର୍ଲଭ ଆହ୍ୱାନ ହୋଇଥିବା ବେଳେ ବାସ୍ତବରେ ଏହାକୁ ଅନେକ ସ୍ଥାନରେ କାର୍ଯ୍ୟକାରୀ କରାଯାଉନାହିଁ। ମାତ୍ର ଅସ୍ତରଙ୍ଗ ବ୍ଲକ୍‌ର ଆଗଧାଡିର ସ୍ୱେଚ୍ଛାସେବୀ ସଂଗଠନ 'ସବୁଜ ଶାଖା' ଏହାକୁ ବାସ୍ତବ ରୂପରେଖ ଦେଇଛି। ପ୍ରତ୍ୟେକ ମାସ ଶେଷ ଗୁରୁବାର ବଜାର ବନ୍ଦ ରହିଥାଏ ଆଉ ଏହି ଅବସରରେ ଅସ୍ତରଙ୍ଗ ସବୁଜ ଶାଖାର ଶତାଧିକ କର୍ମୀ ଏକତ୍ରିତ ହୋଇ ବଜାର ଓ ବିଭିନ୍ନ ସ୍ଥାନ କୁ ହାତରେ କୋଡ଼ି, କୋଦାଳ ଓ ଝାଡୁ ଧରି ତାକୁ ପରିଷ୍କାର କରନ୍ତି। ଏହି ଅନୁଷ୍ଠାନ ର ମୁଖ୍ୟ ପୁରୋଧା ଦିବାକର ଛାଟୋଇ ଯିଏ ବର୍ତ୍ତମାନ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଅଛନ୍ତି ତାଙ୍କରି ନେତୃତ୍ୱରେ ଏହି ସାମାଜିକ କାର୍ଯ୍ୟକୁ ହାତାକୁ ନେଇ ପରିମଳ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିଆସିଛନ୍ତି। ଆଜିର ସଫେଇ କାର୍ଯ୍ୟକ୍ରମ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସମାଜସେବୀ ସତ୍ୟବ୍ରତ ଲେଙ୍କା, ବଜାର ସଭାପତି ଦୁଷ୍ମନ୍ତ ପରିଡ଼ା ଓ ଅନ୍ୟ କର୍ମୀମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ପାଇଁ ବଜାର ୱାର୍ଡ ସଭ୍ୟ ମନୋଜ କୁମାର ବିଶ୍ୱାଳ ଓ ବିଭିନ୍ନ ସ୍ଥାନରୁ ଅନେକ ଅଗ୍ରିମ ସ୍ୱେଚ୍ଛାସେବୀ ସଂଗଠନ ଧନ୍ୟବାଦ ଜ୍ଞାପନ କରାଯାଇଛି।

### ମା' ନାରାୟଣୀ ଓ ସ୍ୱପ୍ନେଶ୍ୱରଜିଉଙ୍କ ପୀଠ ଅବହେଳିତ

## ଅପରିଷ୍କାର, ଦୁର୍ଗନ୍ଧମୟ ପାଣିରେ ଚାଲିଛି ନୀତିକାନ୍ତି

**କଣ୍ଟିଲୋ,୩୧।୭/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପଥର ଚକଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଥର ଚକଡ଼ା ଗ୍ରାମରେ ପୂଜିତ ମା' ନାରାୟଣୀ ଓ ପଶ୍ଚିମମୁଖା ବାବା ସ୍ୱପ୍ନେଶ୍ୱର୍ ମହାଦେବଙ୍କ ପୀଠ ଆଜି ଅବହେଳିତ ଅବସ୍ଥାରେ ରହିଥିବା ଜଣାପଡ଼ିଛି। ଏଠାରେ ପ୍ରତ୍ୟେକ ଦିନର ନୀତିକାନ୍ତି ସେଠାରେ ଥିବା ଅପରିଷ୍କାର, ଦୁର୍ଗନ୍ଧମୟ ଓ ପୋଚରା ପାଣିରେ ଚାଲିଥିବା ଜାଣିବାକୁ ମିଳିଛି। ସୂଚନାରୁ ଜଣାପଡ଼ିଛି ଯେ, ବହୁ ପୁରାତନ ପ୍ରାଚୀନ ଏହି ମା'ଙ୍କ ମନ୍ଦିର ସାମ୍ନାରେ ଥିବା ପୋଖରୀ ପାଣି ଦଳ ପୂର୍ଣ୍ଣ ଓ ଅନ୍ୟାନ୍ୟ ଗଛଲତାରେ ପରିପୂର୍ଣ୍ଣ ହୋଇ ରହିଥିବା ଓ ଆଦୌ ସଫା ହେଉ ନଥିବାରୁ ଏହି ପାଣି ସର୍ବଦା ଅପରିଷ୍କାର ଓ ଦୁର୍ଗନ୍ଧମୟ ଅବସ୍ଥାରେ ପଡ଼ି ରହିଛି। ପୁରାଣ ବର୍ଣ୍ଣିତ ପ୍ରବାଦ ଅଛି ଯେ, ଗୋସିଂହ ଦୈତ୍ୟ ମା' ନାରାୟଣୀଙ୍କୁ ନିଜର ଆରାଧ୍ୟା ଦେବୀ ଭାବେ ପ୍ରତିଦିନ ପୂଜାର୍ଚ୍ଚନା କରୁଥିବା ସହିତ ଏହି ପୋଖରୀ ସ୍ଥାନକୁ ନିଜର ଯଜ୍ଞକୁଣ୍ଡ ଭାବେ ବ୍ୟବହାର କରୁଥିଲା। କାଳକ୍ରମେ ସେହି ଯଜ୍ଞକୁଣ୍ଡ ପୋଖରୀରେ ପରିଣତ ହେଲା। ସେବେ ଠାରୁ କୌଣସି ମନୁଷ୍ୟଙ୍କ କଥା ଛାଡ଼ନ୍ତୁ, କୌଣସି ଗୋରୁ ଗାଈ କିମ୍ବା ଅନ୍ୟାନ୍ୟ ପଶୁ ମଧ୍ୟ ଏହି ପାଣିକୁ ଆଦୌ ବ୍ୟବହାର କରନ୍ତି ନାହିଁ। ଏହି ସ୍ଥାନଟି ଗୋଟିଏ ପିକ୍‌ନିକ୍ ସ୍ପଟ୍ ହୋଇଥିବାରୁ ବର୍ଷର ବିଭିନ୍ନ ସମୟରେ ବାହାଘର, ବ୍ରତଘର, ନିର୍ବନ୍ଧ, ସଭାସମିତି ଓ ବଣଭୋଜି କରିବା ପାଇଁ ହଜାର ହଜାର ପର୍ଯ୍ୟଟକ, ଭକ୍ତ ଓ ସାଧାରଣ ଜନତାଙ୍କ ଭିଡ଼ ଲାଗିଥାଏ। କିନ୍ତୁ ଏତେଗୁଡ଼ିଏ କାର୍ଯ୍ୟ ହେଉଥିଲା ବେଳେ ପାନୀୟଜଳର କୌଣସି ବ୍ୟବସ୍ଥା ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ହଜାର ହଜାର ଲୋକ ନିର୍ଭର କରୁଥିବା ଏକମାତ୍ର ନଳକୂପଟି ବର୍ଷ ବର୍ଷ ଧରି ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡ଼ି ରହିଥିଲେ ମଧ୍ୟ କାହାର ଏଥି ପ୍ରତି ନିଘା ନାହିଁ। ତେଣୁ ବାଧହୋଇ ମନ୍ଦିର ପୂଜାରୀ ସେହି ଅପରିଷ୍କାର ଦୁର୍ଗନ୍ଧ ମଇଳା ପାଣିରେ ମା' ଏବଂ ବାବାଙ୍କ କାର୍ଯ୍ୟ କରୁଥିବାରୁ ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସାଧାରଣ ଜନତା ଅସନ୍ତୁଷ୍ଟ ହେଉଥିବା ଦେଖିବାକୁ ମିଳିଛି। ବହୁବାର ମନ୍ଦିର ପୂଜାରୀ ମୁନା ଦୀକ୍ଷିତ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ ସଭ୍ୟ, ଭାପୁର ବିଡ଼ିଓ, ବିଧାୟକ ଓ ଅନ୍ୟାନ୍ୟ ରାଜନୈତିକ ପଦାଧିକାରୀମାନଙ୍କୁ ଗୁହାରି କରି ଅସଫଳ ହୋଇଥିବା ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଏହି ପୀଠଟି ଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ପ୍ରଭୁ ଶ୍ରୀନୀଳମାଧବ ଜିଉ ବିଜେ କଣ୍ଟିଲୋର ଅତି ସନ୍ନିକଟ। ତେଣୁ ଯଥାଶୀଘ୍ର ଏହି ପୀଠର ଉନ୍ନତି ଓ ବିକାଶ ପାଇଁ ନୟାଗଡ଼ ଜିଲ୍ଲାପାଳ ଓ ରାଜ୍ୟ ସରକାର ବିହୀତ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ବିଧାୟକଙ୍କ ନିକଟରେ ଏ ଅଞ୍ଚଳର ହଜାର ହଜାର ଅଧିବାସୀ ଦାବି କରିଛନ୍ତି।



**ନିତି ଭାରତୀ**

ଯେଉଁ ବ୍ୟକ୍ତି ନିଃସ୍ୱାର୍ଥପର ଭାବରେ ଅନ୍ୟମାନଙ୍କ ପାଇଁ କାର୍ଯ୍ୟ କରନ୍ତି, ସେ ପ୍ରକୃତରେ ନିଜର ହିଁ ମଙ୍ଗଳ କରିଥାନ୍ତି।
- ରାମକୃଷ୍ଣ ପରମହଂସ

NITIDIN
ନିତିଦିନ
ଶୁକ୍ରବାର , ୧ ଅଗଷ୍ଟ,୨୦୨୫

# ସମାଜରେ ଲିଙ୍ଗଗତ ଭେଦଭାବ ଓ ପକ୍ଷପାତିତା



**ବିଦ୍ୟାଧର ମହାରଣା**

ଆଜିର ସମାଜରେ ଏକ ମୁଖ୍ୟ ସମସ୍ୟା ହେଉଛି ଲିଙ୍ଗଗତ ସମସ୍ୟା, ଯାହାର ପରିଣତି ସମସ୍ତେ ଉପଲବ୍ଧ କରୁଛନ୍ତି। ପ୍ରତ୍ୟେକ ଦିନ ଖବରକାଗଜ, ସାମାଜିକ ଗଣମାଧ୍ୟମ ଓ ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ବହୁ ଅଶୋଭନୀୟ ସମ୍ବାଦ ଅହରହ ପ୍ରକାଶ ପାଉଛି। ବିଶ୍ୱର ସବୁ ଦେଶରେ ଊଣା ଅଧିକେ ଲିଙ୍ଗଗତ ଭେଦଭାବ ଓ ପକ୍ଷପାତିତା ଦୃଷ୍ଟିଗୋଚର ହୁଏ। ଏପରି ଅବସ୍ଥା ଦେଖାଯାଏ, ଯେତେବେଳେ ଗୋଟିଏ ଲିଙ୍ଗର ବ୍ୟକ୍ତି ଅପେକ୍ଷା ଅନ୍ୟ ଲିଙ୍ଗର ବ୍ୟକ୍ତିଙ୍କୁ ଅନୁଚିତ ଭାବରେ ବ୍ୟବହାର ପ୍ରଦର୍ଶନ କରାଯାଏ। ଏହାଦ୍ୱାରା ଉଭୟ ଲିଙ୍ଗ ମଧ୍ୟରେ ସୁଯୋଗ, ଉପଚାର ଓ ଦୃଷ୍ଟିଭଙ୍ଗୀରେ ବୈଷମ୍ୟ ଦେଖାଯାଏ। ସମାଜରେ ଏପରି ଲିଙ୍ଗଗତ ଭେଦଭାବ ଓ ପକ୍ଷପାତିତା ଦୂରୀକରଣ କରିବା ପାଇଁ ବହୁ ଉଦ୍ୟମ କରାଯାଉଛି, କିନ୍ତୁ ଏହା ସାଂସ୍କୃତିକ, ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ଏବେ ବି ଲାଗି ରହିଛି, ଯାହାକି ବହୁ ବିଶୃଙ୍ଖଳା ସୃଷ୍ଟି କରୁଛି। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ବିଶ୍ୱ ଜେଣ୍ଡର ବ୍ୟବଧାନ ସୂଚକାଙ୍କ ୨୦୨୫ ଅନୁସାରେ, ଭାରତ ୧୪୮ ଦେଶ ମଧ୍ୟରେ ୧୩୧ ସ୍ଥାନରେ ଅଛି। ଏହି ସୂଚକାଙ୍କ ଅନୁସାରେ ସବୁଠାରୁ ଭଲ ପ୍ରଦର୍ଶନ କରିଛନ୍ତି ଆଇସଲ୍ୟାଣ୍ଡ, ଫିନଲ୍ୟାଣ୍ଡ ଓ ନରୱେ। ସେହି ଦେଶରେ ମହିଳାମାନେ ରାତ୍ରିରେ ନିର୍ଭୟରେ ଯାତାୟାତ କରନ୍ତି। ନିକଟରେ ନୁମ୍ବିଓ ସେଫଟି ଇଣ୍ଡେକ୍ସ ଦ୍ୱାରା ବିଶ୍ୱର ୧୪୮ ଦେଶକୁ ନିରାପଦ ହିସାବରେ ପାହ୍ୟାକରଣ କରାଯାଇଛି। ଏଥିରେ ୟୁନାଇଟେଡ୍ ଆରବ ପ୍ରଥମ ସ୍ଥାନରେ ଥିବା ସ୍ଥଳେ ଆମ ଦେଶ ୬୭ତମ ସ୍ଥାନରେ ଅଛି। ଆମେରିକାର ସରକାର ଏକ ନିର୍ଦ୍ଦେଶନାମାରେ ଭାରତର ଓଡ଼ିଶା ସମେତ ଛଅଟି ରାଜ୍ୟରେ ଆମେରିକାର ମହିଳାମାନେ ଏକୁଟିଆ ବୁଲିବାକୁ ବାରଣ କରିଛନ୍ତି। ଏଥିରୁ କି ପ୍ରକାର ବାର୍ତ୍ତା ମିଳିଛି, ତାହା ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ। ଏଠାରେ ଆମେ କହି ରଖୁଛୁ କି, ଲିଙ୍ଗଗତ ଭାବ ଓ ଯୌନତ୍ୱ ମଧ୍ୟରେ ପ୍ରଭେଦ ରହିଛି। ଯୌନତ୍ୱ ଏକ ଜୈବିକ ଓ ଶାରୀରିକ ବୈଶିଷ୍ଟ୍ୟ, ଯାହାକି ଜନ୍ମରୁ ପୁରୁଷ-ମହିଳା ଓ ପୁଅ-ଝିଅ ପ୍ରଭେଦକୁ ବୁଝାଏ। ଲିଙ୍ଗଭେଦ ବା ଜେଣ୍ଡର୍ ହେଉଛି ଏକ ସାମାଜିକ ଚରିତ୍ର ଓ ସୁଯୋଗ, ଯାହାକି ପୁରୁଷ ଓ ମହିଳା ଏବଂ ପୁଅ ଝିଅ ମଧ୍ୟରେ ସମ୍ପର୍କକୁ ଦର୍ଶାଏ ଏବଂ ଏମାନଙ୍କ ମଧ୍ୟରେ ବିଭିନ୍ନ ଭୂମିକା, ଦାୟିତ୍ୱ ଓ ସୁବିଧା ସୁଯୋଗକୁ ସୂଚାଇ ଥାଏ। ଏହା ଗତିଶୀଳ ଓ ପରିବର୍ତ୍ତନୀୟ। ଉଦ୍ଭିଦ ଓ ପ୍ରାଣୀଙ୍କ ଯୌନତ୍ୱ ସ୍ଥିର କରେ କ୍ରୋମୋଜୋମ୍, ହରମୋନ୍ ଓ ପ୍ରଜନନ ଅଙ୍ଗ। ଏହି କାରଣରୁ ଜେଣ୍ଡରକୁ ଏକ ବ୍ୟାପକ ପରିସରଭୁକ୍ତ କରାଯାଏ।

ଲିଙ୍ଗଗତ ପକ୍ଷପାତିତା ପୁରୁଷ ଓ ମହିଳାମାନଙ୍କ ଭୂମିକା, ଦକ୍ଷତା ଓ ଆଚରଣ ଏକ ପୂର୍ବକଳ୍ପିତ ଓ ପୁରୁଣାକାଳିଆ ଚିନ୍ତାଧାରା ଉପରେ ଆଧାରିତ। ସତୀଦାହ, ବାଲ୍ୟ ବିବାହ ଓ ପରଦା ପ୍ରଥା ମଧ୍ୟଯୁଗରେ ଥିଲା। ଏବେ ବି କେତେକ ଅଞ୍ଚଳରେ ବାଲ୍ୟ ବିବାହ ପ୍ରଥା ବଳବତ୍ତର ରହିଛି। ପାଶ୍ଚାତ୍ୟ ଦେଶ ପ୍ରଭାବ ଫଳରେ ଆମର ଚରିତ୍ର, ଶ୍ଳୀଳତା, ସଂଯମତା ଓ ବ୍ରହ୍ମଚର୍ଯ୍ୟ ଭଳି ବୈଶିଷ୍ଟ୍ୟ ଧୀରେ ଧୀରେ ଲୋପ ପାଇଲାଣି। ଲିଙ୍ଗଗତ ପ୍ରଭେଦ ଧାରଣା ସାମାଜିକ ଚଳଣିରେ ଦୀର୍ଘସ୍ଥାୟୀ ହୁଏ ଓ ପରିବାର, ଶିକ୍ଷା ଓ କର୍ମକ୍ଷେତ୍ରରେ ଦେଖାଯାଏ। ଆମେ ଦେଖୁ, ସମାଜରେ କର୍ମନିଯୁକ୍ତି, ପାରିଶ୍ରମିକ, ଶିକ୍ଷା ଓ ଅନ୍ତର୍ଭୁକ୍ତି ସ୍ଥାନରେ ଲିଙ୍ଗଗତ ବୈଷମ୍ୟ ବରାବର ଲାଗି ରହିଛି। ଲିଙ୍ଗଗତ ପକ୍ଷପାତିତା ଯୋଗୁଁ ଗୋଟିଏ ଲିଙ୍ଗ ଅପେକ୍ଷା ଅନ୍ୟ ଲିଙ୍ଗର ବ୍ୟକ୍ତିଙ୍କୁ ଅଧିକ ସମ୍ମାନ କରାଯାଏ। କର୍ମକ୍ଷେତ୍ରରେ ପୁରୁଷଙ୍କ ଅପେକ୍ଷା ମହିଳାମାନଙ୍କୁ କମ୍ ଦରମା, ବିଳମ୍ବରେ ପ୍ରମୋସନ ଦେବା ସହିତ ମାନସିକ ଓ ଶାରୀରିକ ନିର୍ଯାତନା ବେଳେବେଳେ ଦିଆଯାଏ। ଅଧିକ ମହିଳା କର୍ମରତ ପୁରୁଷମାନଙ୍କୁ ମଧ୍ୟ ଏପରି ପକ୍ଷପାତ କରାଯିବା ବିଚିତ୍ର ନୁହେଁ। କେତେକ ସମାଜରେ ଶିକ୍ଷା କ୍ଷେତ୍ରରେ ପୁଅପିଲା ଅପେକ୍ଷା ଝିଅପିଲାଙ୍କୁ କମ୍ ସୁଯୋଗ ମିଳେ। ବହୁ ଲୋକଙ୍କ ଧାରଣା, ଝିଅପିଲାଙ୍କୁ ବାହା କରିଦେଲେ କାମ ସରିଲା। କଥାରେ ଅଛି 'ଦେଲି ନାରୀ, ହେଲି ପାରି'। କିନ୍ତୁ ଝିଅଟିଏ ଶିକ୍ଷିତା ହେଲେ ସମ୍ପୂର୍ଣ୍ଣ ପରିବାର ଶିକ୍ଷିତ ହୋଇ ଯାଆନ୍ତି। ଆଜିକାଲି ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଝିଅପିଲାମାନେ ସର୍ବଦା ଆଗରେ। ତଥାପି ବାପାମାଆ ଝିଅପିଲାଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ବାହାରକୁ ଛାଡ଼ିବାକୁ ଅନିଚ୍ଛୁକ। ଆମ ସମାଜରେ ଏବେ ବି ଲୋକଙ୍କର ଧାରଣା ଯେ ଝିଅ ଜୀବନ ପର ଘରକୁ ଓ ଚୁଲି ମୁଣ୍ଡକୁ। ରୋଷେଇ କରିବା ଯେପରି ଝିଅଙ୍କ ଜନ୍ମଗତ ଅଧିକାର ! ପୁରୁଷମାନେ ରୋଜଗାର କରି ଘର ଚଳାନ୍ତି, କିନ୍ତୁ ମହିଳାମାନେ ସକାଳୁ ରାତ୍ରି ପର୍ଯ୍ୟନ୍ତ ବିନା ଦରମାରେ ପିଲାମାନଙ୍କ ଓ ଗୃହପାଳିତ ପ୍ରାଣୀମାନଙ୍କ ଯତ୍ନ ନିଅନ୍ତି, ସମସ୍ତଙ୍କୁ ରୋଷେଇ କରି ଖାଇବାକୁ ଦିଅନ୍ତି, ଘର ସଫା, ବାସନ ମଜା, ପୋଷାକ ସଫା ଇତ୍ୟାଦି ଯାବତୀୟ ଗୃହକର୍ମ ସହିତ ସନ୍ତାନମାନଙ୍କ ଲାଳନପାଳନ କରନ୍ତି। ସମସ୍ତେ ଖାଇ ସାରିବା ପରେ ଶେଷରେ ଯାହା ବଳେ, ତାକୁ ଖାଆନ୍ତି। ରାଜନୈତିକ ଓ ନ୍ୟାୟିକ କ୍ଷେତ୍ରରେ ମଧ୍ୟ ମହିଳାମାନେ ପୁରୁଷମାନଙ୍କ ଅପେକ୍ଷା ପଛରେ। ସମ୍ପତ୍ତି ଅଧିକାର ସାବ୍ୟସ୍ତ କଲାବେଳେ ମଧ୍ୟ ମହିଳାମାନେ ବହୁ କ୍ଷେତ୍ରରେ ଉପେକ୍ଷିତ। ଗରିବ ଘରର ଉଭୟ ପୁରୁଷ ଓ ମହିଳା କୃଷି କ୍ଷେତ୍ରରେ କାମ କରନ୍ତି। ପୁରୁଷମାନଙ୍କ ତୁଳନାରେ ଅଧିକ ଶ୍ରମ ଆବଶ୍ୟକ ଧାନ ରୁଆ, ଘାସ ବଛା, ଧାନ କଟା ଓ କଳେଇ ବୁହା ଇତ୍ୟାଦି ମହିଳା ଶ୍ରମିକଙ୍କ କାମ, ଅଥଚ ସେମାନେ ପୁରୁଷଙ୍କ ଅପେକ୍ଷା କମ୍ ମଜୁରୀ ପାଆନ୍ତି।

ଲିଙ୍ଗଗତ ଭେଦଭାବ ଓ ପକ୍ଷପାତିତାର ମୁଖ୍ୟ କାରଣଗୁଡ଼ିକ ହେଲା, ଆମର ପୁରୁଷକୈନ୍ଦ୍ରିକ ପରିବାର, ଦାରିଦ୍ର୍ୟ, ଅଶିକ୍ଷା, ସାମାଜିକ ପ୍ରଥା ଓ ସାମାଜିକ ଅବ୍ୟବସ୍ଥା। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଓ ଶିକ୍ଷାର ଅଭାବ ଯୋଗୁଁ ଝିଅମାନେ ଜନ୍ମରୁ ହିଁ ଅବହେଳିତ। ସେମାନେ ମାଆଙ୍କୁ ସାହାଯ୍ୟ କରିବା ପାଇଁ ପିଇବା ପାଣି ଆଣନ୍ତି, ଜାଳେଣି ସଂଗ୍ରହ କରନ୍ତି ଓ ଘରୋଇ କାର୍ଯ୍ୟରେ ବେଶୀ ସମୟ ଅତିବାହିତ କରନ୍ତି। ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି। ବେଳେବେଳେ ବାଲ୍ୟ ବୈଧବ୍ୟ ସମସ୍ୟାକୁ ବହୁଗୁଣିତ କରେ। ଯୌତୁକଜନିତ ସମସ୍ୟା ଭାରତରେ ସର୍ବତ୍ର ଦେଖାଯାଏ। ସରଳ ଶିଶୁ ଓ ବାଳିକା ବିଭିନ୍ନ ହିଂସା ଓ ଅତ୍ୟାଚାରର ସମ୍ମୁଖୀନ। ଜାତିଆଣ ପ୍ରଭାବରେ ବହୁ ଆଦିବାସୀ ଗ୍ରାମରେ ଅନ୍ତଃସମ୍ପ୍ରଦାୟ ବିବାହ ସାମାଜିକ ସ୍ୱୀକୃତି ପାଏନାହିଁ। ପରିଣାମ ସ୍ୱରୂପ, ସାମାଜିକ ବାସନ୍ଦ ଓ କଙ୍ଗାରୁ କୋର୍ଟ ଖବର ପ୍ରକାଶ ପାଏ। ୨୦୧୧ ଜନଗଣନା ଅନୁସାରେ ଆମ ଦେଶରେ ପ୍ରତି ୧୦୦୦ ପୁତ୍ର ସନ୍ତାନ ସ୍ଥଳେ ୯୧୮ କନ୍ୟା ସନ୍ତାନ ଥିଲେ। କନ୍ୟା ସନ୍ତାନ ନହେବା ପାଇଁ ଏବେ ବି ଭ୍ରୁଣହତ୍ୟା ଖବର ନଜରକୁ ଆସେ। ଶିଶୁ ଶ୍ରମିକ ମଧ୍ୟରେ ୪୮% ବାଳିକା। ଏବେ ବି ବହୁ ଲୋକ ବିଶ୍ୱାସ କରନ୍ତି ଲିଙ୍ଗଗତ ଭେଦଭାବ ଜନ୍ମରୁ ଅଛି। ଜଣକୁ ଯଦି ପ୍ରଶ୍ନ କରାଯାଏ, କୂଅରୁ ପାଣି କିଏ ବୋହିବ ? ଉତ୍ତର ଆସିବ, ଝିଅର ନାଁ। ସାଧାରଣ ପରିବାରରେ ପ୍ରଥମେ ଶିଶୁମାନେ ଖାଇବା ପରେ ଘରର ମୁରବୀ ଓ ପୁରୁଷମାନେ ଖାଇବା ପରେ ଯାହା ବଳେ, ତାକୁ ସ୍ତ୍ରୀଲୋକମାନେ ଖାଆନ୍ତି। ଏହା କ'ଣ ଏକ ପକ୍ଷପାତିତା ନୁହେଁ ?



ସମାଜବିଜ୍ଞାନୀମାନେ ଲିଙ୍ଗଗତ ଭେଦଭାବ ଓ ପକ୍ଷପାତିତାକୁ ବିଶ୍ଳେଷଣ ଓ ସମାଧାନ କରିବା ପାଇଁ ଲିଙ୍ଗଗତ ଅନ୍ଧତ୍ୱ, ଲିଙ୍ଗଗତ ବୈଷମ୍ୟ, ଲିଙ୍ଗଗତ ସାମ୍ୟ, ଲିଙ୍ଗଗତ ସଚେତନତା, ଲିଙ୍ଗଗତ ସମ୍ବେଦନଶୀଳତା, ଲିଙ୍ଗଗତ ପ୍ରସଙ୍ଗ, ଲିଙ୍ଗଗତ ଶ୍ରମ ବିଭାଜନ, ଲିଙ୍ଗଗତ ସଶକ୍ତିକରଣ, ଲିଙ୍ଗଗତ ଆବଶ୍ୟକତା, ଲିଙ୍ଗଗତ ଯୋଜନା ଓ ବଜେଟ୍ ପରି ଶବ୍ଦ ବ୍ୟବହାର କରନ୍ତି। ସେମାନଙ୍କ ମତରେ, ଲିଙ୍ଗଗତ ପକ୍ଷପାତିତା ଯୋଗୁଁ ସମାଜରେ ଅର୍ଥନୈତିକ ବୈଷମ୍ୟ ଦେଖାଯାଏ। ମହିଳାମାନେ ସ୍ୱଳ୍ପ ରୋଜଗାର ଯୋଗୁଁ ଆର୍ଥିକ ସ୍ୱାଧୀନତା ନ ପାଇ ପୁରୁଷମାନଙ୍କ ଉପରେ ନିର୍ଭର କରନ୍ତି। ବିଶେଷକରି ଗରିବ ମହିଳାମାନେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହୋଇ ଦୁଃଖମୟ ଜୀବନଯାପନ କରନ୍ତି ଓ ବିଭିନ୍ନ ଅତ୍ୟାଚାରର ଶିକାର ହୁଅନ୍ତି। କ୍ରମାଗତ ଅବହେଳା ଯୋଗୁଁ ମାନସିକ ସ୍ତରରେ ସେମାନେ ଦୁର୍ବଳ ଅନୁଭବ କରନ୍ତି ଓ ସର୍ବଦା ଉଦାସୀନ ହୋଇ ରୁହନ୍ତି। ପରିବାରରେ ନିଷ୍ପତ୍ତି ନେବା ଅଧିକାରରୁ ମହିଳାମାନେ ପ୍ରାୟତଃ ବଞ୍ଚିତ।

ଏପରି ଏକ ସମସ୍ୟାର ସମାଧାନ ପାଇଁ ସାମଗ୍ରିକ ଭାବରେ କରାଯିବା ଆବଶ୍ୟକ। ଉପଯୁକ୍ତ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଲିଙ୍ଗଗତ ଭେଦଭାବ ଓ ପକ୍ଷପାତିତା ପରିବାର, କାର୍ଯ୍ୟକ୍ଷେତ୍ରରେ ଓ ସମାଜର ପ୍ରତ୍ୟେକ ସ୍ତରରେ ଦୂରୀଭୂତ କରିବା ପାଇଁ ପ୍ରୟାସ ହେବା ଜରୁରୀ। ସରକାର ଆରମ୍ଭ କରିଥିବା 'ବେଟି ବଚାଓ ବେଟି ପଢ଼ାଓ', ମହିଳା ସଶକ୍ତିକରଣ ଯୋଜନା ଓ ନ୍ୟାୟିକ ଦିଗଗୁଡ଼ିକ ନିଷ୍ଠାର ସହିତ ପାଳନ କରିବା ଆବଶ୍ୟକ। କର୍ମକ୍ଷେତ୍ରରେ ପୁରୁଷ ଓ ମହିଳାଙ୍କ ମଧ୍ୟରେ କୌଣସି ପକ୍ଷପାତିତା ରହିବା ଉଚିତ ନୁହେଁ। ମହିଳାମାନଙ୍କୁ ନିର୍ଯାତନା ନଦେବା ପାଇଁ ଅନ୍ତଃଅଭିଯୋଗ କମିଟି ବାଧ୍ୟତାମୂଳକ ହେବା ସହିତ ଯୌନ ନିର୍ଯାତନା ଆଇନ୍ ୨୦୧୩ କଡ଼ାକଡ଼ି ଭାବରେ ପାଳନ କରାଯିବା ଆବଶ୍ୟକ। ଶିକ୍ଷା ନିକେତନଗୁଡ଼ିକରେ ଶିଶୁ-ମିତ୍ର ଶିକ୍ଷା ପ୍ରଣାଳୀ ଅବଲମ୍ବନ ସହିତ ବାଳିକାମାନଙ୍କୁ 'ଭଲ ଛୁଆଁ ଓ ଖରାପ ଛୁଆଁ' ବିଷୟରେ ଶିକ୍ଷା ଦେବା ସହିତ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବା କଥା। ବିଦ୍ୟାଳୟଗୁଡ଼ିକରେ ଯୌନଶିକ୍ଷା ପାଇଁ ମତ ପ୍ରକାଶ ପାଇଲାଣି। ଲିଙ୍ଗଗତ ଭେଦଭାବ ଦୂରୀକରଣ ପାଇଁ ଗଣମାଧ୍ୟମଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗୋଷ୍ଠୀ ମଧ୍ୟରେ ଏଥି ପ୍ରତି ସଚେତନତା ବୃଦ୍ଧି ପାଇଲେ କାମଟି ସହଜ ହେବ। ଗ୍ରାମାଞ୍ଚଳରେ ଓ ସହରାଞ୍ଚଳରେ କର୍ମଜୀବୀ ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀରେ ପରିଣତ କରି ସଶକ୍ତିକରଣ କରାଯାଇ ପାରିବ। ଆମେ ଆମର ଓଡ଼ିଶା, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ନାଗାଲ୍ୟାଣ୍ଡ ଅଭିଜ୍ଞତାରୁ ଜାଣିଛୁ ଯେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଲିଙ୍ଗଗତ ଭେଦଭାବକୁ ହଟାଇବାରେ ସଫଳ ହୋଇଛନ୍ତି। ସେମାନେ ମିଳିତ ଭାବରେ ଅର୍ଥନୈତିକ କାର୍ଯ୍ୟକ୍ରମ ଗ୍ରହଣ କରି ରୋଜଗାର ବୃଦ୍ଧି କରିବା ସହିତ ପୁରୁଷମାନଙ୍କ ସହିତ ସମକକ୍ଷ ହୋଇ ପାରିଛନ୍ତି। ଆମେ ଓଡ଼ିଶାର ଆଦିବାସୀ ଅଞ୍ଚଳରେ କ୍ଷେତ୍ର ଅନୁଧ୍ୟାନ ସମୟରେ ଜାଣିବାକୁ ପାଇଛୁ କି ପୁରୁଷମାନେ ମଦ୍ୟପାନ କରି ମହିଳାମାନଙ୍କୁ ଅତ୍ୟାଚାର କରନ୍ତି। ଏଣୁ ଏହି ଅଞ୍ଚଳରେ ମଦ୍ୟପାନ ନିଷିଦ୍ଧ ହେବା ଉଚିତ। ଓଡ଼ିଶାରେ ମଧ୍ୟ କେତେକ ବେସରକାରୀ ସଂସ୍ଥା ମହିଳା ଓ ପୁରୁଷମାନଙ୍କ ନାମରେ ଭୂମି ମାଲିକାନା ଯୁଗ୍ମ ଭାବରେ ଅର୍ପଣ କରିବାରେ ସହାୟତା କରିଛନ୍ତି। ଶିକ୍ଷା କ୍ଷେତ୍ରରେ ପିଲାମାନେ ନାମ ଲେଖାଇବା ବେଳେ ଉଭୟ ପିତା ଓ ମାତାଙ୍କ ନାମ ଉଲ୍ଲେଖ କରୁଛନ୍ତି। ବିଭିନ୍ନ ଉଦ୍ୟୋଗ ପାଇଁ ଋଣ ଉପରେ ରିହାତି ମହିଳାମାନଙ୍କୁ ପୁରୁଷମାନଙ୍କ ଅପେକ୍ଷା ଅଧିକ ଦିଆଯାଉଛି। ସରକାର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ୩୦-୫୦% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ଏହିପରି ସାମଗ୍ରିକ ଉଦ୍ୟମ ଜାରି ରହିଲେ ସମାଜରେ ଲିଙ୍ଗଗତ ଭେଦଭାବ ଓ ପକ୍ଷପାତିତା ହ୍ରାସ ପାଇ ଲିଙ୍ଗଗତ ସାମ୍ୟ ପ୍ରତିଷ୍ଠାରେ ଉନ୍ନତି ଘଟିବ, ଏଥିରେ ସନ୍ଦେହ ନାହିଁ।■

**ବିଦ୍ୟାଧର ମହାରଣା**
**କଳିଙ୍ଗନଗର, ୭/୪୫୨**
**ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦**
**bidyadhar.m@gmail.com**

# ଅପରେସନ୍ ସିନ୍ଦୂର ବିତର୍କ

ପହଲଗାମ୍ ଆତଙ୍କୀ ଆକ୍ରମଣ ପ୍ରେକ୍ଷାପଟରେ ଭାରତ ତରଫରୁ ପାକିସ୍ତାନର ଆତଙ୍କୀ ଆଡ୍‌ଡାଗୁଡ଼ିକ ଉପରେ କରାଯାଇଥିବା ଅପରେସନ୍ ସିନ୍ଦୂର ନାମକ କାର୍ଯ୍ୟାନୁଷ୍ଠାନ ବାବଦରେ ସଂସଦୀୟ ବିତର୍କରେ ଅନେକ କିଛି କହି ଉଭୟ ଟ୍ରେଜେରୀ ଏବଂ ବିରୋଧୀ ସଦସ୍ୟମାନେ ସେମାନଙ୍କ ନିଜ ନିଜ ପିଠିରୁ ବଡ଼ ବୋଝଟିଏ ଉତାରିବାରେ ସକ୍ଷମ ହୋଇଛନ୍ତି। ସଂସଦରେ ଏ ବିଷୟରେ ବିତର୍କ କାଳରେ ଯାହାସବୁ କୁହା ଯାଇଥିଲା, ସେସବୁ ଆଗରୁ ସର୍ବସାଧାରଣରେ ମଧ୍ୟ ପ୍ରକାଶ କରାଯାଇ ସାରିଛି, ଯେମିତିକି- ଯୁଦ୍ଧ ବିରତି ପାଇଁ ବିଶ୍ୱର ଅନ୍ୟ କୌଣସି ଦେଶର ନେତା ମଧ୍ୟସ୍ଥି ଭୂମିକା ନିର୍ବାହ କରି ନଥିଲେ, କେବଳ ପାକିସ୍ତାନର ଅନୁରୋଧ ପରେ ହିଁ ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧର ରୂପ ନେବାକୁ ଯାଉଥିବା ଏହି କାର୍ଯ୍ୟାନୁଷ୍ଠାନ ବନ୍ଦ ପଦକ୍ଷେପ ନିଆ ଯାଇଥିଲା। ବିତର୍କରେ ଯାହା କୁହା ନ ଗଲା, ସେସବୁ ମଧ୍ୟ ପ୍ରଚୁର ଥିଲା। ତାହା ହେଉଛି, ଯୁଦ୍ଧରେ ହୋଇଥିବା କ୍ଷତିଗୁଡ଼ିକୁ ସର୍ବସାଧାରଣରେ ପ୍ରକାଶ କରିବା, ନିର୍ଦ୍ଦିଷ୍ଟ ଭାବରେ ଲଢୁଆ ଜେଟ୍‌ଗୁଡ଼ିକ ବିଷୟରେ କହିବା। ନିଜ ନିଜର ବକ୍ତବ୍ୟମାନ ପ୍ରକାଶ କରିବା ପାଇଁ ସାଂସଦମାନେ ଦୁଇ ଦିନ କାଳ ଛିଡ଼ା ହେବାର ଶେଷରେ ଭାରତୀୟ ଜନତା ଯାହାସବୁ କୁହା ଯାଇଥିଲା, ସେସବୁ ସମ୍ପର୍କରେ ଅବଶ୍ୟ କିଛିଟା ଜ୍ଞାନ ଅର୍ଜନ କରି ପାରିଥିବେ। କିନ୍ତୁ ଗୋଟିଏ ପକ୍ଷର ବିଜୟ ଗାଥା ଗାଇବା ଏବଂ ଅପର ପକ୍ଷର ସନ୍ଦେହକୁ ମୋଚନ କରିବା ନିମନ୍ତେ କଦାଚିତ୍ ଏହାଠୁ ଅଧିକ ଆଉ କିଛି କରାଯାଇ ପାରିଥାନ୍ତା। ଯାହା ବିବାଦରେ ରହିବା ଉଚିତ ନୁହେଁ, ତାହା ହେଲା ସଂସଦରେ ପହଲଗାମ୍ ଘଟଣାରେ ସମ୍ପୃକ୍ତ ତିନି ଜଣ ଆତଙ୍କବାଦୀଙ୍କ ବିଷୟରେ ଫରେନ୍‌ସିକ୍ ପ୍ରମାଣ ଦାଖଲ କରାଯିବା ଯେ ସେମାନଙ୍କୁ ଖୋଜି ବାହାର କରାଯାଇ ଗୁଳି କରି ମାରିଦିଆ ଯାଇଛି, ଯଦିଓ ଏହି ଘଟଣା ଏତେ କାକତାଳୀୟ ଯେ ଏହା ଉପରେ ସନ୍ଦେହ ପ୍ରକଟ କରିବା ପାଇଁ ସମୟର ଏକ ବଡ଼ ଭୂମିକା ରହିବ, ଯଦ୍ୟପି ଉପରୋକ୍ତ ଆକ୍ରମଣରେ ନିଜ ନିଜର ଆତ୍ମୀୟ ସ୍ୱଜନମାନଙ୍କୁ ହରାଇ ଥିବା ଲୋକମାନଙ୍କ ପାଇଁ ଏହା କେତେକାଂଶରେ ସାନ୍ତ୍ୱନା ଆଣି ଦେଇଥିବ।

ଅପରେସନ୍ ସିନ୍ଦୂର ବିଷୟରେ ସଂସଦରେ ହୋଇଥିବା ବିତର୍କର ସ୍ୱର ଏବଂ ଭାବ କଠୋର ସତ୍ୟ ଏବଂ ତଥ୍ୟ ଉପରେ ଆଧାରିତ ହେବା ଅପେକ୍ଷା ଅଧିକ ଥିଲା ଭାବପ୍ରବଣତାମୂଳକ। ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍‌ଙ୍କୁ ମିଛୁଆ ଘୋଷଣା କରାଯିବା ପାଇଁ ହୋଇଥିବା ଦାବି ଏକ ସମ୍ପୂର୍ଣ୍ଣ ଅସମ୍ଭବ ବ୍ୟାପାର ଥିଲା, କାରଣ କୌଣସି ସରକାର ମଧ୍ୟ ତାହା କରି ପାରିବ ନାହିଁ, ଏମିତିକି ଭୂ-ରାଜନୀତି ଦୃଷ୍ଟିରୁ ଅନେକ ଫାଟ ସୃଷ୍ଟି ହୋଇ ସାରିଥିବା ଏକ ବିଶ୍ୱରେ ସୁଦ୍ଧା। ଆମେରିକାର ଗଣମାଧ୍ୟମ ନିୟମିତ ଭାବରେ ଏକଥା ପର୍ଯ୍ୟାପ୍ତ ପରିମାଣରେ କରି ଚାଲିଛି, ଯେତେବେଳେ ଏହା ନିଜର ଏକ ପାରଦ ଭଳି ଅସ୍ଥିର ନେତାଙ୍କ ସମ୍ପର୍କରେ ସମ୍ବାଦମାନ ପରିବେଷଣ କରୁଛି ଯିଏକି ନିଜକୁ ବିଶ୍ୱର ସର୍ବାଧିକ ଶକ୍ତିଶାଳୀ ବ୍ୟକ୍ତି ଭାବରେ ଘୋଷଣା କରୁଛନ୍ତି। ତେଣୁ ସାଧାରଣ ଲୋକମାନେ ଯେତେବେଳେ ଟ୍ରମ୍ପ୍‌ଙ୍କ ବିଷୟରେ ଏସବୁ କଥା ଜାଣି ସାରିଛନ୍ତି, ସେତେବେଳେ ଏକ ଜନବହୁଳ ଗଣତନ୍ତ୍ରର ଏକଥା କହି ସମୟ ଓ ସମ୍ପର୍କ ନଷ୍ଟ କରିବାର କି ଆବଶ୍ୟକତା ରହିଛି ? ବିତର୍କ କାଳରେ ବିରୋଧୀ ଦଳର ନେତା ଅପରେସନ୍ ସିନ୍ଦୂର ସମୟରେ ଘଟିଥିବା ଘଟଣାଗୁଡ଼ିକ ସହିତ ଯୁଦ୍ଧ ବିରତିକୁ ନେଇ ହୋଇଥିବା ବୁଝାମଣାର ମଞ୍ଜ କଥାଗୁଡ଼ିକର ଏକ ସମୀକ୍ଷାକୁ ଆହ୍ୱାନ ଦେଇଥିଲେ। ତାଙ୍କର ଏପରି ଦାବି କରିବା ପଛରେ ଯେ ଯୌକ୍ତିକତା ନଥିଲା, ତାହା କୁହାଯାଇ ପାରିବ ନାହିଁ, କାରଣ ଭାରତ ଯେତେବେଳେ ଦୁଇ ପକ୍ଷର ମୁକାବିଲାରେ ବିଜୟ ପଥରେ ଥିଲା, ସେତେବେଳେ କାହିଁକି ଉପରୋକ୍ତ ବୁଝାମଣାକୁ ଗ୍ରହଣ କରିନେଲା। ଏହାକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଛାଡ଼ି ଦିଆଯିବାରୁ, ଯେପରିକି ଅପରେସନ୍ ସିନ୍ଦୂର ଅନୁଷ୍ଠିତ ହେବା ଏବଂ ଏହା ଉପରେ ସଂସଦରେ ବିତର୍କ ହେବା ଭିତରେ ହାରାହାରି ନବେ ଦିନର ଅନ୍ତର ରହିବା ଦ୍ୱାରା ଷଡ଼ଯନ୍ତ୍ର ତତ୍ତ୍ୱଗୁଡ଼ିକ ପ୍ରମୁଖତା ଲାଭ କରିବା ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ସୁଯୋଗ ପ୍ରଦାନ କରାଯାଇ ପାରିଲା।

ଏ ବାବଦରେ ପ୍ରତ୍ୟୁତ୍ତର ଦେବାକୁ ଯାଇ ପ୍ରଧାନମନ୍ତ୍ରୀ ଯେଉଁ ଦୀର୍ଘ ଉତ୍ତର ଦେଲେ, ତାହା ମଧ୍ୟ ସନ୍ଦେହ ମୋଚନ କରିବାରେ କ୍ୱଚିତ୍ ସକ୍ଷମ ହେଲା, କାରଣ ଏହି ଉତ୍ତର ଛଳରେ ବର୍ତ୍ତମାନର ଘଟଣାଗୁଡ଼ିକର ନିର୍ଦ୍ଦିଷ୍ଟତା ଓ ବିଶେଷ ଆବଶ୍ୟକତାଗୁଡ଼ିକ ସମ୍ପର୍କରେ କୁହା ନ ଯାଇ ଅଧିକ କୁହାଗଲା ଅତୀତର ଭାରତୀୟ ରାଜନେତାମାନଙ୍କର କାର୍ଯ୍ୟ ସମ୍ପର୍କରେ ଯାହାକୁ ଗୁରୁତର ଭୁଲ୍ ଭାବରେ ସାମ୍ପ୍ରତିକ ସମୟରେ ବିବେଚନା କରାଯାଉଛି। ଘଟଣା ଘଟିବା ପରେ ପରେ ଯଦି ପ୍ରଧାନମନ୍ତ୍ରୀ ସଂସଦକୁ ସାମରିକ ବାହିନୀ ଏବଂ ଆମର ଅସ୍ତ୍ରଶସ୍ତ୍ରଗୁଡ଼ିକର ଉତ୍କର୍ଷ ଉପରେ କିଛି କହିଥାନ୍ତେ, ତା'ହେଲେ ସୀମା ଓ ସୀମା ବାହାରୁ ଆସିଥିବା ଖବର ସମସ୍ତଙ୍କ ମନକୁ ମୋହିଥାନ୍ତା। ସିନ୍ଧୁ ଜଳ ଚୁକ୍ତିର ଅତ୍ୟଧିକ ସହୃଦୟ ଭାବନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଯାହା କହିଲେ, ସେସବୁ ଅବଶ୍ୟ ଅଯୌକ୍ତିକ ନଥିଲା। ଏ ବାବଦରେ ଯାହା କିଛି ଚାଲୁ ରହିଛି, ତାହା ବଜାୟ ରଖାଯିବାର ଆବଶ୍ୟକତା ରହିଛି, କାରଣ ପାକିସ୍ତାନ ଦ୍ୱାରା କାଶ୍ମୀରରେ ଆତଙ୍କବାଦ ସୃଷ୍ଟି କରିବା ପରିପ୍ରେକ୍ଷୀରେ ଏହି ବ୍ୟବସ୍ଥାରେ ସଂଶୋଧନ ଅଣାଯିବା ଆବଶ୍ୟକ। ପାକିସ୍ତାନ ଏବଂ ଚୀନ୍ ମଧ୍ୟରେ ଚାଲିଥିବା ସମ୍ପର୍କ ବିଷୟରେ ରାହୁଲ ଗାନ୍ଧୀ ଯାହା କହିଲେ, ତାହା ଏହି ବିତର୍କର ଏକ ବଡ଼ ସାରାଂଶ ହେବା ଉଚିତ କାରଣ ଏହା ହେଉଛି ଏକ ରଣନୀତିକ ମହତ୍ତ୍ୱପୂର୍ଣ୍ଣ ଦୃଶ୍ୟପଟ, ଯେଉଁଥିରେ ପ୍ରତିଫଳିତ ହେଉଛି ଆଜିକା ସମୟର ବୈଶ୍ୱିକ ବାସ୍ତବତା ଯେଉଁ ଦିଗରେ ଭାରତ ଦୃଷ୍ଟି ଦେବାର ଜରୁରୀ ଆବଶ୍ୟକତା ରହିଛି। ଭାରତର ଉତ୍ତର ଭାଗରେ ରହିଥିବା ସୀମାଗୁଡ଼ିକ ଏଭଳି ଏକ ଅବସ୍ଥାରେ ରହିଛି ଯେ ଏସବୁ ଉପରେ ସଦାସର୍ବଦା ତୀକ୍ଷ୍ଣ ନଜର ରଖାଯିବା ବର୍ତ୍ତମାନ ସମୟରେ ଜାତୀୟ ସୁରକ୍ଷା ଆବଶ୍ୟକତା ଦୃଷ୍ଟିରୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। ସଂସଦରେ ଏକ ଖୋଲା ବିତର୍କ ହେବାର ଅନେକ ମହତ୍ତ୍ୱ ରହିଛି, କାରଣ ଏହାଦ୍ୱାରା ଏକ ନିର୍ବାଚନୀ ଗଣତନ୍ତ୍ର ମତାମତର ବିବିଧତା ମଧ୍ୟରେ ଅଧିକ ଉଜ୍ଜ୍ୱଳି ଉଠିବାର ସମ୍ଭାବନା ପ୍ରକଟିତ ହୋଇଥାଏ ଯାହାକୁ ଉଭୟ ଶାସକ ଏବଂ ବିରୋଧୀମାନେ ବୁଝିବା ଉଚିତ। ■

# ୧୫୧ ବର୍ଷିଆ 'ଟ୍ରାମ୍'ର ଅନ୍ତ !



**ସୀତାଂଶୁ ତ୍ରିପାଠୀ**

ଦ୍ରୁତ ଗତି ମହାବିପତ୍ତି- ଏହା ଅଳ୍ପ ବହୁତେ ସମସ୍ତେ ଜାଣିଛନ୍ତି। ଦ୍ରୁତ ଗତିରେ ଗାଡ଼ି ଚାଳନା ଏକ ଅଭିଶାପ ବା ଅଘଟଣ ଭାବେ ପରିଗଣିତ ହୋଇଛି ଅତୀତରେ। ଏହା ଜାଣିବା ସତ୍ତ୍ୱେ କଲିକତାର ଜୀବନରେଖା ତଥା ଗୌରବ ଓ ପରିଚୟ ସୃଷ୍ଟି କରିଥିବା 'ଟ୍ରାମ୍' ବନ୍ଦ କରିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯିବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ କ୍ଷୋଭ ପ୍ରକାଶ କରିଛନ୍ତି। କଲିକତାର ପରିଚୟ ହାୱଡ଼ା ବ୍ରିଜ ଓ କଲିକତା ଟ୍ରାମ୍‌ରୁ ଜଣାଯାଏ। ୧୫୧ ବର୍ଷରୁ ପୁରୁଣା ଟ୍ରାମ୍ ସେବା ଏକ ବିରଳ ଯାତାୟାତ ମାଧ୍ୟମ, ଯେଉଁଥିରେ ନାହିଁ ପ୍ରଦୂଷଣ। କିନ୍ତୁ କେବଳ ଶବ୍ଦ ପ୍ରଦୂଷଣ ଉତ୍ପନ୍ନ ହୁଏ। ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ତଥା ସାଧାରଣ ଜନତାଙ୍କର ଟ୍ରାମ୍ ହେଉଛି ପ୍ରଥମ ପସନ୍ଦ। ଆଜିକାଲିର ଯୁବ ପିଢ଼ି, ଛାତ୍ରଛାତ୍ରୀଙ୍କ ପସନ୍ଦରୁ ଦୂରେଇ ଯାଉଛି ଟ୍ରାମ୍, କାରଣ ସେମାନଙ୍କୁ କମ୍ ସମୟରେ ଦ୍ରୁତ ଗତିରେ ଗଡୁଥିବା ଯାତାୟାତର ମାଧ୍ୟମ ଖୁବ୍ ପସନ୍ଦ। ଟ୍ରାମ୍ ଯାତାୟାତ ସମୟରେ ଟ୍ରାଫିକ ଜାମ୍ ଭିନ୍ନ ଏ ସମସ୍ୟା, ଯାହାକୁ ନେଇ ସରକାର ବେଶ୍ ଚିନ୍ତିତ।

ଏକ ସଦ୍ୟ ରିପୋର୍ଟରୁ ଯାହା ଜଣାପଡ଼େ, ପଶ୍ଚିମବଙ୍ଗର ରାଜଧାନୀ କଲିକତା ସହରରୁ ୧୫୧ ବର୍ଷ ପୁରୁଣା ଟ୍ରାମ୍ ବ୍ୟବସ୍ଥାକୁ ରୋଡ୍‌ରୁ ସବୁଦିନ ପାଇଁ ହଟେଇ ଦିଆଯିବ ବୋଲି ରାଜ୍ୟ ସରକାର ଏକ ବଡ଼ ନିଷ୍ପତ୍ତି ନେଇଥିବା ଜଣା ପଡ଼ିଛି, ଯାହା ଏବେ ଚିନ୍ତାର ବିଷୟ ପାଲଟିଛି। ଏହା ସତ୍ତ୍ୱେ ଏକ ମୁଖ୍ୟ ରାସ୍ତା- ଏସ୍‌ପ୍ଲାନେଡ୍ ମଇଦାନ ରୁଟ୍‌ରେ ଏହି ସେବା ଉପଲବ୍ଧ ହେବ ବୋଲି କୁହାଯାଇଛି। ସାଂପ୍ରତିକ ଓ ପରିବର୍ତ୍ତନଶୀଳ ସମୟରେ ଲୋକେ ତ୍ୱରିତ ବେଗରେ କମ୍ ସମୟ ମଧ୍ୟରେ ଯାତାୟାତ ବ୍ୟବସ୍ଥାକୁ ଅଧିକ ପସନ୍ଦ କରୁଛନ୍ତି। ସେଥିପାଇଁ ବେଶୀ ପଇସା ପଛେ ପଡୁ, ସେଥିରେ ଯାଏ ଆସେ ନାହିଁ। ଟ୍ରାମ୍‌ଗୁଡ଼ିକ ଅତ୍ୟନ୍ତ ଧିମା ବେଗରେ ଯିବା ଆସିବା କରୁଥିବାରୁ ଏହା ଅନେକ ସମୟରେ ରାସ୍ତା ଜାମ୍ କରୁଛି ବୋଲି ପର୍ଯ୍ୟଟନ ମନ୍ତ୍ରୀ ସ୍ନେହାଶିଷ ଚକ୍ରବର୍ତ୍ତୀ କହିଛନ୍ତି, ଯାହା ସାଧାରଣ ଲୋକଙ୍କ ଭିତରେ କ୍ଷୋଭ ପ୍ରକାଶ ପାଇଛି। ବିଭିନ୍ନ ମହଲରୁ ସରକାରଙ୍କ ଏତାଦୃଶ ନିଷ୍ପତ୍ତି ଉପରେ କେତେକ ଗୋଷ୍ଠୀ ତଥା ସଚେତନ ନାଗରିକ ଓ ଟ୍ରେଡ୍ ୟୁନିଅନ ଆପତ୍ତି ଉଠେଇଛନ୍ତି। ୧୫୧ ବର୍ଷର ଏହି ବିରଳ ଓ ଐତିହାସିକ ଯାତାୟାତ ବା ଗମନାଗମନ ବ୍ୟବସ୍ଥାକୁ ରାସ୍ତାରୁ ହଟେଇବା ଯୁକ୍ତି ସଙ୍ଗତ ନୁହେଁ ବୋଲି ସେମାନଙ୍କ ମତ। କଲିକତାରେ ଟ୍ରାଫିକ୍ ଜାମ୍ ଏକ ନିତିଦିନିଆ ଘଟଣା ଓ ଲୋକଙ୍କ ଦେହସୁହା ହୋଇ ସାରିଲାଣି। ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଲୋକେ ଯାତ୍ରାରମ୍ଭ କରିଥାନ୍ତି। ପ୍ରତ୍ୟେକ କୋଣ ଅନୁକୋଣରେ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଥାଏ। ରାସ୍ତାଗୁଡ଼ିକର ଅବସ୍ଥାରେ ସେପରି କିଛି ଆଖିଦୃଶିଆ ଉନ୍ନତି ଘଟୁ ନଥିବା ବେଳେ ବାଇପାସରେ ମଧ୍ୟ ଅନୁରୂପ ସ୍ଥିତି ଜାରି ରହିଛି। ଏଥିପାଇଁ ଟ୍ରାମ୍ ବ୍ୟବସ୍ଥାକୁ ଦାୟୀ କରିବା ଅନୁଚିତ ବୋଲି କେତେକ ବାସିନ୍ଦା ମତବ୍ୟକ୍ତ କରିଛନ୍ତି। ଆଉ କେତେକଙ୍କ କହିବା କଥା ଯେ ଟ୍ରାମ୍‌ରେ ଯାତାୟାତ କଲେ ଭଡ଼ା ଅପେକ୍ଷାକୃତ କମ୍ ପଡ଼ିଥାଏ ଏବଂ ଏହା ପରିବେଶ ପାଇଁ ସମ୍ପୂର୍ଣ୍ଣ ଅନୁକୂଳ ଓ ବିପଦମୁକ୍ତ, ଦୁର୍ଘଟଣାମୁକ୍ତ। ଏହା କଲିକତା ତଥା ଆଖପାଖ ଅଞ୍ଚଳର ଲୋକଙ୍କ ପାଇଁ ଜୀବନରେଖା ସଦୃଶ। ଆଜିକା ଦିନରେ ସହରର ଗରିବ, ଖଟିଖିଆ ଏବଂ ନିମ୍ନ ମଧ୍ୟବିତ୍ତ ଲୋକେ ଟ୍ରାମ୍ ଉପରେ ଅଧିକ ନିର୍ଭରଶୀଳ ଅଟନ୍ତି। ଭାରତବର୍ଷରେ ଏକମାତ୍ର ସହର ଭାବେ କଲିକତାରେ ଟ୍ରାମ୍ ସେବା ଚାଲିଥିବା ଗୌରବମୟ ଏବଂ ଐତିହାସିକ ଘଟଣା ଏବଂ ଏହାକୁ ଉଚ୍ଛେଦ କରିବା ଅନୁଚିତ ବୋଲି 'କଲିକତା ଟ୍ରାମ୍ ୟୁଜର୍ସ ଆସୋସିଏସନ' ପକ୍ଷରୁ କୁହାଯାଇଛି। ଅପର ପକ୍ଷରେ, ଟ୍ରାମ୍ ସେବା ହଟେଇ ଦିଆଗଲେ ଟ୍ରାମ୍ ଡ୍ରାଇଭର ଓ କଣ୍ଡକ୍ଟରମାନେ ଚାକିରି ହରେଇବାର ମଧ୍ୟ ଆଶଙ୍କା ଉପୁଜିଛି ଓ ପେଟପାଟଣା ସମସ୍ୟା ଦେଖାଦେବା ନିଶ୍ଚିତ। ଟ୍ରାମ୍ ଉଚ୍ଛେଦକୁ ନେଇ ଏବେ କିଛି ଗଣମାଧ୍ୟମ ମଧ୍ୟ ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ଇତିହାସ, କାର୍ଯ୍ୟ ଦକ୍ଷତା, ଯାତାୟାତର ମାଧ୍ୟମ, ଐତିହ୍ୟ ଉପରେ ବିସ୍ତୃତ ବିବରଣୀମାନ ପ୍ରସ୍ତୁତ କରି ସାରିଲେଣି।

ଇତିହାସ ଅନୁସାରେ, ଇଂରେଜ ଶାସନ ଅମଳରେ ୧୮୭୩ ମସିହା ଫେବୃଆରୀ ୨୪ ତାରିଖରେ ପ୍ରଥମେ ଟ୍ରାମ୍ ସେବା କଲିକତାରେ ପ୍ରଚଳନ କରାଯାଇଥିଲା। ସେତେବେଳେ ଟ୍ରାମ୍ ବଗିଗୁଡ଼ିକୁ ଘୋଡ଼ା ଟାଣୁଥିଲେ। ୧୮୮୨ ମସିହାରେ ଟ୍ରାମ୍‌ଗୁଡ଼ିକରେ ବାଷ୍ପୀୟ ଇଞ୍ଜିନ ଖଞ୍ଜା ଯାଇଥିବା ବେଳେ ୧୯୦୦ ମସିହାରେ ବିଦ୍ୟୁତ୍ ଇଞ୍ଜିନ ବ୍ୟବସ୍ଥା କରାଯାଇଥିଲା। ୨୦୧୩ ମସିହାରେ ଟ୍ରାମ୍‌ରେ ଏସି ବଗି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। କଲିକତା ବ୍ୟତୀତ ଊନବିଂଶ ଶତାବ୍ଦୀରେ ପାଟନା, ଚେନ୍ନାଇ, ନାସିକ ଓ ମୁମ୍ବାଇ ଭଳି ସହରରେ ଟ୍ରାମ୍ ସେବାର ପ୍ରଚଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ କେବଳ କଲିକତାକୁ ବାଦ୍ ଦେଇ ଅନ୍ୟ ସବୁ ସହରରୁ ଏହି ବ୍ୟବସ୍ଥା ହଟେଇ ଦିଆଯାଇଥିଲା। ଏହି ଟ୍ରାମ୍ ସେବା ଦ୍ୱାରା ବର୍ଷକୁ ହାରାହାରି ସାଢ଼େ ପାଞ୍ଚ ଲକ୍ଷ ଲୋକ ଯାତାୟାତର ସୁବିଧା ନେଇଥାନ୍ତି। ମୁଖ୍ୟତଃ ୫୦ ଗୋଟି ରୁଟ୍ ଦେଇ ଏହା ଚଳାଚଳ କରୁଥିଲା। ୧୯୯୦ ମସିହା ପର୍ଯ୍ୟନ୍ତ ଏହା ମୁଖ୍ୟ ଯାତାୟାତ ମାଧ୍ୟମ ପାଲଟି ଥିଲା।




ସେ ପର୍ଯ୍ୟନ୍ତ ୪୦୦ଟି ଟ୍ରାମ୍ ଚଳପ୍ରଚଳ କରୁଥିଲା। ସମୟକ୍ରମେ ଭୂତଳ ମେଟ୍ରୋର ଆଗମନ ଫଳରେ ତଥା ପରିବହନ ବସ୍ ସେବାର ଯୋଗଦାନ ଦ୍ୱାରା କୋଲକାତାରେ ଟ୍ରାମ୍ ଯାତ୍ରୀଙ୍କ ସଂଖ୍ୟା ବଡ଼ ଧରଣର ନିମ୍ନଗାମୀ ହେବାକୁ ପରିଲକ୍ଷିତ କରିଥିଲା।

ଭାଗ୍ୟର ବିଡ଼ମ୍ବନା ହେଲା ଯେ କଲିକତା ସହରକୁ ରାସ୍ତା ପାଇଁ ଦିଆଯାଇଥିବା ଜମିର ପରିମାଣ, ଯାହାକି ଶତକଡ଼ା ୭ ଭାଗରେ ସୀମିତ, ତନ୍ମଧ୍ୟରୁ ଶତକଡ଼ା ୧ ଭାଗ ଜବରଦଖଲକାରୀଙ୍କ କବ୍‌ଜାରେ, ଯଦ୍ଦ୍ୱାରା ରାସ୍ତା ଜମିର ପରିମାଣ ଶତକଡ଼ା ୬କୁ କମି ଆସିଛି। ଯାହା ବି ହେଉ, ଟ୍ରାମ୍ ସେବା ପିଢ଼ି ପରେ ପିଢ଼ି; ସରକାର ପରେ ସରକାର ଅମଳରେ ଶୃଙ୍ଖଳାର ସହ ଚାଲିଥିବାରୁ ସମସ୍ତେ ଧନ୍ୟବାଦର ପାତ୍ର। ଏତେ ଦିନ ଧରି ସୁସଂଗଠିତ ଭାବରେ କାର୍ଯ୍ୟଧାରା ଜାରି ରଖିଥିବା ପରିପ୍ରେକ୍ଷୀରେ ହଠାତ୍ ଟ୍ରାମ୍ ବନ୍ଦ ନିଷ୍ପତ୍ତିକୁ ସହରବାସୀ ଓ ଦେଶବାସୀ ମଧ୍ୟ ଗ୍ରହଣ କରିପାରୁ ନାହାନ୍ତି। ଫେବୃଆରୀ ୨୦୨୩ ମସିହାରେ ଏହାର ୧୫୦ ବର୍ଷ ପୂର୍ତ୍ତିର ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯାହା ସପ୍ତାହବ୍ୟାପି ଉତ୍ସବ ଭାବରେ ଚାଲିଥିଲା। ୧୯୪୨ ମସିହାରେ ଯେତେବେଳେ ହିନ୍ଦୁ ମୁସଲମାନ ଝଗଡ଼ା ଚାଲିଥିଲା, ସେତେବେଳେ ମଧ୍ୟ ଟ୍ରାମ୍‌ର କର୍ମକର୍ତ୍ତାମାନେ ଖାଲି ଟ୍ରାମ୍ ଧରି ନିରାପତ୍ତା ରକ୍ଷା ଓ ସାଧାରଣ ଜନଜୀବନ ସୁରକ୍ଷା ପାଇ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇ ପାରିଥିଲେ।

ଏହାର ଏକ ଐତିହାସିକ ଗରିମା ଥିବା ସତ୍ତ୍ୱେ ଟ୍ରାମ୍ ବନ୍ଦ ଯୋଜନାକୁ ସାଧାରଣ ଲୋକଙ୍କ ପକ୍ଷରେ ଗ୍ରହଣ କରିବା ସମ୍ଭବ ହୋଇ ପାରୁନାହିଁ। କେବଳ ଏସ୍‌ପ୍ଲାନେଡ୍-ମଇଦାନ ରୁଟ୍‌ରେ ଏକ ସାମ୍ପଲ୍ ସଦୃଶ ଟ୍ରାମ୍ ଯାତାୟାତ ଚାଲୁ ରହିବା ଲୋକଙ୍କୁ ଆଶ୍ୱସ୍ତି ଆଣି ଦେଇଛି।■

**ସେବାନିବୃତ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ,**
**ସମ୍ବଲପୁର**
**ମୋ: ୯୪୩୮୦୨୨୨୨୨**

# ନମ୍ରତା

ମଣିଷର ସୁଗୁଣ ଭିତରୁ ନମ୍ରତା ଗୋଟିଏ ଗୁଣ। ଏହା ଖାଲି ଗୁଣ ନୁହେଁ ତ ଆୟୁଧଟିଏ, ଯାହା ବଳରେ ମଣିଷ ଅନେକ ଦୁଃସାଧ୍ୟ କାର୍ଯ୍ୟ ସାଧନ କରି ପାରିବ। ଦରକାର ପଡ଼ିଲେ ଦୁର୍ଜନକୁ ବି ବଶୀଭୂତ କରି ପାରିବ, ପୁଣି ବଡ଼ ଲୋକଙ୍କଠାରୁ କାମଟିଏ ବି ହାସଲ କରିହେବ ଏଇ ନମ୍ର ଗୁଣ ଦ୍ୱାରା। କେବଳ ମଣିଷ କାହିଁକି, ଭଗବାନଙ୍କୁ ମଧ୍ୟ ପ୍ରାପ୍ତ କରିବାରେ ନମ୍ରତା ଗୋଟାଏ ବଡ଼ ଗୁଣ। ନମ୍ରତା କହିଲେ ଆମେ ଏତିକି ବୁଝୁ ଯେ ଜଣେ ଯେତେ ବିରାଟ ହେଲେ ବି ନିଜକୁ ସମସ୍ତଙ୍କ ପାଖରେ ଖୁବ୍ ଛୋଟ ମନେ କରୁଥିବ। ଅନ୍ୟ ଭାଷାରେ କହିବାକୁ ଗଲେ, ନିଜର ପ୍ରତିଷ୍ଠା, ବଡ଼ପଣକୁ ଭୁଲିଯାଇ ଅନ୍ୟକୁ ବଡ଼ ଭାବିବା।

ଆମେ ବେଳେ ବେଳେ ଦେଖେଇ ହୋଇ ନମ୍ରତା ଆଚରଣ କରୁ। ମନେକର ଦାମିକା ପୋଷାକ ପିନ୍ଧି ଠାକୁର ଦର୍ଶନ କରିବାକୁ ଯାଇଥିବା। ଲୋକ ଥିଲେ ଧୂଳିରେ ମୁଣ୍ଡିଆ ମାରୁଥିବା। କେହି ନଥିଲେ କେବଳ ହାତ ଯୋଡ଼ି ପ୍ରଣାମ କରୁଥିବା। ଏଠି ଆମ ପ୍ରଣାମ ଠାକୁରଙ୍କ ଉଦ୍ଦେଶ୍ୟରେ ନୁହେଁ, ଲୋକଙ୍କ ଉଦ୍ଦେଶ୍ୟରେ ହୋଇଥାଏ। ଆମେ ନିଜର ଭକ୍ତି ଲୋକଙ୍କୁ ଦେଖେଇବାକୁ ଚାହୁଁ, ଠାକୁରଙ୍କୁ ନୁହେଁ।

ଆଉ ଅନେକ ଲୋକଙ୍କ ଭିତରେ ନମ୍ରତା ଆତ୍ମଗୋପନ କରିଥାଏ କିନ୍ତୁ ପ୍ରତିଷ୍ଠା, ପ୍ରତିପତ୍ତି ତାଙ୍କୁ ଆଚରଣଶୀଳ କରାଇବାକୁ ଦିଏନା। ଏମାନେ କାହାରିକୁ ମୁଣ୍ଡ ଲଗାଇ ପ୍ରଣାମ କରିବାକୁ ଭାରି ସଙ୍କୋଚ ବୋଧ କରନ୍ତି। ଜଣେ ସାମାଜିକ ପ୍ରତିଷ୍ଠା ଅର୍ଜନ କରିଥିବା ଲୋକ ସାଧୁ ସନ୍ଥ ବାବାଜୀଙ୍କୁ ଏକାନ୍ତରେ ଦେଖିଲେ ମୁଣ୍ଡ ନୋଇଁ ପ୍ରଣାମ କରନ୍ତି। କିନ୍ତୁ ଲୋକମାନଙ୍କ ଗହଣରେ ଦେଖିଲେ କେବଳ ପାଦ ଛୁଇଁ ପ୍ରଣାମ କରନ୍ତି। ନମ୍ରତା ମଣିଷର ଆଚରଣ ସହିତ ହୃଦୟତାର ସହିତ ପ୍ରକାଶିତ ହେଲେ ବ୍ୟକ୍ତି ପାଇଁ ଭଲ। ଡାକ୍ତର ରୋଗୀ ସେବା କରନ୍ତି। ତାଙ୍କର ନମ୍ର କଥା ଓ ବ୍ୟବହାରରେ ଅନେକ ପରିମାଣରେ ରୋଗ ଭଲ ହୋଇଯାଏ। ଏମିତି ଡାକ୍ତରଙ୍କ ପାଖରେ ଲୋକମାନଙ୍କର ଗହଳି ଲାଗେ। ଏହାର କାରଣଟି ହେଉଛି, ବ୍ୟବହାରରେ ନମ୍ରତା ଗୁଣ ପ୍ରକାଶିତ ହେବା। ନହେଲେ ଲୋକମାନେ ଜଣକୁ କହୁଛନ୍ତି ଅମୁକ ବାବୁଙ୍କ ହାତ ବାଜିଲେ ରୋଗ ଭଲ ହୋଇଯିବ। ପୁଣି ଅନ୍ୟ ଜଣଙ୍କ ପାଖକୁ ଯିବା ପାଇଁ ରାଜି ହେଉ ନାହାନ୍ତି କାହିଁକି ? ସବୁ ଡାକ୍ତରଙ୍କର ପାଠ ତ ସମାନ, ଔଷଧ ବି ସମାନ। ଫରକଟି ରହୁଛି ଏହି ନମ୍ରତା ଗୁଣରେ। ଜୀବନରେ ଯିଏ ଯେତିକି ନମ୍ର ହୋଇ ପାରିବ, ସେ ସେତିକି ଉଚ୍ଚ ସ୍ତରକୁ ଯାଇ ପାରିବ। ଥରେ ସୋଭିଏତ୍ ରୁଷ୍‌ର ରାଷ୍ଟ୍ରପତି ଲେନିନ୍ ରାସ୍ତାରେ ଯାଉ ଥାଆନ୍ତି। ତାଙ୍କୁ ଜଣେ ହାତ ଯୋଡ଼ି ନମସ୍କାର କଲେ। ମାତ୍ର ଲେନିନ୍ ଉକ୍ତ ବ୍ୟକ୍ତିଙ୍କୁ ହାତ ଯୋଡ଼ି ମୁଣ୍ଡ ନୁଆଇଁ ପ୍ରଣାମ କଲେ। ଲେନିନ୍‌ଙ୍କ ପାଖ ଲୋକମାନେ କହିଲେ, ଆପଣ ତ ଜଣେ ରାଷ୍ଟ୍ରର ନାୟକ। ଆପଣଙ୍କୁ ସମସ୍ତେ ନମସ୍କାର କରିବା ସ୍ୱାଭାବିକ। ହେଲେ ଆପଣ ଯେ ସମସ୍ତଙ୍କୁ ନତ ମସ୍ତକ ହୋଇ ନମସ୍କାର କରିବାର କାରଣ କ'ଣ ! ଲେନିନ୍ କହିଲେ- 'କାହାରି ପାଖରେ ମୁଣ୍ଡ ନୋଇଁ ଦେଲେ ମଣିଷର ଇଜ୍ଜତ ନଷ୍ଟ ହୋଇ ଯାଏନା, ବରଂ ନିଜ ନମ୍ରତାର ପରିଚୟ ମିଳିଥାଏ।' ■

ଜାତୀୟ ଗ୍ରାପଲିଂ ଚାମ୍ପିଅନସିପ୍

# ଝାରସୁଗୁଡ଼ା ପିଲାଙ୍କ ବାଜିମାତ୍




**ଝାରସୁଗୁଡ଼ା,୩୧୭/ଏନ୍ଏନ୍ଏସ୍:** ଛତିଶଗଡ଼ର ବିଲାସପୁରସ୍ଥିତ ବି ଆର୍ ଯାଦବ ଇନଡୋର୍ ଷ୍ଟାଡିୟମ୍‌ରେ ୫ମ ଜାତୀୟ ଗ୍ରାପଲିଂ ଚାମ୍ପିଅନସିପ୍ ଆୟୋଜିତ ହୋଇଥିଲା । ଏଥିରେ ୧୯ଟି ରାଜ୍ୟର ୮୦୦ ଝିଅ ଓ ପୁଅ ଅଂଶଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗ୍ରାପଲିଂ କମିଟି ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ମିଷ୍ଟର୍ ଦିନେଶ କପୁର ଓ ଗେଷ୍ଟ ଅଫ୍ ଅନର୍ ଭାବେ ମିଷ୍ଟର୍ ବିର୍ଜୁ ଶର୍ମା ଉପସ୍ଥିତ ଥିଲେ । ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାରୁ ବେଦାନ୍ତ ମାର୍ସିଆଲ୍ ଆର୍ଟସ୍‌ର ୪ ଶିଶୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବେଳେ ଶିବାନ ସ୍ୱରୂପ ସାହୁ ୩୦ କେଜି ଗିଞ୍ଚ ବର୍ଗରେ ରୌପ୍ୟ ପଦକ ଜିତିଥିଲେ । ସେହିପରି ମୁକ୍ତିକାନ୍ତ ୬୩ କେଜି ଓ ୩୮ କେଜି ବର୍ଗରେ କାଂସ୍ୟ ପଦକ ଜିତିଥିଲେ । ବେଦାନ୍ତ ମାର୍ସିଆଲ୍ ଆର୍ଟସ୍ ଟ୍ରେନିଂ ସେଣ୍ଟରର ମୁଖ୍ୟ କୋଚ୍ ସେନ୍ସାଇ ସୁଶାନ୍ତ ଗୁପ୍ତାଙ୍କ ନିର୍ଦ୍ଦେଶନାରେ ସମସ୍ତେ ଅତ୍ୟନ୍ତ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ ।

ଖେଳ ସାମଗ୍ରୀ କିଣାରେ ଦୁର୍ନୀତି

# ଜିଲ୍ଲା ଭିଜିଲାନ୍ସ ଟିମ୍‌ର ଯାଞ୍ଚ

**ଜୁନାଗଡ଼,୩୧୭/ଏନ୍ଏନ୍ଏସ୍:** ରାଜ୍ୟରେ ପୂର୍ବ ସରକାର ସମୟରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ଥିଲା । ସଂପୃକ୍ତ ଯୋଜନାରେ ବିଭିନ୍ନ ବିଭାଗରେ ପ୍ରକଳ୍ପ ନିର୍ଦ୍ଧାରିତ କରି ବ୍ୟୟ ହିସାବରେ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । ପଞ୍ଚାୟତ ସମିତି ଅଧୀନରେ ଗୋଟିଏ ପଞ୍ଚାୟତକୁ ୫୦ ଲକ୍ଷ ବ୍ୟୟ ଅଟକଳ ପରିମାଣରେ ପ୍ରକଳ୍ପ ଅନୁଯାୟୀ ଖର୍ଚ୍ଚ କରାଯିବା ନେଇ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନୁମତି ମିଳିଥିଲା । ଏହି ଯୋଜନାରେ ଖେଳ ସାମଗ୍ରୀ ନିମନ୍ତେ ପଞ୍ଚାୟତସ୍ତରରେ ୨ ଲକ୍ଷ ୫୦ ହଜାର ଅନୁଦାନ ଧାର୍ଯ୍ୟ ହୋଇଥିଲା । ଆର୍ଥିକ ବର୍ଷ ୨୦୨୩-୨୪ ଦାମ୍ ଅନୁଯାୟୀ କ୍ରୀଡ଼ା ସାମଗ୍ରୀ ଦିଆନଯାଇ ନିମ୍ନମାନର ସାମଗ୍ରୀ ବଣ୍ଟା ଯାଇଥିବା ଅଭିଯୋଗ ହୋଇଥିଲା । ଜୁନାଗଡ଼ ବ୍ଲକ୍‌ରେ ୩୪ ପଞ୍ଚାୟତ ରହିଥିବାବେଳେ ପ୍ରତି ପଞ୍ଚାୟତକୁ ଅଢ଼େଇ ଲକ୍ଷ ଟଙ୍କା ହିସାବରେ ପାଖାପାଖି ୮୩ ଲକ୍ଷ ଟଙ୍କାର କ୍ରୀଡ଼ା ସାମଗ୍ରୀ ବ୍ଲକ୍ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିଲା । ସବୁଠୁ ଆଶ୍ଚର୍ଯ୍ୟର ବିଷୟ କଳାହାଣ୍ଡି ଜିଲ୍ଲା ସମେତ ଓଡ଼ିଶାରେ ଅନେକ ଖେଳ ସାମଗ୍ରୀ ଦୋକାନ ରହିଥିବା ବେଳେ ଛତିଶଗଡ଼ ରାୟପୁରର ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଏହି ସାମଗ୍ରୀ କିଣାଯାଇଥିଲା ଯାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି ।

ଏହି ଖେଳ ସାମଗ୍ରୀର ଦାମ୍, ମାନ ଓ ଯୋଗାଇଥିବା ଦୋକାନ ବିଷୟରେ ଯାଞ୍ଚ କରିବାକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଥିଲା । ଫଳରେ ଗତ ୨ ଦିନ ହେବ ଜୁନାଗଡ଼ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଏହି ଯୋଜନାରେ ଆସିଥିବା କ୍ରୀଡ଼ା ସାମଗ୍ରୀକୁ କଳାହାଣ୍ଡି ଭିଜିଲାନ୍ସ ତଦନ୍ତ କରୁଛି । ମଙ୍ଗଳବାର ପ୍ରଥମ ଦିନରେ ଭିଜିଲାନ୍ସ ବିଭାଗ ଜୁନାଗଡ଼ ବ୍ଲକ୍‌ର ବଣିଜରା, ମାଟିଗାଁ, ବୁଡ଼ିଦର ଓ ତଲଜାରିଙ୍ଗ ପଞ୍ଚାୟତକୁ ଯାଇ ତଦନ୍ତ କରିଥିବାବେଳେ ଦ୍ୱିତୀୟ ଦିନରେ ବୁଧବାର ବଳଦିଆମାଲ, ପଲାସ, କାଲୋପଲା, ମହିଚଲା ଓ ଚାରବାହାଲ ପଞ୍ଚାୟତକୁ ଯାଇ ତଦନ୍ତ କରିଥିବା ଜଣାପଡ଼ିଛି । ଫଳରେ ଏହି ଘଟଣାରେ ଅନିୟମିତତା କରିଥିବା ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ଦେଖିବାକୁ ମିଳିଛି । ଏହି ତଦନ୍ତରେ ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ କୁମାର ଆଇନ୍ଦ, ଇନ୍ସପେକ୍ଟର୍ ଆଲୋକ କୁମାର ମହାପାତ୍ର ଓ ଷ୍ଟେନୋ ସନ୍ତୋଷ ମହାନ୍ତି ପ୍ରମୁଖ ସାମିଲ ଥିଲେ । ଏନେଇ ଭିଜିଲାନ୍ସ ଡିଏସ୍‌ପିଙ୍କୁ ପଚାରିବାରୁ ବର୍ତ୍ତମାନ ଏହି ଘଟଣାର ତଦନ୍ତ ଚାଲିଛି ଏବଂ ତଦନ୍ତ ଶେଷ ହେବା ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।



# ଆଇନ ସଚେତନତା କାର୍ଯ୍ୟକ୍ରମ




**ମ.ରାମପୁର,୩୧୭/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ପୁଲିସ ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା ଓ ଭାରତୀୟ ନାଗରିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି । ଥାନାଧିକାରୀ ବିରବର୍ ଭଗତ୍ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଭାରତୀୟ ନ୍ୟାୟ ସଂହିତା ଓ ଭାରତୀୟ ନାଗରିକ ସଚେତନତା ଉପରେ ସମ୍ୟକ୍ ଧାରଣା ଦେଇଥିଲେ। ଏହାସହ ଆଇନ ଶୃଙ୍ଖଳାରେ କିପରି ସୁଧାର ଆଣିହେବ ସେନେଇ ଉପସ୍ଥିତ ଥିବା ସମସ୍ତ ଗଣମାଧ୍ୟମ ପ୍ରତିନିଧି, ସମାଜସେବୀ, ପଞ୍ଚାୟତ ପ୍ରତିନିଧି ଓ ଜନସାଧାରଣଙ୍କ ମତାମତ ଲୋଡ଼ିଥିଲେ । ଏଥିରେ ଉପସ୍ଥିତ ସମସ୍ତ ପ୍ରତିନିଧି ମ. ରାମପୁର ସହର ସହ ବିଭିନ୍ନ ପଞ୍ଚାୟତ ଗୁଡ଼ିକର ଆଇନ ସମସ୍ୟା ଉପରେ ଥାନାଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସହ ଏହା ନିରାକରଣ ନିମନ୍ତେ ସଚେତନତା ସୃଷ୍ଟି କରିଥିଲେ । ସମସ୍ତଙ୍କୁ ଦେଶୀମଦ ଓ ଗଞ୍ଜେଇରୁ ଦୂରେଇ ରଖିବା ସହ କମ୍ ବୟସର ଗାଡ଼ିଚାଳନା କରୁଥିବା ବ୍ୟକ୍ତିଙ୍କୁ ରୋକିବାରେ ତଦାରଖ କରିବାକୁ ଅନୁରୋଧ କରିଥିଲେ । ଶ୍ରୀ ଭଗତ ଧନ୍ୟବାଦ ଦେଇଥିଲେ ।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ପାଟଣାଗଡ଼,୩୧୭/ଏନ୍ଏନ୍ଏସ୍:** ବଲାଙ୍ଗୀର ଜିଲ୍ଲା ଲରମ୍ବା ଥାନା କହ୍ନେଇଟାଲ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ପୋଖରୀକୁ ଗାଧୋଇବାକୁ ଯାଇ କହ୍ନେଇଟାଲ ଗାଁର ସୁଶୀଲ ବରିହା ନିଖୋଜ ଥିଲେ । ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ି ଯାଇଥିବା କିଛି ବ୍ୟକ୍ତି ଦେଖିଥିଲେ । ଏହି ଖବର ଗାଁରେ ପ୍ରଘଟ ହେବା ପରେ ପରିବାର ପକ୍ଷରୁ ଲରମ୍ବା ଥାନାକୁ ଖବର ଦିଆଯାଇଥିଲା । ଲରମ୍ବା ପୁଲିସ ଓ ପାଟଣାଗଡ଼ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ଅଗ୍ନିଶମ ବାହିନୀ ପକ୍ଷରୁ ବିଭିନ୍ନ ଉପାୟରେ ଖୋଜାଖୋଜି କରିଥିଲେ ମଧ୍ୟ ପୋଖରୀରେ ପାଣି ଅଧିକ ଥିବାରୁ କୌଣସି ସୁଫଳ ମିଳିନଥିଲା । ସନ୍ଧ୍ୟା ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଥିଲା । ଗୁରୁବାର ସକାଳେ ବଲାଙ୍ଗୀରରୁ ଓଡ୍ରାଫ୍ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ । ଆଉ ଦୀର୍ଘ ୨୩ ଘଣ୍ଟା ପରେ ପୋଖରୀ ଭିତରୁ ସୁଶୀଲଙ୍କ ମୃତଦେହ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଥିଲା । ପରେ ଲରମ୍ବା ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି ।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର

୪ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ଉପକୃତ



**ରାଉରକେଲା,ସମ୍ବଲପୁର,୩୧୭/ଏନ୍ଏନ୍ଏସ୍:** ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ଗତ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ସଂଶୋଧନ ଶିବିର ସଫଳତା ପୂର୍ବକ ଆୟୋଜନ କରାଯାଇଥିଲା । ଟିପିଡବ୍ଲ୍ୟୁଓଡିଏଲ୍‌ର ସମସ୍ତ ସେକ୍ସନ୍, ସବ୍-ଡିଭିଜନ୍ ଓ ଡିଭିଜନ୍ କାର୍ଯ୍ୟାଳୟରେ ଆୟୋଜିତ ଏହି ମେଗା ଶିବିରରେ ସମ୍ପୃକ୍ତ ଉପଖଣ୍ଡ ଅଧିକାରୀ ଏବଂ ସେକ୍ସନ୍ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଶିବିର ଗୁଡ଼ିକ ସକ୍ରିୟ ଭାବେ ପରିଚାଳିତ ହୋଇଥିଲା । ସମଗ୍ର ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ତୁରନ୍ତ ସମାଧାନ ସୁନିଶ୍ଚିତ କରିବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ ଥିଲା । ଏଥିରେ ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାରୁ ମୋଟ ୪ ହଜାର ୨ ଜଣ ବିଦ୍ୟୁତ୍ ଉପଭକ୍ତା ଅଂଶଗ୍ରହଣ କରିଥିଲେ । ଏଥିରୁ ୧ ହଜାର ୨୩୪ ଜଣ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲ୍‌ର ତୁରନ୍ତ ସମାଧାନ କରାଯାଇଥିଲା ଯାହା ସେମାନଙ୍କୁ ତୁରନ୍ତ ଆଶ୍ୱସ୍ତି ଦେଇଥିଲା । ଏଥିସହ ୨ ହଜାର ୭୬୮ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଲ୍ ସମ୍ବନ୍ଧୀୟ ପ୍ରଶ୍ନର ତଦନ୍ତ କରାଯାଇ ସେମାନଙ୍କ ବିଲ୍‌ରେ ଥିବା ତ୍ରୁଟିରେ ସମାଧାନ କରାଯାଇଥିଲା ଯାହା ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଶ୍ୱାସ ଓ ସ୍ୱଚ୍ଛତାକୁ ସୁଦୃଢ଼ କରିଥିଲା । ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଏହାର ସମ୍ବଲପୁର ପୂର୍ବ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଭୂତପଡ଼ାରେ ଗତ ୨୫ ତାରିଖ ଏକ ଗ୍ରାହକ ଅଭିଯୋଗ ସମାଧାନ ଶିବିରର ଆୟୋଜନ କରାଯାଇଥିଲା । ଏଠାରେ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲ୍ ଏବଂ ଦୀର୍ଘଦିନ ଧରି ପଡ଼ି ରହିଥିବା ବିଦ୍ୟୁତ୍ ସଂଯୋଗ ସମ୍ବନ୍ଧୀୟ ଅଭିଯୋଗର ତ୍ୱରିତ ନିରାକରଣ କରାଯାଇଥିଲା । ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ପ୍ରଦାନ କରାଯାଇଥିବା ତ୍ୱରିତ ପ୍ରତିକ୍ରିୟା ଓ ପ୍ରଭାବଶାଳୀ ସମାଧାନ ପାଇଁ ଉପଭୋକ୍ତାମାନେ କମ୍ପାନୀର ଭୂୟସୀ ପ୍ରଶଂସା କରିଥିଲେ । ଭବିଷ୍ୟତରେ ଏଭଳି ପ୍ରସାର କାର୍ଯ୍ୟକ୍ରମ ଜାରି ରଖି ଗୁଣାତ୍ମକ ବିଦ୍ୟୁତ୍ ସେବା ପ୍ରଦାନ ଓ ଗ୍ରାହକ ସନ୍ତୁଷ୍ଟି ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପ୍ରତିବଦ୍ଧ ରହିଛି ।

ଜୟହିନ୍ଦ୍ କ୍ଲବ୍ 'ଲିଗ୍ କମ୍ ନକ୍ଆଉଟ୍' ଫୁଟବଲ୍ ପ୍ରତିଯୋଗିତା

# ସମ୍ଲେଶ୍ୱରୀ କ୍ଲବ୍‌କୁ ହରାଇ ଜୟ ଯବାନ୍ କ୍ଲବ୍ ବିଜୟୀ



**ଝାରସୁଗୁଡ଼ା,୩୧୭/ଏନ୍ଏନ୍ଏସ୍:** ସ୍ଥାନୀୟ ମନମୋହନ ସ୍କୁଲ୍ ଫୁଟବଲ୍ ପଡ଼ିଆରେ ଜୟହିନ୍ଦ୍ କ୍ଲବ୍ ଆନୁକୂଲ୍ୟରେ ୧୨ତମ 'ଲିଗ୍ କମ୍ ନକ୍ଆଉଟ୍' ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାର ୧୨ତମ ଦିନର ମ୍ୟାଚ୍ ଜୟ ଜବାନ କ୍ଲବ୍ ଝାରସୁଗୁଡ଼ା ଓ ସମ୍ଲେଶ୍ୱରୀ କ୍ଲବ୍ ପଣ୍ଡରୀ ପଥର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜୟ ଯବାନ୍ କ୍ଲବ୍ ୨-୦ ଗୋଲରେ ବିଜୟୀ ହୋଇଥିଲା । ଏହି ମ୍ୟାଚ୍‌ରେ ଜୟ ଯବାନ୍ କ୍ଲବ୍‌ର ଆନନ୍ଦ ଓରାମ ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ । ଉକ୍ତ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ପବନ କୁମାର ଶର୍ମା ଯୋଗଦେଇ ଖେଳାଳିଙ୍କ ସହିତ ପରିଚିତ ହୋଇଥିଲେ । ଏହି ମ୍ୟାଚ୍‌କୁ କାର୍ତ୍ତିକ ଦାସ, ଶୀତଳ ଗୁଡ୍ଡୁମ, ସଞ୍ଜୟ କିଶାନ ଓ ଅମିରା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ଉଲୁଣ୍ଡା ବନ ବିଭାଗର ବିଭିନ୍ନ ସ୍ଥାନ ପରିଦର୍ଶନ



**ସୁବର୍ଣ୍ଣପୁର,୩୧୭/ଏନ୍ଏନ୍ଏସ୍:** ସୁବର୍ଣ୍ଣପୁର ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ଅଧୀନରେ ଥିବା ଉଲୁଣ୍ଡା ବନ ବିଭାଗର ଶୁଲିଆ ଫରେଷ୍ଟ ଅନ୍ତର୍ଗତ ଖରାପୁରା ଓ ବ୍ରାହ୍ମଣୀପାଲି ଜଙ୍ଗଲର କାମ୍ପାପିଲର୍ ଗୁଡ଼ିକର ତଥ୍ୟ ଜାଣିବା ନିମନ୍ତେ ଭବାନିପାଟଣାରୁ ଆସିଥିବା ଜଣାପଡ଼ିଛି । ଉକ୍ତ ଟିମ୍‌ର ୱାର୍କିଙ୍ଗ ପ୍ଲାନିଙ୍ଗ୍ ଅଫିସର୍ ସୋରେନ ସାର୍ ଗତ ମଙ୍ଗଳବାର ଦିନ ୧୧ଟାରେ ଉକ୍ତ ସ୍ଥାନରେ ପହଞ୍ଚି ଅପରାହ୍ନ ୨ଟା ପର୍ଯ୍ୟନ୍ତ କାମ୍ପାପିଲର୍ ଗୁଡ଼ିକ ଚିହ୍ନଟ କରିଥିଲେ । ରେଞ୍ଜ ଅଫିସର୍ ସୀତାରମ ଶବର, ଉଲୁଣ୍ଡା ଫରଷ୍ଟର୍ ଦୀନେଶ ମାଝୀ, ଶୁଲିଆ ଫରଷ୍ଟର୍ ବିନୋଦ ବିହାରୀ ସାହୁ, ଫରେଷ୍ଟ ଗାର୍ଡ ହୋତା ଓ ସମସ୍ତ ସ୍କ୍ୱାର୍ଡ ଯୋଗଦେଇ ସହଯୋଗ କରିଥିଲେ । ଜଙ୍ଗଲରେ ଛୋଟ ଛୋଟ ଚାରା ଗୁଡ଼ିକର କିପରି ଯତ୍ନ ନିଆଯାଇପାରିବ ସେ ଉପରେ ମଧ୍ୟ କର୍ମଚାରୀଙ୍କୁ ଅବଗତ କରାଇଥିଲେ । ପ୍ରାୟ ୮ କିଲୋମିଟର୍ ପର୍ଯ୍ୟନ୍ତ ଚାଲି ଚାଲି ଜଙ୍ଗଲରେ ଭିତରେ ପଶି ସମସ୍ତ ପିଲର୍ ଗୁଡ଼ିକ ନିରୀକ୍ଷଣ କରିଥିଲେ ।

# ଯୋଜନା ପଣ୍ଡ, ୫ ଗିରଫ

**ରାଉରକେଲା,୩୧୭/ଏନ୍ଏନ୍ଏସ୍:** ପ୍ଲାଣ୍ଟ ସାଇଟ୍ ପୁଲିସ୍ ପାଟ୍ରୋଲିଂ କରୁଥିବା ବେଳେ ୫ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଏସ୍‌କେ ସଲମାନ, ପବନ ସାହୁ, ଆୟୁଷ ବାଡ଼ା, ରୋହିତ ପ୍ରସାଦ ଓ ମହମ୍ମଦ କୈଫ । ସମ୍ପୃକ୍ତ ଅଭିଯୁକ୍ତମାନେ ରାଉରକେଲାର ବଡ଼ପାର୍କ ଓ ରେଲୱେ କଲୋନୀର ଏକ ନିଛାଟିଆ ସ୍ଥାନରେ ଏକଜୁଟ ହୋଇ କୌଣସି ଅପରାଧ ଘଟାଇବାକୁ ଯୋଜନା କରୁଥିଲେ । ଏ ସମ୍ପର୍କରେ ପ୍ଲାଣ୍ଟ ସାଇଟ୍ ପୁଲିସ୍ ଖବରପାଇ ତୁରନ୍ତ ସେଠାରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଅଭିଯୁକ୍ତଙ୍କଠାରୁ ଭୁଜାଲି, ଛୁରୀ ଓ ଲୁହାରଡ୍ ଆଦି ପୁଲିସ୍ ଜବତ କରିଛି ।



# ପାହାଡ଼ ଚଢ଼ି ସମସ୍ୟା ବୁଝିଲେ ବିଡିଓ



**ରାୟଗଡ଼ା,୩୧୭/ଏନ୍ଏନ୍ଏସ୍:** ପାହାଡ଼ ଚଢ଼ି ରାମନାଗୁଡ଼ା ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ ବ୍ଲକ୍‌ର ଅପହଞ୍ଚ ବିଭିନ୍ନ ଗାଁ ପରିଦର୍ଶନ କରି ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିଛନ୍ତି । ମୌଳିକ ସୁବିଧା ରାସ୍ତା ଓ ପାଣି ସମସ୍ୟାର ସମାଧାନ କରିବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ବ୍ଲକ୍ ପ୍ରଶାସନର ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ବିଡିଓ ପ୍ରଥମେ ଗୁମାଗୁଡ଼ା ଗାଁକୁ ୨ କିମି ଦୂର ଚାଲି ଚାଲି ଗୁମାଗୁଡ଼ା ପାହାଡ଼ ନିକଟରେ ଥିବା ଝରଣାରୁ ଗାଁକୁ ପାଣି ଆଣିବା ନିମନ୍ତେ କିଭଳି କାର୍ଯ୍ୟ କରାଯିବ ଏବଂ କେଉଁଠି ଚେକ୍ ଡ୍ୟାମ୍ କରାଯିବ ଏହାର ତଦାରଖ କରିଥିଲେ । ଗ୍ରାମରେ ଉନ୍ନତ ଧରଣ ଚାଷ ମାଧ୍ୟମରେ ଗେଣ୍ଠୁ ଚାଷ ଓ ମୋ ଉପକାରୀ ବଗିଚା ଚାଷ ଆଦି କରିବା ପାଇଁ ଉପସ୍ଥିତ ଲୋକଙ୍କ ସହିତ ଆଲୋଚନା କରିଥିଲେ । ଗ୍ରାମରେ ୨ଟି ଅନ୍ତୋଦ୍ୟ ଗୃହର ତଦାରଖ କରିଥିଲେ । ଏହାସହ ଯଥାଶୀଘ୍ର ଘର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ହିତାଧିକାରୀଙ୍କୁ ବୁଝାଇଥିଲେ । ଗ୍ରାମର ସମ୍ପୂର୍ଣ୍ଣ ଦୃଷ୍ଟିହୀନ ହିତାଧିକାରୀ ରାମ ବାଣ୍ଟୁ ହାରକାଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ କିଛି ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଲେ । ପରେ ନାରଙ୍ଗବାଡ଼ି ଗ୍ରାମରେ ଚାଲିଥିବା ମନରେଗା କାର୍ଯ୍ୟ, ଓଡ଼ଙ୍ଗମାସ୍କା ଗ୍ରାମରେ ରାସ୍ତାକାର୍ଯ୍ୟ, କୋଟାଗୁଡ଼ାରୁ ବିନିନ୍ଦା କେନାଲ କାର୍ଯ୍ୟ, ଗୁମାଗୁଡ଼ା ରାସ୍ତା କାମ, କଣ୍ଡାଜାମ ଗ୍ରାମ କାର୍ଯ୍ୟ ଓ ଝିଞ୍ଜିରିବାଡ଼ି ଗ୍ରାମର ମୋ ଉପକାରୀ ବଗିଚା କାର୍ଯ୍ୟ ବୁଲି ଦେଖିଥିଲେ । ବିନିନ୍ଦାଠାରୁ କୋଟାଗୁଡ଼ା କେନାଲ୍ କାର୍ଯ୍ୟ ଦେଖି ଖୁସିବ୍ୟକ୍ତ କରିଥିଲେ । ପରେ ପେଦାଗୁଡ଼ା ଗ୍ରାମକୁ ଯାଇ କେନାଲ କାର୍ଯ୍ୟ ଆରମ୍ଭ ସମ୍ବନ୍ଧରେ ଜେଇ ଓ ପିଇଓଙ୍କ ସହ ଆଲୋଚନା କରିଥିଲେ । ଗୁମାଗୁଡ଼ା ଗ୍ରାମରେ ଅନେକ ଦିନରୁ କୌଣସି ବିଡିଓ ଯାଇନଥିବାରୁ ଜଣେ ଅଧିକାରୀଙ୍କୁ ଦେଖି ଗ୍ରାମବାସୀ ଧନ୍ୟବାଦ ଦେଇଥିଲେ । ବିଡିଓଙ୍କ ସହ ପାରିକ୍ଷିତି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନରହରି ଦାଶ, ଜିଆର୍‌ଏସ୍ ସଂଗ୍ରାମ ବ୍ରମା, କନିଷ୍ଠ ଯନ୍ତ୍ରୀ ବାବୁଲାଲ ପୋଲାଇ ଓ ସରପଞ୍ଚ ସୂର୍ଯ୍ୟାରାଓ କୁମ୍ଭିକା ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ବିଡିଓ ଶ୍ରୀ ମଣ୍ଡଳ କହିଛନ୍ତି ଯେ ସରକାରଙ୍କ ସବୁ ସୁବିଧା ଏହି ଗ୍ରାମବାସୀଙ୍କ ପର୍ଯ୍ୟନ୍ତ ପହଞ୍ଚାଇବାକୁ ପ୍ରୟାସ କରୁଛୁ । ଶେଷରେ ବିଡିଓ ରାମନାଗୁଡ଼ା ପାଠାଗାରକୁ ଯାଇ ଭଲ ମନ୍ଦ ବୁଝିଥିଲେ ।

# ସ୍କୁଲ୍‌ରେ ଆଣ୍ଠୁଏ ପାଣି, ଛାତ୍ରଛାତ୍ରୀ ହିନସ୍ତା



**କର୍ଲାମୁଣ୍ଡା,୩୧୭/ଏନ୍ଏନ୍ଏସ୍:** କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ତେରେସିଙ୍ଗା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନାହିଁ ନଥିବା ଅସୁବିଧା ଦେଖିବାକୁ ମିଳୁଛି । ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପାଠପଢ଼ା ଚାଲିଛି । ଏହି ସ୍କୁଲ୍‌ରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ମୋଟ ୧୦୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି ଓ ସ୍କୁଲ୍ ପରିସର ମଧ୍ୟରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ରହିଛି । ଗ୍ରାମରେ ସାମାନ୍ୟ ବର୍ଷା ହେଲେ ଡ୍ରେନ୍‌ର ଅଳିଆ ଆବର୍ଜନା ପାଣି ସ୍କୁଲ୍ ପରିସରକୁ ପଶି ଆଣ୍ଠୁଏ ପର୍ଯ୍ୟନ୍ତ ଜମି ରହୁଛି । ଏଠାରେ ମାସ ମାସ ଧରି ଦୂଷିତ ପାଣି ଜମି ରହିବା ଯୋଗୁ ଦୁର୍ଗନ୍ଧ ସହ ମଶାମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି । ଛାତ୍ରଛାତ୍ରୀଙ୍କ ପାଇଁ ପାଇଖାନାର ବ୍ୟବସ୍ଥା ଅଛି ସତ କିନ୍ତୁ ଜଳମଗ୍ନ ଯୋଗୁ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି । ଫଳରେ ସ୍କୁଲ୍‌ର କୋମଳମତି ଛାତ୍ରଛାତ୍ରୀ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁଥିବା ଶିଶୁ ସମେତ ଗର୍ଭବତୀ ମହିଳାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଶିଶୁମାନେ ଗୋଡ଼ ଖସି ପଡ଼ିଯାଉଥିବା ଦେଖାଯାଏ ।

ଏନେଇ ସ୍କୁଲ୍‌ର ପ୍ରଧାନଶିକ୍ଷକ ବିଭୁତି ଭୂଷଣ ସେଠ୍‌ଙ୍କୁ ପଚାରିବାରୁ ଗତ ବର୍ଷରୁ ଗ୍ରାମର ଗ୍ରାମ୍ୟ ଉନ୍ନୟନ ସମିତି, ସରପଞ୍ଚ, ସମିତିସଭ୍ୟ, ବ୍ଲକ୍ ଅଧ୍ୟକ୍ଷା, ବିଡିଓଙ୍କୁ ଜଣେଇଥିବା କହିଛନ୍ତି । କିନ୍ତୁ ଏଯାଏଁ କୌଣସି ସୁଫଳ ମିଳିନଥିା ଶ୍ରୀ ସେଠ୍ ପ୍ରକାଶ କରିଛନ୍ତି । ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି ।

**ବିଭାଗର ନିଘା ନାହିଁ**

**ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି**

# ମାନସିକ ଅନଗ୍ରସର ମହିଳାଙ୍କୁ ଉଦ୍ଧାର ଓ ଥଇଥାନ



**ରାୟଗଡ଼ା,୩୧୭/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶକ୍ରମେ ଜଣେ ମାନସିକ ଅନଗ୍ରସର ଭିନ୍ନକ୍ଷମ ମହିଳା ଆଲାଜିଙ୍ଗ ପାର୍ବତୀଙ୍କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଏବଂ ଭାରପ୍ରାପ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ଶବରଙ୍କ ମିଳିତ ସହଯୋଗରେ ଉଦ୍ଧାର କରାଯାଇଛି । ସମ୍ପୃକ୍ତ ମହିଳା କୋଲନରାସ୍ଥିତ କାମ୍ପ ସାହିରେ ଆତଙ୍କ ସୃଷ୍ଟି କରିଥିଲେ । କୌଣସି ବ୍ୟକ୍ତିଙ୍କୁ ଆଘାତ କରିବାର ସମ୍ଭାବନାରୁ ଦୃଷ୍ଟିରେ ରଖି ସେଠାକାର ସାହି ବାସିନ୍ଦା ଓ ସରପଞ୍ଚ ଲିଖିତ ଆକାରରେ ଜଣାଇଥିଲେ । ପରେ କୋଲନରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ, କୋଲନରା ଜିଲ୍ଲାପରିଷଦ ସଭ୍ୟ ଏ ଧବଳେଶ୍ୱର ନାଇଡୁ, , ଶିଶୁ ବିକାଶ ଯୋଜନା ଅଧିକାରୀ ବିଜୟଲକ୍ଷ୍ମୀ ନିଶାଙ୍କ, ମହିଳା ପରିଦର୍ଶିକା ଜ୍ୟୋତ୍ସ୍ନା କୁମାରୀ ବିଡ଼ିକାଙ୍କ ସହ କୋଲନରା ଓ ଓଡ଼ିଶା ପୁଲିସ ସହଯୋଗରେ ଏହି ମହିଳାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ତାଲିମପ୍ରାପ୍ତ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସକ ଡ. ପ୍ରଦୀପ୍ତ କୁମାର ସୁବୁଦ୍ଧି, ମାନସିକ ଗୋଷ୍ଠୀ ପର୍ଯ୍ୟବେକ୍ଷକ ସମରଜିତ ଖୁଣ୍ଟିଆ ଓ ମାନସିକ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର କାଦମ୍ବାଲୁଙ୍କ ସହଯୋଗରେ ସ୍ୱାସ୍ଥ୍ୟ ପରିକ୍ଷା କରାଯାଇ ମାଲକାନଗିରିର ମିଶନ ଆଶ୍ରା ପୁନର୍ବାସ କେନ୍ଦ୍ରରେ ଥଇଥାନ କରାଯାଇଛି ।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା ପକାଇ ଧାରଣା




**ଶରଣକୁଳ,୩୧।୭/ଏନ୍‌ଏନ୍‌ଏସ୍:** ଶରଣକୁଳ ଶିକ୍ଷା ସର୍କଲ ଅନ୍ତର୍ଗତ ବିନାୟକପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି, ମାତୃମଞ୍ଚ ଓ ଅଭିଭାବକମାନେ ମିଳିତ ଭାବରେ ଆଜି ବିଦ୍ୟାଳୟରେ ତାଲା ପକାଇ ବାରଣ୍ଡାରେ ଧାରଣାରେ ବସିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ବାରମ୍ବାର ବିଇଓ ଅଫିସ୍‌ରେ ଜଣାଇବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ଶିକ୍ଷକ ନିଯୁକ୍ତି ହୋଇନାହିଁ। ଫଳରେ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଶିକ୍ଷା ଗ୍ରହଣକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇ ସିଆରସିସି ରାଜକୁମାର ସେଠୀ, ଶିକ୍ଷକ ନେତା ଭକ୍ତ ରଞ୍ଜନ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଅଭିଭାବକ ମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ବିଦ୍ୟାଳୟକୁ ବିଇଓ ଆସିବାକୁ ଅଡ଼ି ବସିଥିଲେ। ବିଇଓଙ୍କ ଅନୁପସ୍ଥିତିରେ ଏବିଇଓ ରାଜକିଶୋର ସାହୁ ବିଦ୍ୟାଳୟରେ ପହଞ୍ଚି ଅଭିଭାବକମାନଙ୍କ ସହିତ ଆଲୋଚନା କରି ଯଥାଶୀଘ୍ର ଶିକ୍ଷକ ଦିଆଯିବା ପାଇଁ କହିଥିଲେ ମଧ୍ୟ ସେମାନଙ୍କ ଏକା ଜିଦ୍ ଶିକ୍ଷକ ଦେଲେହିଁ ଆମେମାନେ ଏଠାରୁ ଯିବୁ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ। ପରେ ଏବିଇଓ ରାଜକିଶୋର ସାହୁ ଜିଲ୍ଲା କାର୍ଯ୍ୟାଳୟ ସହ ଯୋଗାଯୋଗ କରି ନିକଟରେ ଥିବା ଭୀମସେନ କୃଷି ବିଦ୍ୟାପୀଠରୁ ଶିକ୍ଷକ ସରୋଜ କୁମାର ସାହୁଙ୍କୁ ବିନାୟକପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଲିଖିତ ଆଦେଶ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଆଉ ଦୁଇଜଣ ଶିକ୍ଷକ ଆସିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ଦୁଇଟା ପରେ ଅଭିଭାବକମାନେ ଧାରଣାରୁ ଉଠିଥିଲେ।

## ବ୍ରାହ୍ମଣଝରିଲୋ କଲେଜରେ ଷ୍ଟାର୍ଟଅପ୍ ପ୍ରତିଯୋଗିତା

**ଫୁଲନଖରା,୩୧।୭/ଏନ୍‌ଏନ୍‌ଏସ୍:** ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଇନୋଭେସନ ଓ ଷ୍ଟାର୍ଟଅପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ୮ଜଣ ଛାତ୍ରଛାତ୍ରୀ ସେମାନଙ୍କ ଷ୍ଟାର୍ଟଅପ ପ୍ରୋଜେକ୍ଟ ଉପସ୍ଥାପନ କରିଥିଲେ। ପ୍ରାଧ୍ୟାପକ କ୍ଷିତିରଞ୍ଜନ ଧିର, ପ୍ରାଧ୍ୟାପକ ସମୀରକୁମାର ରାଉତ ଓ ଅଧ୍ୟାପିକା ଡଃ.ବନ୍ଦନା ମିଶ୍ର ଏଥିରେ ବିଷୟ ବିଶେଷଜ୍ଞରୂପେ ଯୋଗଦେଇ ପ୍ରୋଜେକ୍ଟଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। କଲେଜ ଅଧକ୍ଷା ଶକୁନ୍ତଳା ସାମଲ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଡଃ.ଗିରିଧାରୀ ସାହୁ, ଅଧ୍ୟାପିକା ପ୍ରଜ୍ଞା ବେହେରା ଓ ଅଧ୍ୟାପକ ପୁଷ୍ପାଞ୍ଜଳି ଭୋଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଅଧ୍ୟାପକ ଅନିଲକୁମାର ସାହୁ ଧନ୍ୟବାଦ ଦେଇଥିଲେ।

**AFFIDAVIT**

By virtue of an affidavit sworn before Notary Public, Daringbadi, on dated.01.07.2025, I Sri Joshepha Muthamajhi, aged about 32 year, Son of Lajara Muthamajhi of Village-Kalisapadar, Po/Ps-Tumudibandha, Dist- Kandhamal, that I have changed the name of my daughter from "RAILI MAJHI " to "RAHELI MUTHAMAJHI" and henceforth he will be known as "RAHELI MUTHAMAJHI" for all Government and Private purpose.

**AFFIDAVIT**

By virtue of an affidavit sworn before 31/07/2025 I, Tuna Barik, S/o- Bhagabat Barik of vill-Dudhapasi, Po- Raigoda,Ps-Nayakote, Dist- Keonjhar, Pin-758018 declare that I have changed my daughter's name from Dulani Barik to Durlavi Barik. Hence forth, he shall be known as Durlavi Barik for all purposes.

Tuna Barik

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.24-KUR-TRD-OT-2025-26

କାର୍ଯ୍ୟର ନାମ : [illegible] JB-07 [illegible] 432/32-34 [illegible] (ROB) [illegible] OHE [illegible]

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 9,46,018.79, EMD (ଟଙ୍କାରେ): 18,900/-, [illegible]: 180 ଦିନ।

[illegible] ତା.04.08.2025 [illegible]

[illegible] ତା.18.08.2025 ଦିନ 1300 ଘଣ୍ଟାରେ।

[illegible]

[illegible] www.ireps.gov.in [illegible]

[illegible] (TRD), ଖୋର୍ଦ୍ଧା ରୋଡ୍

PR-417/Q/25-26

**AFFIDAVIT**

By Virtue of an affidavit Sworn before the Executive Magistrate Dhenkanal dated 18.07.2025. I Pradeepa Kumar Mahabhoi, S/o-Debaraj Mahabhoi Vill/Po- Kantiokateni, Ps- Tumusinga Dist - Dhenkanal, Odisha, State that my actual name is Pradeepa Kumar Mahabhoi, S/o Debaraj Mahabhoi as per my Education Certificate but Aadhaar card No.7226 1837 1874 wrongly mentioned as **Pradeep Kumar Mahabhoi**, S/o Debaraj Mahabhoi, is one and same Identical Person hence this affidavit.

**AFFIDAVIT**

I, Mohammed Shakil Akhtar S/O Mohammed Abdul Shakur, Resident of Alisha Bazar, Dakhini Sahi, PO: Chandini Chowk, PS:Lalbag, Dist:Cuttack, Pin-753002, State: Odisha declared by this Affidavit No:6781 Dated:29/07/2025, that now onwards I shall be known as **MOHAMMAD SHAKIL AKHTAR,** S/O Mohammad Abdul Shakur for all future purpose.

**AFFIDAVIT**

By virtue of an Affidavit sworn before the Executive Magistrate, Cuttack, dated 28th day of July, 2025, I Sudarshan Nayak, Son of Sri Trilochan Nayak, permanent resident of Subhadra Nagar, P.O - Bidanasi, P.S - Bidanasi, Dist - Cuttack, Pin - 753014, declare that I have changed the name of my daughter Tanisha Nayak to Taniska Nayak. Henceforth , she shall be known as Taniska Nayak for all purpose.

Sudarshan Nayak

## ନଦୀବନ୍ଧ ସଫେଇକଲେ ଗ୍ରୀନ୍ ସମାଜ ଗ୍ରୁପ୍



**ବୟାଳିଶମୌଜା,୩୧।୭/ଏନ୍‌ଏନ୍‌ଏସ୍:** ୪୨ ମୌଜା ଅନ୍ତର୍ଗତ କୁଳସରିଚୁଆଁ ବ୍ରିଜ ନିକଟ ନଦୀ ବନ୍ଧ ପାର୍ଶ୍ୱକୁ ଘାସ, ଲତା ଓ ଅନାବନା ଗଛ ମାଡ଼ି ଆସି ଯାତାୟତରେ ଅସୁବିଧା ସୃଷ୍ଟି ହେଉଥିଲା। କୁଳସରିଚୁଆଁ ଗ୍ରୀନ ସମାଜ ଗ୍ରୁପ ପକ୍ଷରୁ ଏହାକୁ ସଫେଇ କରି ବନ୍ଧ ତଳକୁ ଖସେଇ ଦିଆଯାଇଛି। ଏହି ସଫେଇ କାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ଭୋଳ, ପ୍ରଣବ ମହାପାତ୍ର, ରଶ୍ମି ରଞ୍ଜନ ମହାପାତ୍ର, ଚିରଞ୍ଜିବ ମହାପାତ୍ର, ସୌରେଶ ପ୍ରଧାନ, ରୋହିତ ପ୍ରଧାନ, ପ୍ରକାଶ କୁମାର ସାହୁ ଓ ରେହେମାନ ଚାଚା ଯୋଗଦେଇଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ନୟାଗଡ଼,୩୧।୭/ଏନ୍‌ଏନ୍‌ଏସ୍:** ଜଣେ ଶିକ୍ଷକ ସବୁଦିନ ପାଇଁ ଶିକ୍ଷକ ଏବଂ ନମସ୍ୟ, ତା'ର କେବେ ଅବସର ନଥାଏ। ଶିକ୍ଷକତା ପରି ଏକ ପବିତ୍ର ବୃତ୍ତିକୁ ଗ୍ରହଣ କରି ଜଣେ ବ୍ୟକ୍ତି ସାରା ଜୀବନ ଆତ୍ମସନ୍ତୋଷ ଲାଭ କରିଥାଏ ବୋଲି ଆଜି ନୟାଗଡ଼ ଜିଲ୍ଲା ସଦର ମହକୁମା ସ୍ଥିତ ଏନଏସି ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ କୁମାର ଡାକୁଆଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ଆଲୁମିନି କମିଟି ସଭାପତି ଲକ୍ଷ୍ମୀଧର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ ଅବସର ଗ୍ରହଣ କରିଥିବା ଶିକ୍ଷକ ଶ୍ରୀ ଡାକୁଆଙ୍କ ଉତ୍ସର୍ଗୀକୃତ ଏବଂ କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ ସବିସ୍ତୃତ ତଥ୍ୟ ଉପସ୍ଥାପନା କରିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ତ୍ରିପାଠୀ, ସରୋଜ ନଳିନୀ ଦାସ, ଲକ୍ଷ୍ମୀଧର ସାହୁ, ଉମାକାନ୍ତ ମିଶ୍ର ପ୍ରମୁଖ ଶ୍ରୀ ଡାକୁଆଙ୍କୁ ଜଣେ କର୍ମଠ,ଦକ୍ଷ ତଥା ଛାତ୍ରବତ୍ସଳ ଶିକ୍ଷକ ଥିଲେ ବୋଲି ବର୍ଣ୍ଣନା କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରଛାତ୍ରୀ ମାନେ ବିଦାୟ କାଳୀନ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କୁ ବିଦ୍ୟାଳୟ ପକ୍ଷରୁ ମାନପତ୍ର, ଉପଢୌକନ ଏବଂ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଚିତ୍ରା ଦେବୀ, ରୋଜାଲିନ ମିଶ୍ର, କାଦମ୍ବିନୀ କରଣ, ଭବାନୀ ଆଚାର୍ଯ୍ୟ, ସୌଦାମିନୀ ପ୍ରଧାନ, ଜ୍ୟୋତିର୍ମୟୀ ରଥ, ସ୍ୱାଗତିକା ଦଳେଇ, ଉଷାରାଣୀ ପ୍ରଧାନ, ମାନସ ସାହୁ, ଅଶୋକ ମିଶ୍ର, ଚିତ୍ତରଞ୍ଜନ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ବିଦାୟୀ ଶିକ୍ଷକଙ୍କୁ ଏକ ଶୋଭାଯାତ୍ରାରେ ପୁରୁଣା ସହରସ୍ଥିତ ତାଙ୍କ ବାସଭବନ ପର୍ଯ୍ୟନ୍ତ ନିଆଯାଇ ବିଦାୟ ଦିଆଯାଇଥିଲା।

**GOVERNMENT OF ODISHA, DEPARTMENT OF WATER RESOURCES**

**Office of the Addl. Chief Engineer, Mechanical Circle, Bhubaneswar**

Email Address : semechcircle104@gmail.com

**e-Procurement Notice- Bid Identification No. ACEM/MDC-31/2025-26**

1. Name of the work : Mechanical Gate Works
2. No. of works : 01 (One)
3. Category of executors : SSI Units registered under DIC / NSIC / MSME for Irrigation Shutters / Hydro mechanical gates.
4. Bid Identification NO. : ACEM/MDC-31/2025-26
5. Estimated cost : Rs.18,79,917/-
6. Period of completion : 02 (Two) calendar months
7. Date & time of availability of bid documents in the portal : From dt.01.08.2025 (10.00 AM) to dt.11.08.2025 (5.30 PM)
8. Last date/time for receipt of bid in the portal : dt.11.08.2025 (up to 5.30 PM)
9. Date and place of opening of bid : dt.12.08.2025 (12.00 Noon onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar.

Further details can be seen from the e-procurement portal https://tendersodisha.gov.in. Any further issue of Addenda / Corrigenda / Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle, Bhubaneswar

OIPR-32405/11/0085/2526 A-452

## ସତ୍ୟବାଦୀ କଂଗ୍ରେସ ପକ୍ଷରୁ ଅଭିଯୋଗ ଶୁଣାଣି ମୋବାଇଲ୍ ଆପ୍ ଆରମ୍ଭ

**ସାକ୍ଷୀଗୋପାଳ,୩୧।୭/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ କଂଗ୍ରେସ ତରଫରୁ ଆରମ୍ଭ ହେଲା ନିଆରା ପ୍ରୟାସ ଆପ ମାଧ୍ୟମରେ ଜନସାଧାରଣଙ୍କ କରାଯିବ ଅଭିଯୋଗ ହେବ ସମାଧାନ। ବୁଧବାର ପୂର୍ବାହ୍ନ ୧୨ ଘଣ୍ଟା ସମୟରେ ସାକ୍ଷୀଗୋପାଳ ବସ ଷ୍ଟାଣ୍ଡ ନିକଟସ୍ଥ ସତ୍ୟବାଦୀ ମଣ୍ଡପ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି ସାମ୍ବାଦିକ ସମ୍ମିଳନୀ। ସତ୍ୟବାଦୀ କଂଗ୍ରେସର ବହୁ ବରିଷ୍ଠ ନେତୃମଣ୍ଡଳୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ପ୍ରଭୁ ଜଗନ୍ନାଥଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପରେ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଜନସାଧାରଣ ଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ପରେ ପରେ ଏହି ସମସ୍ୟାର ସମାଧାନ ନିମନ୍ତେ ଲୋକାର୍ପଣ କରିଥଲେ ଅଭିଯୋଗ ଶୁଣାଣି ମୋବାଇଲ୍ ଆପ ଏବଂ ସ୍କାନର। ଏହି ଆପ୍‌ର ସ୍କାନରକୁ ଗୁଗଲ ଲେନ୍ସରେ ସ୍କାନ କରି ଆପରେ ଅଭିଯୋଗକାରି ଙ୍କ ବିବରଣୀ ଏବଂ ସମସ୍ୟା ଦାଖଲ କରାଯାଇଥିଲା। ସତ୍ୟବାଦୀ କଂଗ୍ରେସ୍ ତରଫରୁ ପ୍ରାୟାସ କରାଯିବ ଏହି ସମସ୍ୟାର ସମାଧାନ ପାଇଁ। ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଦଳମତ ନିର୍ବିଶେଷରେ ସମସ୍ତ ବର୍ଗର ସମସ୍ତ ସମ୍ପ୍ରଦାୟର ଜନସାଧାରଣଙ୍କ ନିଜସ୍ୱ ଏବଂ ନିଜ ଅଞ୍ଚଳର ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ କରାଯିବା ପାଇଁ ଦଳର ନେତୃମଣ୍ଡଳୀ କହିଛନ୍ତି। ଏହି ଅବସରରେ ସତ୍ୟବାଦୀ କଂଗ୍ରେସ ତରଫରୁ ଅନୁଷ୍ଠିତ ହୋଇଥିଲା କର୍ମିସମ୍ମିମିଳନୀ ଏଥିରେ ସତ୍ୟବାଦୀ ଏବଂ କଣାସ ଅଞ୍ଚଳର ବଛା ବଛା ନେତୃବୃନ୍ଦ ସାମିଲ ହୋଇଥିଲେ ଏବଂ ପରେ ସବୁ କର୍ମୀଙ୍କୁ ନିଜ ଅଞ୍ଚଳରେ ଜନସଚେତନତା ବ୍ୟବସ୍ଥା କରାଯାଇଥିଲା।

**Zilla Swasthya Samiti, Boudh**

**O/o the CDM & PHO, Boudh, Pin-762014**

E-277

Advt. No. 1207 Date : 30.07.2025

**TENDER CALL NOTICE**

**for Hiring of vehicles for Mobile Health Unit (MHU) for CHC Adenigarh, CHC Baunsuni & CHC Manamunda**

Sealed tenders are invited from registered travel agencies / sole proprietor for hiring of commercial light vehicles on a monthly basis. Details regarding eligibility criteria, terms & conditions and the formats of submission of tender (Technical & Price bid) are mentioned in the tender document which may be downloaded from the website : www.boudh.odisha.gov.in Interested agencies / sole proprietor may submit their tenders through Registered / Speed Post in a sealed envelope super-scribing on the top of the sealed envelope as "Tender for Hiring of Vehicles on Monthly Basis for MHU in reference to Advertisement No. 1207 dtd. 30.07.2025 A pre-bid meeting shall be held on dt.12.08.2025, at 11 AM at DTU, O/o the CDM & PHO, Boudh. Any amendments in the tender document due to decision in the pre-bid meeting shall only be notified in the website mentioned above.

The tenders should reach the concerned office of the Superintendent CHC Adenigarh, CHC Baunsuni, CHC Manamunda, on or before dt.21.08.2025 (5PM). The tenders will be opened at 11 AM on dt.22.08.2025. The Concern Superintendent of CHC reserves the right to reject any or all the tenders without assigning any reason thereof.

Sd/-
CDM & PHO-cum-DMD, Boudh

OIPR-10107/11/0020/2526

C-783

**OFFICE OF THE MUNICIPAL COUNCIL: BALANGIR**

Address: - Office of the Municipal Council Balangir, Opp. Of Rajendra Park Balangir, Pin: -767001, Ph No.: - 06652 232720, Email ID:- bgrmc1972@gmail.com

Letter No 3523 Date. 30.07.2025

**Detail Quotation Call Notice for Lease of Parking at Bhima Bhoi Medical College & Hospital, Balangir**

Sealed Quotation(S) are invited by the undersigned from reputed Agency / Farms/Persons to lease out of the Parking at Bhima Bhoi Medical College & Hospital, Balangir for the period of one year. The tenders paper must reached to the undersigned on or before on **dt.11.08.2025 at 12.00 Noon** & the same will be open on **dt.13.08.2025 at 11.00 A.M.** intended bidder are requested to submit their quotation along with all the supporting documents as mentioned below.

The undersigned reserves all the rights to reject any or all without assigning any reason thereof.

**Terms and Condition**


1. The offset price of the lease is fixed at Rs.5,00,000/- (Five Lakhs) only for one years.
2. The lease shall be finalized in favour of the quotation quoting highest rate
3. The quotation must be accompanied with a security deposit amounting to Rs.3,00,000/- in shape of NSC/POTD/KVP duly pledged in favor of Executive Officer, Balangir. The security deposit amount will be refundable after complete one year.
4. The bidder has to submit the valid PAN, GST No. and ITCC with the tender paper.
5. The bidder has to submit relevant work experience with Govt. Organizations (if any).
6. The bidder has to submit the dues clearance certificate and ITCC with the tender paper.
7. The bidder has to quote their quotation price inclusive of all the taxes for the above specific period.
8. The Sale of Application Form in office hour from **dt.31.07.2025 to dt.11.08.2025.** The cost of Tender Application Form Rs.1000/- (One thousand) only.
9. The bidder collect the tender paper during office hour except Govt. holiday.

Encl : Apply of application for Parking

Sd/- Executive Officer,
Balangir Municipality

OIPR-13169/11/0066/2526

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ନୂତନ ଶାଖା ପରିଚାଳକ



**ବଲଙ୍ଗା,୩୧।୭/ଏନ୍‌ଏନ୍‌ଏସ୍:** ବଲଙ୍ଗାସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ନୂତନ ଶାଖା ପରିଚାଳକ ଭାବେ ସନ୍ଦୀପ ରଞ୍ଜନ ସେଠି ଯୋଗଦାନ କରିଛନ୍ତି। ସେ ପୂର୍ବରୁ କେନ୍ଦୁଝର ଜିଲ୍ଲାରେ କାର୍ଯ୍ୟରତ ଥିଲେ। ବଲଙ୍ଗା ବ୍ୟାଙ୍କରେ ଯୋଗଦାନ ପରେ ଅଞ୍ଚଳର ଚାଷୀମାନଙ୍କ ସମସ୍ୟା ଓ ବ୍ୟବସାୟୀମାନଙ୍କ ସମସ୍ୟା ପ୍ରତି ସେ ଅଧିକ ଯତ୍ନବାନ ହେବେ ବୋଲି ପ୍ରକାଶ କରିଛନ୍ତି।

**ADITYA BIRLA CAPITAL LIMITED**

**Registered Office :** Indian Rayon Compound, Veraval, Gujarat - 362 266.
**Corporate Office :** 12th Floor, R Teck Park, Nirlon Complex, Nr. Hub Mall, Goregaon (E), Mumbai-400 063, MH.

**ଅଧିଗ୍ରହଣ ନୋଟିସ୍ [ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ର ନିୟମ ୮ (୧) ଦେଖନ୍ତୁ ]**

[illegible]

| କ୍ର. ନଂ | ଋଣଗ୍ରହୀତା (ମାନଙ୍କ)ଙ୍କ ନାମ | ଦାବୀ ନୋଟିସ୍ ତାରିଖ ଏବଂ ବକେୟା ରାଶି | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ | ଅଧିଗ୍ରହଣ ତାରିଖ |
|---|---|---|---|---|
| ୧. | ୧. ଏମ୍/ଏସ୍ ବିଶ୍ୱଭୂଷଣ ପୋଲଟ୍ରି ଫାର୍ମ [illegible] ୨. ଶ୍ରୀ ବିଶ୍ୱଭୂଷଣ ପାଇକରାୟ [illegible] ୩. [illegible] ୪. [illegible] ୫. [illegible] LAN: ABBHUSTS000000636023 | ୦୯.୦୫.୨୦୨୫ ୦୮.୦୫.୨୦୨୫ [illegible] | [illegible] | ୨୯.୦୭.୨୦୨୫ [illegible] |

ସ୍ଥାନ: ପୁରୀ, ଓଡ଼ିଶା
ତାରିଖ: ୦୧.୦୮.୨୦୨୫

ସ୍ୱାକ୍ଷର/-
କ୍ଷମତାପ୍ରାପ୍ତ ଅଧିକାରୀ
ଆଦିତ୍ୟ ବିର୍ଲା କ୍ୟାପିଟାଲ ଲିମିଟେଡ୍

**ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍**

ଆପ୍‌କି ଉମ୍ମିଦ୍ କା ଖାତା

(ଏକ ସୂଚୀବଦ୍ଧ ବାଣିଜ୍ୟିକ ବ୍ୟାଙ୍କ୍)

[illegible]

(ନିୟମ ୮(୬) ର ବ୍ୟବସ୍ଥା ଦେଖନ୍ତୁ)

**ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ବିକ୍ରୟ ନୋଟିସ୍**

[illegible] M/S. C1 India Pvt. Ltd. https://www.bankeauctions.com [illegible]

| କ୍ର. ନଂ | ଋଣ ଖାତା ନଂ | ଋଣଗ୍ରହୀତାଙ୍କ ନାମ/ ଗ୍ୟାରେଣ୍ଟର (ସମ୍ପତ୍ତି ମାଲିକ) | [illegible] | ଅଧିଗ୍ରହଣ ତାରିଖ ଓ ପ୍ରକାର | [illegible] | ସଂରକ୍ଷିତ ରାଶି ଇଏମ୍‌ଡି | ବିଡ୍ ଇନ୍‌କ୍ରିମେଣ୍ଟ ପରିମାଣ | ଇ-ନିଲାମ ତାରିଖ ଓ ସମୟ | ଅନୁଧ୍ୟାନ କରିବାର ତାରିଖ ଓ ସମୟ |
|---|---|---|---|---|---|---|---|---|---|
| 1 | 1600060000006001 | [illegible] | ₹ 33,63,438/- 21-11-2024 | 23-04-2025 [illegible] | ₹3715693.26/- | ₹ 1,14,88,950/- ₹ 11,48,895/- | 10,000/- | 03-09-2025 & 11 am-1 pm | 18-08-2025 19-08-2025 |

| | | | |
|---|---|---|---|
| ଇଏମ୍‌ଡି ଦାଖଲ ଶେଷ ତାରିଖ | 02-09-2025 | ବିଡ୍ ଓ ଦସ୍ତାବିଜ୍ ଦାଖଲ କରିବା ସ୍ଥାନ | ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍ - ଶାଖା କାର୍ଯ୍ୟାଳୟ - [illegible], କଟକ, ଓଡ଼ିଶା |
| ବ୍ୟାଙ୍କ୍ କୁ ଜଣାଥିବା ସମସ୍ୟା | Nil | ବର୍ଣ୍ଣିତ ସମ୍ପତ୍ତି ବିରୋଧରେ ମୋକଦ୍ଦମା | Nil |

[illegible] https://www.bankeauctions.com [illegible] https://www.utkarsh.bank [illegible] santosh.kumar3@utkarsh.bank [illegible]

[illegible] "Authorised officer Utkarsh Small Finance Bank Limited" Current A/C No. 1375200000000003, IFSC - UTKS0001375 [illegible]

ତାରିଖ: ୦୧-୦୮-୨୦୨୫
ସ୍ଥାନ: ଓଡ଼ିଶା

(କ୍ଷମତାପ୍ରାପ୍ତ ଅଧିକାରୀ)
ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ୍ ଲିମିଟେଡ୍

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

[illegible] Divisional Railway Manager (Engg.), [illegible] (1) E-KGP-HQ-26-2025, [illegible] (2) E-KGP-HQ-27-2025, [illegible] (3) E-KGP-HQ-28-2025, [illegible] (4) E-KGP-HQ-29-2025, [illegible] (5) E-KGP-HQ-30-2025, [illegible] (6) E-KGP-HQ-31-2025, [illegible] (7) E-KGP-HQ-32-2025, [illegible] (8) E-KGP-HQ-33-2025, [illegible] (9) E-KGP-HQ-34-2025, [illegible] (10) E-KGP-HQ-35-2025, [illegible] www.ireps.gov.in [illegible] IREPS [illegible] www.ireps.gov.in [illegible]

(PR-465)

## ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ଉପକରଣ ବଣ୍ଟନ



**ଗରିଛକ,୩୧୭/ଏନ୍ଏନ୍ଏସ୍:** ଅଖିଳ ଭାରତୀୟ ଶିକ୍ଷା ସମାଗମ ଉତ୍ସବ ପାଳନ ଅବସରରେ ନିମାପଡା ମଣ୍ଡଳ ଶିକ୍ଷାଧିକାରୀଙ୍କ ତରଫରୁ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ନିମାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କୁ ସହାୟକ ଉପକରଣ ବିତରଣ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ନିମାପଡା ମଣ୍ଡଳ ଉନ୍ନୟନ ଅଧିକାରୀ ଡଃ ଅଭିଜିତ୍ ଷଡଙ୍ଗୀ ଶୁଭ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ନିମାପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ ଯୋଗଦେଇ ଭିନ୍ନକ୍ଷମ ପିଲାମାନଙ୍କ ପ୍ରତି ଆମ୍ଭେମାନେ ସମସ୍ତେ ସମ୍ବେଦନଶୀଳ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଶିବିରରେ ୪୦ଜଣ ଦିବ୍ୟାଙ୍ଗ ବିଦ୍ୟାର୍ଥିଙ୍କୁ ଉପକରଣ ବଣ୍ଟନ କରାଯାଇଥିବା ବେଳେ ୬୦ଜଣ ବିଦ୍ୟାର୍ଥୀଙ୍କୁ ପରୀକ୍ଷଣ କରାଯାଇଥିଲ । ଟ୍ରାଇ ସାଇକେଲ, ହ୍ୱିଲ୍ ଚେୟାର, ସିପି ଚେୟାର ତଥା ଅନ୍ୟାନ୍ୟ କିଟ୍ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ସୁଦର୍ଶନ ଭୋଇ ପରିଚାଳନା କରିଥିବା ବେଳେ ବ୍ଲକର ସିଆର୍‌ସିସି, ବ୍ଲକ୍ ସାଧନ ଶିକ୍ଷୟିତ୍ରୀ, ଜିଲ୍ଲା ସଂଯୋଜକ କାର୍ତ୍ତିକେଶ୍ୱର ପ୍ରଧାନ ଓ ଆଲିମ୍‌କୋର କର୍ମଚାରୀମାନେ ସହଯୋଗ କରିଥିଲେ ।

# ଶ୍ରୀକ୍ଷେତ୍ରରୁ ସଂସ୍କୃତ ବଞ୍ଚାଅ ଅଭିଯାନ ଆରମ୍ଭ



**ପୁରୀ,୩୧୭/ଏନ୍ଏନ୍ଏସ୍:** ଆଜି ଶ୍ରୀକ୍ଷେତ୍ର ସଂସ୍କୃତ ଅଧ୍ୟୟନରତ ବିଦ୍ୟାର୍ଥୀମାନଙ୍କୁ ନେଇ ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ ପକ୍ଷରୁ ସଂସ୍କୃତ ବଞ୍ଚାଅ ଅଭିଯାନର ଜୟ ଯାତ୍ରା ଆରମ୍ଭ ହୋଇଛି । ଏହି ଅଭିଯାନରେ ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘର ଆବାହକ ଦେବେନ୍ଦ୍ର ଆଚାର୍ଯ୍ୟ ଓ ଯୁଗ୍ମ ଆବାହକ ସାଧୁ ଅରୁପାନନ୍ଦ ଓଡ଼ିଶାରେ କିପରି ଦେବ ଭାଷା ସଂସ୍କୃତକୁ ଉପେକ୍ଷିତ କରାଯାଉଛି ତଥା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କିପରି ସଂସ୍କୃତର ମୂଳୋତ୍ପାଟନ କରିବା ପାଇଁ ଷଡ଼ଯନ୍ତ୍ର ରଚିଛି ସେ ବିଷୟରେ ସଂସ୍କୃତ ବିଦ୍ୟାର୍ଥୀ ମାନଙ୍କୁ ଅବଗତ କରାଉଥିଲେ । ପୁରୀର ଜାତୀୟ ସେବା ଯୋଜନା ଭୂତପୂର୍ବ ସ୍ୱେଚ୍ଛାସେବୀ ପ୍ରତିନିଧି ଓଁ ପ୍ରସାଦ ମହାନ୍ତି ଯୋଗଦେଇ ଆଦ୍ୟ ଜନନୀ ସଂସ୍କୃତ ଭାଷାକୁ କିପରି ରାଷ୍ଟ୍ରୀୟ ଭାଷା କରାଯିବ ସେ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂଯୋଜିକା ପ୍ରେରଣା ପ୍ରିୟାଂଶି ସ୍ୱାଇଁ ଓ ଯୁଗ୍ମ ସଂଯୋଜିକା କିପରି ଚତୁର୍ଥ ଶ୍ରେଣୀରୁ ସଂସ୍କୃତ ଭାଷାକୁ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରିବେ ସେ ବିଷୟରେ ମତବ୍ୟକ୍ତ କରିଥିଲେ । ଏହି ଅଭିଯାନର ସଚେତନତା ପଦଯାତ୍ରାଟି ବିଦ୍ୟାର୍ଥୀ ମହାସଂଘର ସଦସ୍ୟ ସମିର ଶେଖର ସିଂହ, ବିଜୟ ସାସମଲ୍, ସୁରଜ କୁମୁରା, ସଞ୍ଜୟ, ଦେବିଶଙ୍କର, ଲଳିତ ଭୋଇ, ପୀତବାସ ମିଶ୍ର ସଦସ୍ୟା ସ୍ନିଗ୍ଧା ସନ୍ଧ୍ୟା ଶତପଥୀ, ମଧୁସ୍ମିତା ପାତ୍ର, ସୁଶ୍ରୀ ଶ୍ରଦ୍ଧାଞ୍ଜଳି ସେଠୀ, ରଶ୍ମିପ୍ରଭା, ବିଶ୍ୱରୂପା ଇତ୍ୟାଦି ମାନଙ୍କ ତତ୍ତ୍ୱାବଧାନରେ ପୁରୀ ଗୁଣ୍ଡିଚା ମନ୍ଦିର ଓ ବାସ୍‌ଷ୍ଟାଣ୍ଡ ଦେଇ ସଂସ୍କୃତ ବଞ୍ଚାଅ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅଭିଯାନକୁ ବିଦ୍ୟାର୍ଥୀ ପରିଷଦର ସଦସ୍ୟା ତନୁଶ୍ରୀ ରାଉତ୍ ପରିଚାଳନା କରିଥିବା ବେଳେ ବିଦ୍ୟାର୍ଥୀ ପରିଷଦର ଗଣମାଧ୍ୟମ ସଂଯୋଜକ କାମେଶ୍ୱର ସମସ୍ତ ସଂସ୍କୃତ ବିଦ୍ୟାର୍ଥୀ ଭାଇଭଉଣୀମାନଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ ।

## ପ୍ରଥମ ପୃଷ୍ଠାରୁ

### ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ...

ଦାୟିତ୍ୱବାନ ହେବା ଆବଶ୍ୟକ । ଗୋଷ୍ଠୀ-ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ, ପଥପାର୍ଶ୍ୱ ଚାରାରୋପଣ ଏବଂ ବ୍ୟକ୍ତିଗତ ବୃକ୍ଷରୋପଣ ପାଇଁ ନିମ୍ବ, କରଞ୍ଜ, ତେନ୍ତୁଳି, ଫାସୀ, ଅର୍ଜୁନ, ହରିଡା, ବାହାଡା, ପଣସ, ତାଳ, ପିଜୁଳୀ, କୃଷ୍ଣଚୂଡା, ପିପଳ, ବରବଛା, ଅଶୋକ, ଜାମୁ, କଦମ୍ବ, ଅଁଳା, ଦେବଦାରୁ, ସୁନାରୀ, କରଞ୍ଜ, ଚାକୁଣ୍ଡା ଇତ୍ୟାଦି ଗଛ ଚୟନ କରାଯାଇପାରିବ । ଏଥି ସହିତ ବୃକ୍ଷରୋପଣର ଫଟୋ ଓ ଡାଟା ମେରି ଲାଇଫ୍ ପୋର୍ଟାଲ୍‌ରେ ଅପଲୋଡ୍ କରାଯିବା ପାଇଁ ସେ କହିଥିଲେ । ଗ୍ରାମାଞ୍ଚଳରେ ପଞ୍ଚାୟତ ଅଧିକାରୀମାନେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ଏହାର ତଦାରଖ କରିବେ । ଭଲ ପ୍ରଦର୍ଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ପୁରସ୍କାର ବ୍ୟବସ୍ଥା କରାଯିବା ଦରକାର । ଏଥିସହିତ ଯେଉଁ ଅଞ୍ଚଳରେ ଯେଉଁ ଫଳ ଭଲ ଉତ୍ପାଦନ ହେଉଛି ସେହିଭଳି ଚାରା ଲୋକମାନଙ୍କୁ ଯୋଗାଇ ଦିଆଯାଉ ବୋଲି ଶ୍ରୀ ମାଝୀ ପ୍ରକାଶ କରିଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପ୍ରଧାନମୁଖ୍ୟ ବନ ସଂରକ୍ଷକ ତଥା ଜଙ୍ଗଲ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ପ୍ରଧାନମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ)ପିକେ ଝା, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର କମିଶନର ତଥା ଶାସନ ସଚିବ ଏସ୍.ଏନ୍ ଗିରିଶ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### କେନ୍ଦ୍ର କ୍ୟାବିନେଟ୍‌ରେ ...

ଲାଇନ୍ । ଏହି ବର୍ଦ୍ଧିତ ଲାଇନ୍ କ୍ଷମତା ଗତିଶୀଳତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ଏବଂ ଭାରତୀୟ ରେଳବାଇ ପାଇଁ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସେବା ନିର୍ଭରଯୋଗ୍ୟତା ଉନ୍ନତ ହେବ ।

ଏକ ସରକାରୀ ବିବୃତ୍ତିରେ କୁହାଯାଇଛି ଯେ ଏହି ୪ ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନ ନେଟ୍‌ୱାର୍କକୁ ପ୍ରାୟ ୫୭୪ କିଲୋମିଟର ବୃଦ୍ଧି କରିବ ଏବଂ ୨୦୨୮-୨୯ ସୁଦ୍ଧା ଏସବୁର କାମ ସମ୍ପୂର୍ଣ୍ଣ ହେବ । ଏହା ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ଏବଂ ଝାଡ଼ଖଣ୍ଡ ରାଜ୍ୟର ୧୩ଟି ଜିଲ୍ଲାକୁ ସଂଯୋଗ କରିବ । ସେହିପରି ଏହା ଦ୍ୱାରା ଗମନାଗମନ ସଂଯୋଗୀକରଣ ବୃଦ୍ଧି ପାଇବା ସହ ୨୩୦୯ ଗ୍ରାମ ଓ ପ୍ରାୟ ୪୩.୬୦ ଲକ୍ଷ ଜନସଂଖ୍ୟା ଅଞ୍ଚଳକୁ ରେଳ ସଂଯୋଗ ଓ ସେବା ପ୍ରଦାନ କରିବ । ଏହା ସହିତ କୋଇଲା, ସିମେଣ୍ଟ, କ୍ଲିଙ୍କର୍, ଜିପ୍‌ସମ୍, ଫ୍ଲାଏ ଆଶ୍, କଣ୍ଟେନର୍, କୃଷି ସାମଗ୍ରୀ ଏବଂ ପେଟ୍ରୋଲିୟମ୍ ଉତ୍ପାଦ ପରିବହନ ପାଇଁ ଏଗୁଡ଼ିକ ଅତ୍ୟାବଶ୍ୟକ ରୁଟ୍ ବୋଲି କୁହାଯାଇଛି । କ୍ଷମତା ବୃଦ୍ଧି କାର୍ଯ୍ୟ ଦ୍ୱାରା ବାର୍ଷିକ ୯୫.୯୧ ନିୟୁତ ଟନ୍ ବର୍ଦ୍ଧିତ ମାଲ ଲୋଡିଂ ହେବ । ଏହି ରେଳ ପ୍ରକଳ୍ପ ବର୍ଦ୍ଧିତ ଲାଇନ୍ କ୍ଷମତା ଯଥେଷ୍ଟ ବୃଦ୍ଧି କରିବ । ଯାହା ଫଳରେ ଭାରତୀୟ ରେଳବାଇ ପାଇଁ ସେବା ଉନ୍ନତମାନର ହେବ । ଏହି ମଲ୍ଟି-ଟ୍ରାକିଂ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହି ଅଞ୍ଚଳର ଲୋକମାନଙ୍କୁ ଏହି କ୍ଷେତ୍ରରେ ବ୍ୟାପକ ବିକାଶ କରିବା ସହ ଆତ୍ମନିର୍ଭର କରିବ । ଯାହା ସେମାନଙ୍କର ନିଯୁକ୍ତି ଓ ସ୍ୱରୋଜଗାର ସୁଯୋଗକୁ ବୃଦ୍ଧି କରିବ ।

### ଦନ୍ତା ନେଲା ୩ ଜୀବନ ...

ବେଳେ ଦନ୍ତା ତାଙ୍କୁ ଆକ୍ରମଣ କରିଥିଲା । ସେହିପରି ନଳକୂପକୁ ପାଣି ଆଣିବାକୁ ଯାଇଥିବା ବେଳେ ଗ୍ରାମର ପ୍ରଦ୍ୟୁମ୍ନ ଦେହୁରୀଙ୍କ ସ୍ତ୍ରୀ ଝୁଲଣ ଦେହୁରୀ ( ୫୪ ) ଦନ୍ତା ହାବୁଡ଼ରେ ପଡ଼ିଥିଲେ । ଦନ୍ତା ତାଙ୍କୁ ଶୁଣ୍ଢରେ ଧରି କଚାଡ଼ି ମାରିଥିଲା । ଘଟଣାସ୍ଥଳରେ କରୁଣାକର ଦେହୁରୀ ଓ ତାଙ୍କର ଭାଇବୋହୂ ଝୁଲଣ ଦେହୁରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଶଶି ସାହୁ ହିନ୍ଦୋଳ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲେ । ଏହାର ପ୍ରତିବାଦରେ ଗ୍ରାମବାସୀ ଓ ସ୍ଥାନୀୟ ଲୋକେ ପୁରୁଣାକଟକ-ସମ୍ବଲପୁର ରାସ୍ତାର ସାତମାଇଲ ଛକ ନିକଟରେ ଶବ ରଖି ରାସ୍ତା ଅବରୋଧ କରିଥିଲେ । ଗ୍ରାମ ନିକଟରେ ହାତୀଙ୍କ ଉପସ୍ଥିତି ନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲା ବେଳେ କେହି କର୍ଣ୍ଣପାତ କରିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଘଟଣା ସ୍ଥଳରେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲ୍ଲୀପ କୁମାର ସେଠୀ, ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ଅନ୍ୟପକ୍ଷରେ କର୍ତ୍ତବ୍ୟରେ ଅବହେଳା ପାଇଁ ରାସୋଳ ବନପାଳ ଦାୟିତ୍ୱରେ ଥିବା ଲୁସ୍ମିତା ସିଂଙ୍କୁ ଢେଙ୍କାନାଳ ଡିଏଫ୍‌ଓ ସୁମିତ୍ କୁମାର କର କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡ଼ିଛି ।

### ବାଦ୍ ପଡ଼ିଥିବା ମହିଳାଙ୍କ ...

ଯାଞ୍ଚ ଚାଲିଛି, ଯୋଗ୍ୟ ହେଲେ ସୁଭଦ୍ରା ଟଙ୍କା ଦେବେ ସରକାର । କାଲି ସୁଦ୍ଧା ୭ ହଜାର ହିତାଧିକାରୀଙ୍କ ମତାମତ ସଂଗ୍ରହ ହୋଇସାରିଛି । ମାସେ ଭିତରେ ୨୨ ହଜାର ହିତାଧିକାରୀଙ୍କ ମତାମତ ଆମର ଟାର୍ଗେଟ୍ ରହିଛି । ଆହୁରି ୧୮ ଦିନ ସମୟ ଅଛି, ଠିକ୍ ସମୟରେ ଟାର୍ଗେଟ୍ ପୂରା ହୋଇଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡ଼ା କହିଛନ୍ତି ।

### ଖରିଫ ଧାନ ସଂଗ୍ରହରେ ...

କରିବାକୁ ହେବ । ଏଥିପାଇଁ ସ୍ୱତନ୍ତ୍ର ଫର୍ମ ଜାରି କରାଯାଇଛି । ରାଜ୍ୟରେ ପଞ୍ଜିକରଣ ଜୋର୍‌ସୋର୍‌ରେ ଚାଲିଛି । କୌଣସି ଅସୁବିଧା ନାହିଁ । ଏପର୍ଯ୍ୟନ୍ତ ୩ ଲକ୍ଷ ୩୮ ହଜାର ୭୩୫ ଚାଷୀ ପଞ୍ଜିକରଣ କରିସାରିଛନ୍ତି । ଗତ ବର୍ଷ ଏହି ସମୟରେ ୩ ଲକ୍ଷ ୪୮ ହଜାର ଚାଷୀ ପଞ୍ଜିକରଣ କରିଥିଲେ । ଏଥର ପଞ୍ଜିକରଣ ୪ ଦିନ ବିଳମ୍ବରେ ଆରମ୍ଭ ହୋଇଥିବା ସତ୍ତ୍ୱେ ମାତ୍ର ୧୦ ହଜାରର ବ୍ୟବଧାନ ରହିଛି । ଏହି ବ୍ୟବଧାନ ଶୀଘ୍ର ପୂରଣ ହୋଇଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

### ୨ ଯୁବକଙ୍କ ପ୍ରତିକାତ୍ମକ ଶବ ...

ଶ୍ମଶାନକୁ ନିଆଯାଇଥିଲା । ଯାହାର ଦୃଶ୍ୟ ଏବେ ମୋବାଇଲ୍‌ରୁ ମୋବାଇଲ୍ ଭାଇରାଲ୍ ହେବାରେ ଲାଗିଛି । ଗ୍ରାମବାସୀ ଶବ ସତ୍କାର କରି ଘରକୁ ଫେରିଥିଲେ । ଶୁଦ୍ଧି କ୍ରିୟା ଅନୁସାରେ ପରିବାର ଓ ସମ୍ପର୍କୀୟ ପିତା ଖାଇଥିଲେ । ପରେ ବାହାରେ ଥିବା ଦୁଇ ଯୁବକଙ୍କୁ ଘରକୁ ଅଣାଯାଇଛି । କୋରାପୁଟ ଜିଲ୍ଲା ଜୟପୁର୍ ସହରଠାରୁ ମାତ୍ର ୧୦କିମି ଦୂରରେ ଏପରି ଘଟଣା ଘଟିଥିବା ଜଣାଯାଇଛି । ଅନ୍ୟପକ୍ଷରେ ଆଦିବାସୀ ସମ୍ପ୍ରଦାୟରେ ବିଶ୍ୱାସ ରହିଛି ଯେ କାଉଙ୍କ ମିଳନ ଦେଖିଲେ ଅତ୍ୟନ୍ତ ଅଶୁଭ । ଏପରିକି ଏପରି ଦୃଶ୍ୟ ଦେଖିଥିବା ଲୋକର କାଳେ ମୃତ୍ୟୁ ହୋଇଯାଏ । ସେ ନେଇ ପରମ୍ପରା ଅନୁସାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ଯେପରି ଶୁଦ୍ଧି କରାଯାଏ ସେପରି କରାଯାଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି ।

## ଗୁଣାତ୍ମକ ପ୍ରମାଣପତ୍ର ଉପରେ ବିକ୍ରେତା ସଂଗ୍ରହ ଅଭିଯାନ



**ପୁରୀ,୩୧୭/ଏନ୍ଏନ୍ଏସ୍:** ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମାଧ୍ୟମରେ ଉଦ୍ୟୋଗପତିମାନେ ରାଜ୍ୟ ଓ ଦେଶର ଅର୍ଥନୀତିକୁ ସୁଦୃଢ଼ କରିଥାନ୍ତି । ତେଣୁ ଏହି ଭଳି କର୍ମଶାଳା ମାଧ୍ୟମରେ ସେମାନଙ୍କ ମନରେ ଥିବା ବିଭିନ୍ନ ସଂଶୟ ଓ ସନ୍ଦେହକୁ ବିଶେଷଜ୍ଞମାନଙ୍କ ଦ୍ୱାରା ଦୂର କରିପାରିବେ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା । ଆଜି ପୂର୍ବାହ୍ନରେ ସଦ୍‌ଭାବନା ସଭାଗୃହଠାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ଗୁଣାତ୍ମକ ପ୍ରମାଣପତ୍ର ଉପରେ ବିକ୍ରେତା ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପିଲା ମାନେ ଶିକ୍ଷା ଲାଭ ପରେ ଚାକିରୀ ପଛରେ ଧାଉଁଥିଲେ । କିନ୍ତୁ ବର୍ତ୍ତମାନ ଅନେକ ପିଲା ଉଦ୍ୟୋଗୀ ହୋଇ ନିଜକୁ ପ୍ରତିଷ୍ଠିତ କରିବା ସହ ଅନେକଙ୍କୁ ନିଯୁକ୍ତି ଦେବାରେ ସକ୍ଷମ ହେଉଛନ୍ତି ।ତେଣୁ ଉଦ୍ୟୋଗପତିମାନେ ଯେପରି ଆହୁରି ସଫଳ ହେବେ ଓ ନୂତନ ଉଦ୍ୟୋଗପତି ସୃଷ୍ଟି ହେବେ, ସେମାନଙ୍କ ସମସ୍ୟାର ସମାଧାନ ଏହି ଅଭିଯାନର ଲକ୍ଷ୍ୟ । ଏଥିରେ ଉପସ୍ଥିତ ଉଦ୍ୟୋଗୀ ମାନେ ଏହା ଦ୍ୱାରା ଉଦବୁଦ୍ଧ ହୋଇ ପାରିଛନ୍ତି ବୋଲି ସେ ମତ ଦେଇଥିଲେ । ଜିଲ୍ଲା ଶିଳ୍ପକେନ୍ଦ୍ର ର ମହା ପ୍ରବନ୍ଧକ ମାନସ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯାନରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଉପସ୍ଥିତ ଥିଲେ । ଭାରତୀୟ ଗୁଣାତ୍ମକ ପରିଷଦ ଓ ଜାତୀୟ ଉତ୍ପାଦକତାର ବିଶେଷଜ୍ଞ ବା ଏକ୍ସପର୍ଟ ଭାବେ ଶ୍ୟାମ ପ୍ରସାଦ, ଦେବନ ଦାସମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରମାଣପତ୍ର ପ୍ରକ୍ରିୟା ଉପରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ବ୍ୟବସାୟିକ କାର୍ଯ୍ୟରେ ଏହି ଗୁଣାତ୍ମକ ମାନଗୁଡିକୁ ସମନ୍ୱିତ ପଦକ୍ଷେପ ଓ ଦୃଶ୍ୟମାନ ଲାଭ ସମ୍ପର୍କରେ ଆଲୋକପାତ କରିଥିଲେ । ଆଇଏସଓ, ଲିନ ଏବଂ ଜେଡ୍ ପ୍ରମାଣପତ୍ରର ପରିବର୍ତ୍ତନକାରୀ ସମ୍ଭାବନା ଉପରେ ସୂଚନା ଦିଆଯାଇଥିଲା । କର୍ମଶାଳାରେ ଜିଲ୍ଲାର ବିଭିନ୍ନ ଉଦ୍ୟୋଗପତିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଅଣସଂକ୍ରାମକ ରୋଗ ଚିହ୍ନଟ ଶିବିର



**ପୁରୀ,୩୧୭/ଏନ୍ଏନ୍ଏସ୍:** କେ.ଡି.ଏମ୍.ଏମ୍ ହୋମ୍ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ଜାଲିସାହି ଅଙ୍ଗନବାଡ଼ି କେନ୍ଦ୍ରରେ ଅଣସଂକ୍ରାମକ ରୋଗ ଚିହ୍ନଟ ଶିବିର ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଚିକିତ୍ସା ଅଧିକାରୀ ଡକ୍ଟର ଅବିନାଶ ମହାରଣା ଉଦ୍ ଘାଟନ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ ରେ ଫାର୍ମାସିଷ୍ଟ ଆଶୁତୋଷ ନାୟକ, ଲାବ୍ରୋଟରୀ ଟେକ୍ନିସିଆନ୍ ରୋଜାଲିନ ଦାସ୍, ମହିଳା ସ୍ୱାସ୍ଥ୍ୟ କର୍ମୀ ବିଜୟଲକ୍ଷ୍ମୀ ଆଚାର୍ଯ୍ୟ, ଯୋଗଶିକ୍ଷକ ଦେବଦର୍ଶିନୀ ମହାନ୍ତି, ଫିଜିଓଥେରାପିଷ୍ଟ ଶୁଭଶ୍ରୀ ମହାପାତ୍ର, ଆଶାକର୍ମୀ ସରୋଜିନୀ ବାରିକ୍ ଓ ଜୟନ୍ତୀ ଦାସ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ । ସ୍ଥାନୀୟ ଅଞ୍ଚଳରେ ୫୮ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା । ଉଚ୍ଚରକ୍ତଚାପ, ମଧୁମେହ, ମୁଖ ଗହ୍ୱର କର୍କଟ ସମ୍ବନ୍ଧୀୟ ରୋଗର ଚିକିତ୍ସା ପ୍ରଦାନ କରାଯାଇଥିଲା । ତତ୍‌ସହିତ ଲୋକମାନଙ୍କୁ ସୁସ୍ଥ ଜୀବନ ନିମନ୍ତେ ରୋଗର ଗୁରୁତ୍ୱ ବିଷୟରେ ବାର୍ତ୍ତା ପ୍ରେରଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ପରିଚାଳକ ପ୍ରଦୀପ କୁମାର ବରାଳ ପରିଚାଳନା କରିଥିଲେ । ଏଥି ସହିତ ଆକାଉଣ୍ଟାଣ୍ଟ ଆଶୁତୋଷ ପଟ୍ଟନାୟକ ଏବଂ ଏମ୍. ଆର୍.ଏ. ଶ୍ରୀଦେବ ନିରଞ୍ଜନ ସିଂହ୍ନା ଏଥିରେ ସହଯୋଗ କରିଥିଲେ ।

## ଯୁବତୀଙ୍କୁ ଅଶାଳୀନ ବ୍ୟବହାର ଅଭିଯୋଗରେ ୩ କୋର୍ଟଚାଲାଣ

**ଚୌଦ୍ୱାର,୩୧୭/ଏନ୍ଏନ୍ଏସ୍:** ଠାକୁରଙ୍କ ପେଣ୍ଡାଲରେ ମଦ୍ୟପାନ କରି ଅଶାଳୀନ ଭାଷା ପ୍ରୟୋଗ ଓଏହାକୁ ପ୍ରତିବାଦ କରି ବାରେ ପାଖ ବାସିନ୍ଦାଙ୍କ ଯୁବତୀ ଝିଅଙ୍କ ପ୍ରତି ଅଭଦ୍ରୋଚିତ ବ୍ୟବହାର କରିବା ଅଭିଯୋଗରେ ଚୌଦ୍ୱାର ପୁଲିସ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି । ସେମାନେ ହେଲେ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୨ ନମ୍ବର ୱାର୍ଡର ଆଶିଷ ମହାନ୍ତି, ସୁବ୍ରତ ସ୍ୱାଇଁ ଓ ଯଶୋବନ୍ତ ପାତ୍ର ଓରଫ ଗୁଡୁ । ପ୍ରକାଶଯେ ଏହି ୱାର୍ଡରେ ଥିବା କାର୍ତ୍ତିକେଶ୍ୱର ପୂଜା ପେଣ୍ଡାଲରେ ଗତ କିଛିଦିନ ହେବ ୭ଜଣ ଯୁବକ ଆମିଷ ଭୋଜି କରି ମଦ୍ୟପାନ କରିବା ସହିତ ଅତି ଉଚ୍ଚସ୍ୱରରେ ଅଶ୍ରାବ୍ୟ ଭାଷା ବ୍ୟବହାର କରୁଥିଲେ । ପେଣ୍ଡାଲ ପାଖ ଘର ମାନଙ୍କରେ ବାସ କରୁଥିବା ବାସୀନ୍ଦା ମାନେ ଏହାକୁ ପ୍ରତିବାଦ କରିବାକୁ ସାହାସ ଜୁଟାଇପାରୁ ନଥିଲେ । କିନ୍ତୁ ଦିନକୁ ଦିନ ଦୌରାତ୍ମ୍ୟ ବଢି ଘର ମାନଙ୍କ ମୁଖ୍ୟ ଦ୍ୱାର ଗୁଡିକୁ ବାଡେଇବା ସହିତ ଗାଳିଗୁଲଜ କରୁଥିଲେ । ଏହାକୁ ସହ୍ୟ ନକରିପାରି ବାବୁଲା କୁମାର ନାୟକ ଘର କବାଟ ଖୋଲି ବାହାରକୁ ଆସି ପ୍ରତିବାଦ କରିଥିଲେ । ହଠାତ ବାବୁଲାଙ୍କୁ ମାଡ ମାରିବା ସହିତ ଘରେ ପଶିଯାଇଥିଲେ । ବାପାଙ୍କୁ ମାଡ ହେଉଥିବା ଦେଖି ବାବୁଲାଙ୍କ ବଡ଼ ଝିଅ ପ୍ରତିବାଦ କରିଥିଲା । ହେଲେ ସେମାନେ ଝିଅକୁ ଟାଣି ଆଣି ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଦୁର୍ବବ୍ୟହାର କରିବା ସହିତ ସମ୍ବେଦନଶୀଳ ଅଙ୍ଗକୁ ଦଳା ଚକଟା କରିଥିଲେ । ଯାହାକି ଥାନାରେ ଅଭିଯୋଗ ହୋଇଛି । ଖବର ପାଇ ଚୌଦ୍ୱାର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ୩ଜଣଙ୍କୁ ଧରିଥିଲେ ମଧ୍ୟ ଏହି ଦୃବ୍ୟବହାରେ ସାମିଲ ଥିବା ଅନ୍ୟ ୪ଜଣ ଫେରାର ହୋଇଯାଇଥିଲେ । ସେମାନଙ୍କୁ ଧରିବାକୁ ପୁଲିସ ଉଦ୍ୟମ ଜାରି ରଖିଥିବାର ଜଣାପଡିଛି । ସାମିଲ ଯୁବକମାନଙ୍କ ନାମରେ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ କରିବା ବହୁ ଅଭିଯୋଗ ପୂର୍ବରୁ ରହିଥିବାର ପୁଲିସ ପ୍ରକାଶ କରିଛି । ଜନବସତି ଭିତରେ ଥିବା ଏହି କାର୍ତ୍ତିକେଶ୍ୱର ପେଣ୍ଡାଲରେ ପ୍ରତିଦିନ ରାତି ୯ଟା ହେଲେ ମଦ ମାଂସର ଆସର ଜମୁଥିବାରୁ ଆଗକୁ କିଛି ଅପ୍ରୀତିକର ପରିସ୍ଥିତି ଯେପରି ନହୁଏ ସେଥିପାଇଁ ପିସିଆର ଭ୍ୟାନର ପଇଁତରା କରେଇବା ନିମନ୍ତେ ସ୍ଥାନୀୟ ବାସୀନ୍ଦା ପୁଲିସ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି ।

## ଅଧିକାରୀ ଓ କର୍ମଚାରୀଙ୍କ ଦରମା ବନ୍ଦ ନିର୍ଦ୍ଦେଶ

**ମାହାଙ୍ଗା,୩୧୭/ଏନ୍ଏନ୍ଏସ୍:** ଲଘୁଚାପଜନିତ ଲଗାଣ ବର୍ଷା ଓ ମହାନଦୀରେ ବନ୍ୟା ଜଳ ଆସିବା ଆଶଙ୍କାରେ ଗତ ୨୫ ତାରିଖରେ କଟକ ଜିଲ୍ଲାପାଳ ପତ୍ର ମାଧ୍ୟମରେ କଟକ ଜିଲ୍ଲାର ସମସ୍ତ ଅଧିକାରୀମାନଙ୍କୁ ଗତ ୨୬ତାରିଖ ଚତୁର୍ଥ ଶନିବାର ଦିନ ଜରୁରୀକାଳୀନ ପରିସ୍ଥିତିରେ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେବା ସହ ଉକ୍ତ ଛୁଟିଦିନକୁ ବାତିଲ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ କୌଣସି ଅଧିକାରୀ ଉପସ୍ଥିତ ନ ଥିବା ନେଇ ଜିଲ୍ଲାପାଳଙ୍କୁ ଜଣଶୁଣାଣିରେ ଅଭିଯୋଗ ହୋଇଥିଲା । ଏପରିକି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାର୍ଯ୍ୟାଳୟରେ ବାୟୋମେଟ୍ରିକ ମେସିନ ଲଗାଯାଇ ନଥିବା ଜିଲ୍ଲାପାଳଙ୍କ ପତ୍ରରେ ଉଲ୍ଲେଖ ରହିଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶଙ୍କୁ ଅବମାନନା କରିଥିବାରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଜୁଲାଇ ମାସର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଦରମା ପ୍ରଦାନ କରାଯାଇପାରିବ ନାହିଁ ବୋଲି ଜଣାଯାଇଛି ।

## କାଞ୍ଜିଆହୁଦା ପାଇଁ ୭ ଏକର ଜାଗା ଚିହ୍ନଟ ଘୋଷଣା



**ଓଡ଼ଗାଁ,୩୧୭/ଏନ୍ଏନ୍ଏସ୍:** ଓଡ଼ଗାଁ ଏନ୍‌ଏସିରେ ବୁଲା ଗାଈଗୋରୁଙ୍କ ପାଇଁ ଦୁର୍ଘଟଣା ବଢ଼ିବାରେ ଲାଗିଛି । ସନ୍ଧ୍ୟା ହେବାମାତ୍ରେ ଗାଈଗୋରୁ ମୁଖ୍ୟରାସ୍ତା ଉପରେ ଆସି ଆଡ଼ା ଜମାଉଛନ୍ତି । କେତେବେଳ ବାଇକ୍ ଚାଳକ ଦୁର୍ଘଟଣା ଘଟାଇ ପଡୁଛନ୍ତି ତ ଆଉକେତେବେଳେ ବସ୍, ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଗାଈଗୋରୁଙ୍କ ଜୀବନ ଯାଉଛି । ତେବେ ଏସବୁର ତୁରନ୍ତ ସମାଧାନ ପାଇଁ ଏନ୍‌ଏସି ଅଧିକାରୀ ନୀହାର ରଞ୍ଜନ ବେହେରାଙ୍କ ପ୍ରଚେଷ୍ଟାରେ କାଞ୍ଜିଆହୁଦା ଜାଗା ଚିହ୍ନଟ କରାଯାଇଛି । କୁମ୍ଭିଆପଲ୍ଲୀ ନିକଟରେ ୭ ଏକର ଜାଗା ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଏନ୍‌ଏସିକୁ ହସ୍ତାନ୍ତର କରିଥିବା ଏନ୍‌ଏସି ଅଧିକାରୀ ସମସ୍ତ ଜନସାଧାରଣଙ୍କୁ ଅବଗତ କରିଛନ୍ତି । ଆଗାମୀ ଦିନରେ କାଞ୍ଜିଆହୁଦା ନିର୍ମାଣ ପାଇଁ ବାଟ ଫିଟିଥିବା ସ୍ପଷ୍ଟ କରିଛନ୍ତି । ଏବେ ଛକବଜାରକୁ ନିଜନିଜର ଗାଈଗୋରୁଙ୍କୁ ନ ଛାଡ଼ିବାକୁ ସେ ଓଡ଼ଗାଁବାସୀଙ୍କୁ ଅନୁରୋଧ କରିଛନ୍ତି ।

## ବ୍ରାଞ୍ଚ୍ ପୋଷ୍ଟ ମାଷ୍ଟରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବୟାଳିଶମୌଜା,୩୧୭/ଏନ୍ଏନ୍ଏସ୍:** ୪୨ ମୌଜା ଅବସ୍ଥିତ ବେଣ୍ଟକାର ଅଞ୍ଚଳର ଭଡ଼ା ଘରେ ରହୁଥିବା ଝାରକଟା ବ୍ରାଞ୍ଚ ପୋଷ୍ଟ ମାଷ୍ଟରଙ୍କ ଝୁଲନ୍ତା ଶବ ୪୨ ମୌଜା ଥାନା ପୁଲିସ ଉଦ୍ଧାର କରିଛି । ଘଟଣାରୁ ପ୍ରକାଶ କନ୍ଧମାଳ ଜିଲ୍ଲାର ପ୍ରଶାନ୍ତ ମଲ୍ଲିକ(୨୭) ଗତ ପ୍ରାୟ ୩ବର୍ଷ ହେବ କଟକ, ୪୨ ମୌଜା, ବେଣ୍ଟକାର ପୋଷ୍ଟ ଅଫିସ ବିଲ୍‌ଡିଙ୍ଗ୍‌ରେ ଝାରକଟା ବ୍ରାଞ୍ଚର ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟରତ ଥିଲେ । ଗତକାଲି ସେ କାର୍ଯ୍ୟରେ ଅନୁପସ୍ଥିତ ଦେଖି ଅନ୍ୟ କର୍ମଚାରୀମାନେ ତାଙ୍କୁ ଭଡ଼ାଘରକୁ ଡାକିବାକୁ ଯାଇ କବାଟ ବନ୍ଦ ଦେଖିଥିଲେ । ତେବେ ଝରକା ପଟେ ତାଙ୍କ ଝୁଲନ୍ତା ଶରୀର ଦେଖି ପୁଲିସକୁ ଖବର ଦେଇଥିଲେ । ୪୨ ମୌଜା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଉଦ୍ଧାର ଶବକୁ କଟକ ବଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଥାନାଧିକାରୀ ଗିରିଶ ଚନ୍ଦ୍ର ମହାରଣା ସୂଚନା ଦେଇଛନ୍ତି ।

## କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ପୁରୀ,୩୧୭/ଏନ୍ଏନ୍ଏସ୍:** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସାଧାରଣ ବିବିଧ ବିଭାଗରେ କାର୍ଯ୍ୟରତ ବରିଷ୍ଠ ରାଜସ୍ୱ ସହାୟକ ଝରାଶ୍ରୀ ମହାନ୍ତିଙ୍କୁ ଆଜି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର ଝରାଶ୍ରୀ ଙ୍କ କାର୍ଯ୍ୟ ଦକ୍ଷତା, ବିଶ୍ୱସନିୟତା ସମୟାନୁବର୍ତ୍ତିତା ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଝରାଶ୍ରୀଙ୍କ କାର୍ଯ୍ୟାବଳୀ ପ୍ରଶଂସନୀୟ । ସେ ଜଣେ ନିଷ୍ଠାପର ଓ ସମର୍ପିତ କର୍ମଚାରୀ ଥିଲେ । ବର୍ତ୍ତମାନ ଓ ଆଗାମୀ ପିଢ଼ିର କର୍ମଚାରୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଶ୍ରୀ ବେହେରା କହିଥିଲେ । ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ପ୍ରଶାନ୍ତ ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଟିଆରଓ ସୌମ୍ୟଶ୍ରୀ ଦାଶ ପ୍ରମୁଖ ଝରାଶ୍ରୀ ଙ୍କ କର୍ମ ତତ୍ପରତା, ସୁନ୍ଦର ବ୍ୟବହାର ଓ ଅନ୍ୟ ମାନଙ୍କ ପ୍ରତି ଭଲ ପାଇବା ସମ୍ପର୍କରେ ଆଲୋକପାତ କରିଥିଲେ । ସମସ୍ତେ ତାଙ୍କର ଅବସର ପରବର୍ତ୍ତୀ ଜୀବନ ସୁସ୍ଥ ଓ ଶାନ୍ତି ପ୍ରଦ ହେଉ ବୋଲି କାମନା କରିଥିଲେ । ନିଜ ପ୍ରତିକ୍ରିୟା ରେ ଶ୍ରୀମତୀ ମହାନ୍ତି ତାଙ୍କର ଚାକିରୀ ଜୀବନରେ ସେ ସବୁବେଳେ ଶିଖିବାକୁ ଚେଷ୍ଟା କରିଛନ୍ତି, ବିଭାଗର କାର୍ଯ୍ୟ କୁ ସଠିକ ପରିଚାଳନା କରିଛନ୍ତି ଓ ନିଜ କାର୍ଯ୍ୟକୁ ଉପଭୋଗ କରିଛନ୍ତି । ଯାହା ତାଙ୍କୁ ଆନନ୍ଦ ଓ ସନ୍ତୁଷ୍ଟି ଦେଇଛି ବୋଲି କହିଥିଲେ । ଶ୍ରୀମତୀ ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ସହ ପେନ୍‌ସନ୍ ପେପର ମଧ୍ୟ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଅମଲା ସଂଘ ସମ୍ପାଦକ ପ୍ରଣବ ଚିନାରା, କର୍ମଚାରୀ ତ୍ରିଲୋଚନ ସ୍ୱାଇଁ, ପ୍ରବିର ବିଶ୍ୱାଳ, ଜୀତେନ୍ଦ୍ର ସେଠୀ, ପ୍ରିୟଙ୍କା ମହାନ୍ତି, ମନୋରମା ସାହୁ ଓ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦେଇ ଶ୍ରୀମତୀ ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ ।

ନମସ୍କାର ୬
ଶୁକ୍ରବାର , ୧ ଅଗଷ୍ଟ,୨୦୨୫
ନିତିଦିନ NITIDIN

## ଆଜିର ଇତିହାସ

- ୧୯୨୦-ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଥିଲେ।
- ୧୯୪୭-ଭାରତ-ପାକିସ୍ତାନ ମଧ୍ୟରେ ଶକ୍ତିଗୁଡ଼ିକର ବିଭାଜନ ହୋଇଥିଲା।
- ୧୯୫୨-ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ସଫଦରଜଙ୍ଗରେ ରାଷ୍ଟ୍ରୀୟକୃତ ଏୟାରଓ୍ୱେଜର ଉଦ୍‌ଘାଟନ କରିଥିଲେ।
- ୧୯୫୩-ଦେଶର ସମସ୍ତ ଏୟାରଲାଇନ୍ସର ଜାତୀୟକରଣ କରାଯାଇଥିଲା।
- ୧୯୫୭-ନ୍ୟାସନାଲ୍ ବୁକ୍ ଟ୍ରଷ୍ଟର ସ୍ଥାପନା କରାଯାଇଥିଲା।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ନିଶ୍ଚିତ ଭାବରେ ଏକ ଭାଗ୍ୟଶାଳୀ ଦିନ। ପେସାଗତ ଓ ବିତ୍ତୀୟ ସମୃଦ୍ଧି ସହିତ ଭାଗ୍ୟ ପ୍ରତିବନ୍ଧିତ କରିବ। ପେସାଗତ ବିକଳ୍ପ ବୃଦ୍ଧି ହେବ। କ୍ୟାରିୟର୍ ଆଗକୁ ବଢ଼ିବ। ନୂଆ ସମ୍ଭାବନାଗୁଡ଼ିକ ଖୋଲିବ।

**ବୃଷ** - ଲମ୍ବା ଯୋଜନାଗୁଡ଼ିକରେ ନିବେଶ କରିବେ। ବିଦେଶ ଯାତ୍ରାରେ ନୂଆ ଆଧ୍ୟାତ୍ମିକତା ରୁଚି ଜାଗ୍ରତ ହେବ। କିଛି ଲୋକଙ୍କ ପାଇଁ ଧାର୍ମିକ ଯାତ୍ରା ଯୋଗ ରହିଛି। ଏହାର ସୁଯୋଗ ଛାଡ଼ନ୍ତୁ ନାହିଁ।

**ମିଥୁନ** - ନାଟକୀୟ ପରିବର୍ତ୍ତନର ଆଶା କରିପାରନ୍ତି। ଉଦ୍ୟମୀ ଦିଗରେ ନିଜର ଲକ୍ଷ୍ୟକୁ ଆଗକୁ ବଢ଼େଇବେ। ଉତ୍କୃଷ୍ଟ ସମୟ। ଅନୁକୂଳ ସମୟ ଓ ଅବସରର ଅବଧି ପାଇଁ ପ୍ରତୀକ୍ଷା କରିବାକୁ ପଡ଼ିବ।

**କର୍କଟ** - ସାମାଜିକ ଜୀବନରେ କିଛି ଲୋକ ସକ୍ରିୟ ରହିବେ। କୌଣସି ପୁରୁଣା ମୁଦ୍ଦାର ସମାଧାନ କରିବେ। ଏଥିପାଇଁ ସାଙ୍ଗସାଥିଙ୍କ ସହିତ ସମ୍ପର୍କ କରିବେ। ବିଦ୍ୟାର୍ଥୀମାନେ ସଫଳ ହେବେ।

**ସିଂହ** - ଦିନଟି ଶାନ୍‌ଦାର ରହିବ। ପ୍ରମୋଶନ ଓ କ୍ୟାରିୟର୍‌ରେ ସମ୍ମାନ ମିଳିବାର ଯୋଗ ରହିଛି। ଅଟକିଥିବା ଧନ ପ୍ରାପ୍ତ ହେବ। ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଅନ୍ତୁ। ରୋମାଞ୍ଚକର ସାମାଜିକ କାର୍ଯ୍ୟକ୍ରମରେ ଭାଗ ନେବେ।

**କନ୍ୟା** - କ'ଣ କରିବାକୁ ଚାହୁଁଛନ୍ତି ସେଥିପାଇଁ ଦିନଟି ଉତ୍ତମ। ଆଜି ଏକ ଶାନ୍‌ଦାର ଦିନ। ଦିନଟି ଆଗକୁ ବଢ଼େଇବ। ଆପଣଙ୍କ କ୍ୟାରିୟର୍‌ର ଉଦ୍ଦେଶ୍ୟ ପ୍ରାପ୍ତ ପାଇଁ ଦିନଟି ସାହାଯ୍ୟ କରିବ। ଆର୍ଥିକ ଭାବରେ ସ୍ଥିର ରହିବେ।

**ତୁଳା** - ବର୍ତ୍ତମାନ ସ୍ଥିତିରେ ନେତୃତ୍ୱ ନେବାର ଭୂମିକା ସାମିଲ ରହିବ। ଏଥିପାଇଁ ଶାନ୍‌ଦାର ସମୟ। ଏକା ସହିତ ବୋଝ ଉଠାନ୍ତୁ ନାହିଁ। ବ୍ୟକ୍ତିଗତ ଜୀବନରେ ରୋମାନ୍ସ କରିବାର ସମୟ।

**ବିଛା** - ସଂଘର୍ଷର ସମ୍ମୁଖୀନ ହେବେ। ବର୍ତ୍ତମାନ କ୍ୟାରିୟର୍ ପଥରେ ଆଗକୁ ବଢ଼ିବେ। ଅଲଗା ରାସ୍ତା ଚୟନ କରିପାରନ୍ତି। ସବୁବେଳେ ନାରେଟିଭ୍ ରହିବେ ନାହିଁ। କଠୋର ପଦକ୍ଷେପ ଉଠାନ୍ତୁ ନାହିଁ।

**ଧନୁ** - କମିଟେଡ୍ ଲୋକମାନେ ରୋମାଣ୍ଟିକ ସମ୍ପର୍କକୁ ଅନୁଭବ କରିବେ। କିଛି ବ୍ୟବସାୟରେ ଭାଗୀଦାରୀ ମାଧ୍ୟମରେ ଭଲ ଫଳାଫଳ ପାଇବେ। ଚଞ୍ଚଳ ଓ ରଚନାତ୍ମକ ପରିବେଶକୁ ସ୍ୱାଗତ କରିବେ।

**ମକର** - ପେସାଗତ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା କରିବେ। କପଲ୍ସ କ୍ୟାରିୟର୍ ଓ ସମ୍ପର୍କକୁ ମଜଭୁତ କରିବେ। କ୍ଲାଏଣ୍ଟସ୍ ସହିତ ଅଭିଜ୍ଞତା ସେୟାର୍ କରିବେ। ଲାଭଦାୟକ ପ୍ରୋଜେକ୍ଟସର ଦ୍ୱାର ଖୋଲିବ।

**କୁମ୍ଭ** - ଆଜି ଉତ୍କୃଷ୍ଟ ବିକାଶର ସମ୍ଭାବନା ରହିଛି। ଆପଣଙ୍କ ମହତ୍ତ୍ୱାକାଂକ୍ଷୀ ଓ କଠିନ ପରିଶ୍ରମ ଉପରେ ଧ୍ୟାନ ଦେବେ। ପ୍ରମୋଶନ ଓ ଉନ୍ନତିର ଅବସର ମିଳିପାରେ। ବ୍ୟାପାରିକ ଅବସର ସଫଳ ହେବ।

**ମୀନ** - ନିଜ ପର୍‌ଫର୍ମାନ୍ସ ଉପରେ ଦୃଷ୍ଟି ଦେବେ। ବାହାର ଦୁନିଆରୁ ଫେରିଆସିବେ। ନିଶ୍ଚିତ ଭାବରେ ନିଜକୁ ଏକ୍ସପ୍ଲୋର୍ କରିବାର ସମୟ। ନିଜ କାହାଣୀକୁ ପୁଣି ଥରେ ଲେଖିବାର ସୁଯୋଗ ପାଇବେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଦିବି ସୂର୍ଯ୍ୟସହସ୍ରସ୍ୟ ଭବେଦ୍ ଯୁଗପଦୁତ୍‌ଥିତା।**
**ଯଦି ଭାଃ ସଦୃଶୀ ସା ସ୍ୟାଦ୍ ଭାସସ୍ତସ୍ୟ ମହାତ୍ମନଃ। (୧୧/୧୨)**

ଯେତେବେଳେ ଆକାଶରେ ଏକାବେଳକେ ସହସ୍ର ସୂର୍ଯ୍ୟଙ୍କର ଜ୍ୱଳନ୍ତମୟ ଆଭା ପ୍ରକାଶିତ ହୁଏ, ତେବେ ସେହି ଚରାଚର ବିଶ୍ୱର ମହିମାମୟ ପ୍ରଭୁଙ୍କର ବିଶ୍ୱରୂପ ସହିତ ସାମାନ୍ୟ ମାତ୍ର କିଛିଟା ତୁଳନା କରାଯାଇପାରେ। କହିବାର ଉଦ୍ଦେଶ୍ୟ ଯେ ଆମେ ଚର୍ମ ଚକ୍ଷୁରେ ଗୋଟିଏ ସୂର୍ଯ୍ୟଙ୍କର ତେଜ ଦେଖି ପାରୁନାହାନ୍ତି କିନ୍ତୁ ଅର୍ଜୁନ ଯେଉଁ ଦିବ୍ୟ ଚକ୍ଷୁ ପାଇଥିଲେ ତାହା କିପରି ଶକ୍ତିଶାଳୀ ଥିଲା ଏହି ଗୋଟିଏ ଶ୍ଳୋକରୁ ଜଣାପଡେ। ବର୍ତ୍ତମାନ ବିଜ୍ଞାନର ଆବିଷ୍କାରରୁ ଆମେ ଜାଣନ୍ତି ଯେ ଏହି ବିଶ୍ୱବ୍ରହ୍ମାଣ୍ଡ ହେଉଛି ଅନନ୍ତ ଓ ଆଦି ଅନ୍ତହୀନ। କୋଟି କୋଟି ସୂର୍ଯ୍ୟ, ଛାୟାପଥ, କୃଷ୍ଣଗର୍ତ୍ତ ଇତ୍ୟାଦି ଭରି ରହିଛି ଆକାଶରେ।

# ସଂଗ୍ରାମୀ ଲୋକମାନ୍ୟ ତିଳକ



ସ୍ୱରାଜ ମୋର ଜନ୍ମସିଦ୍ଧ ଅଧିକାର ଓ ମୁଁ ଏହାକୁ ହାସଲ କରିବି-ଏହି ବାକ୍ୟଟି ଆଜିର ନୁହେଁ, କିନ୍ତୁ ଏହାକୁ ପଢିବା ଓ ଶୁଣିବା ପରେ ସବୁଥର ଏହି ବାକ୍ୟଟିକୁ କହିଥିବା ସଂଗ୍ରାମୀ ବାଲ୍ ଗଙ୍ଗାଧର ତିଲକଙ୍କ କଥା ମନକୁ ଆସିଯାଏ। ଏପରି ନାରା ଦେଇ ଲକ୍ଷାଧିକ ଲୋକମାନଙ୍କୁ ସାହସ ଓ ଉତ୍ସାହରେ ସେ ଭରି ଦେଉଥିଲେ। ୨୩ ଜୁଲାଇ, ୧୮୫୬ରେ ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲାର ଚିଖଲୀ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଦେଶର ଏହି ପ୍ରଖର ନେତା ଏକଧାରରେ ଜଣେ ଶିକ୍ଷକ, ସମାଜସେବୀ, ଓକିଲ ଥିଲେ। ଲୋକମାନେ ତାଙ୍କୁ ହିନ୍ଦୁ ରାଷ୍ଟ୍ରବାଦର ପିତା ଭାବରେ ମଧ ଜାଣନ୍ତି। ବିଶେଷ ଭାବରେ ଇଂରାଜୀ ଭାଷାରେ ଲୋକମାନଙ୍କୁ ଶିକ୍ଷିତ କରିବା ପାଇଁ ଭାରତରେ ସେ ଡେକ୍କନ ଶିକ୍ଷା ସୋସାଇଟିର ସ୍ଥାପନା କରିଥିଲେ। କାରଣ ସେ ସମୟରେ ବାଲ୍ ଗଙ୍ଗାଧର ତିଲକ ଓ ତାଙ୍କର ସହଯୋଗୀମାନେ ଭାବୁଥିଲେ ଯେ ଇଂରାଜୀ ଉଦାରତା ଓ ଲୋକତାନ୍ତ୍ରିକ ଆଦର୍ଶ ପାଇଁ ଏକ ଶକ୍ତିଶାଳୀ ଭାଷା। ଏହା ବ୍ୟତୀତ ଶିକ୍ଷାସ୍ତରକୁ ସୁଧାରିବା ପାଇଁ ଅନେକ କାର୍ଯ୍ୟ ସେ କରିଛନ୍ତି। ମରାଠୀ ଭାଷାରେ 'କେସରୀ' ଓ ଇଂରାଜୀରେ 'ଦ ମରାଠା' ପରି ସମାଚାର ପତ୍ର ମାଧ୍ୟମରେ ଲୋକମାନଙ୍କୁ ଜାଗ୍ରତ କରାଇଥିଲେ ବାଲ୍ ଗଙ୍ଗାଧର ତିଲକ। ଇଂରେଜ ଶାସନର କ୍ରୁରତା ଓ ଭାରତୀୟ ସଂସ୍କୃତି ପ୍ରତି ହୀନ ଭାବନା ବିଷୟରେ ଆଲୋଚନା କରି ତୁରନ୍ତ ଭାରତୀୟଙ୍କୁ ପୂର୍ଣ୍ଣ ସ୍ୱରାଜ ଦେବା ପାଇଁ ଦାବି କରିବା ସହିତ ୧୮୯୩ରେ ଗଣେଶ ଉତ୍ସବ ଓ ୧୮୯୫ରେ ଶିବାଜୀ ଉତ୍ସବକୁ ସାର୍ବଜନିକ ରୂପ ସେ ଦେଇଥିଲେ। ଏହି ଉତ୍ସବଗୁଡ଼ିକ ମାଧ୍ୟମରେ ସେ ଜନତାଙ୍କ ଦେଶପ୍ରେମ ଓ ଇଂରେଜଙ୍କ ଅନ୍ୟାୟ ବିରୁଦ୍ଧରେ ସଂଘର୍ଷ ପାଇଁ ସାହସ ଭରିଦେବାକୁ ସେ ଚାହୁଁଥିଲେ। ଶେଷରେ ରାଷ୍ଟ୍ରଦ୍ରୋହର ଆରୋପକୁ ମଧ ସାମ୍ନା କରିବାକୁ ପଡ଼ିଥିଲା ତାଙ୍କୁ। ଲୋକମାନ୍ୟ ତିଲକ ଭାବରେ ପରିଚିତ ଏହି ସଂଗ୍ରାମୀ ୧୯୨୦ର ଆଜିର ଦିନରେ ଇହଲୀଳା ସମ୍ବରଣ କରିଥିଲେ।

# ଫୁସ୍‌ଫୁସ୍ କ୍ୟାନ୍ସର୍

**ଆଜି ବିଶ୍ୱ ସ୍ତରରେ ପାଳନ କରାଯାଉଛି ଫୁସ୍‌ଫୁସ୍ କ୍ୟାନ୍ସର୍ ଦିବସ। ଫୁସ୍‌ଫୁସ୍ କ୍ୟାନ୍ସର୍ ଏପରି ଏକ ରୋଗ ଯେଉଁଥି ପାଇଁ ଦାୟୀ ହୋଇଥାନ୍ତି ଖରାପ ଡାଏଟ୍, ଚାପ ବୃଦ୍ଧି, ଧୂମପାନ, ଖରାପ ଜୀବନଶୈଳୀ ଓ ବାୟୁ ପ୍ରଦୂଷଣ ପରି କାରଣଗୁଡ଼ିକ। ଦେଶରେ ଫୁସ୍‌ଫୁସ୍ କ୍ୟାନ୍ସର୍‌ର ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇ ଚାଲିଛି। ଏହାର ଲକ୍ଷଣ ବହୁତ ସହଜରେ ଓ ଶୀଘ୍ର ଜଣାପଡ଼େ ନାହିଁ। ଯେତେବେଳେ ଲକ୍ଷଣ ଜଣାପଡ଼େ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥାଏ।**



**କାରଣ**-ଫୁସ୍‌ଫୁସ୍‌ର କୋଷିକାଗୁଡ଼ିକର ଅସାମାନ୍ୟ ବୃଦ୍ଧି ହେଲେ ଏହା କ୍ୟାନ୍ସର୍‌ର ରୂପ ନେଇଥାଏ। ଶରୀରର ମୁଖ୍ୟ ଭାଗଟି ହେଉଛି ଫୁସ୍‌ଫୁସ୍ ଯାହା ଆମକୁ ନିଃଶ୍ୱାସ-ପ୍ରଶ୍ୱାସ ନେବାରେ ସାହାଯ୍ୟ କରେ। ଧୂମପାନ କରୁଥିବା ଲୋକମାନେ ଏହି କ୍ୟାନ୍ସର୍ ଦ୍ୱାରା ଅଧିକ ପୀଡ଼ିତ ହୁଅନ୍ତି। ଯଦି କୌଣସି ବ୍ୟକ୍ତି ଦଶ ବର୍ଷ ଧରି ଲଗାତର ଧୂମପାନ କରୁଥାଏ ଓ ପରେ ଏହି ଅଭ୍ୟାସକୁ ଛାଡ଼ିଦିଏ ସେ ବ୍ୟକ୍ତି ମଧ ଫୁସ୍‌ଫୁସ୍ କ୍ୟାନ୍ସର୍ ଦ୍ୱାରା ଆକ୍ରାନ୍ତ ହୋଇପାରେ। ଧୂମପାନ କରୁନଥିବା ବ୍ୟକ୍ତିମାନଙ୍କୁ ମଧ କ୍ୟାନ୍ସର୍ ହୋଇପାରେ।

**ଷ୍ଟେଜ୍ ୦**-ଏହି ଷ୍ଟେଜ୍‌ରେ କ୍ୟାନ୍ସର ଫୁସ୍‌ଫୁସ୍ ବା ବ୍ରୋନେକ୍ସର ଉପର ସ୍ତରରେ ହୁଏ। ଏ ସମୟରେ ଫୁସ୍‌ଫୁସ୍‌ର ଅନ୍ୟ ଭାଗ କିମ୍ବା ଏହାର ବାହାରେ କ୍ୟାନ୍ସର୍ ବ୍ୟାପି ନଥାଏ।

**ଷ୍ଟେଜ୍ ୧**-ଫୁସ୍‌ଫୁସ୍ ବାହାରକୁ ବ୍ୟାପି ନଥାଏ।

**ଷ୍ଟେଜ୍ ୨**-ଏହା ପୂର୍ବାପେକ୍ଷା ବଡ଼ ରୂପ ନେଇଥାଏ। ଏଥିରେ ଫୁସ୍‌ଫୁସ୍‌ରେ ଥିବା ଲିମ୍ଫ୍ ନୋଡ୍ସ ପର୍ଯ୍ୟନ୍ତ ଫୁସ୍‌ଫୁସ୍ ପହଞ୍ଚିଯାଏ। ଅନେକ ଥର ଗୋଟିଏ ଲୋବ୍‌ରେ ଏକାଧିକ ଟ୍ୟୁମର୍ ମଧ ହୋଇଯାଏ।

**ଷ୍ଟେଜ୍ ୩**- ଏହି ଚରଣରେ କ୍ୟାନ୍ସର ପାଖରେ ଥିବା ଲିମ୍ଫ୍ ନୋଡ୍ସ ବା ସଂରଚନାଗୁଡ଼ିକରେ ବ୍ୟାପିଯାଏ। ଏହି ଷ୍ଟେଜ୍‌ରେ ଫୁସ୍‌ଫୁସ୍‌ର ଅନ୍ୟ ଭାଗରେ ଏକାଧିକ ସ୍ଥାନରେ ଟ୍ୟୁମର୍ ହୋଇଯାଏ।

**ଷ୍ଟେଜ୍ ୪**-ଏହି ଚରଣରେ କ୍ୟାନ୍ସର୍ ଆଖପାଖର ଦ୍ରବ, ହୃଦୟର ଆଖପାଖର ଦ୍ରବ ବା ଅନ୍ୟ ଅଙ୍ଗକୁ ବ୍ୟାପିଯାଏ।

**ଲକ୍ଷଣ**-ଠିକ୍ ହେଉ ନଥିବା କାଶ, ନିଃଶ୍ୱାସ ନେବାବେଳେ କଷ୍ଟ ହେବା, ଛାତିରେ ଯନ୍ତ୍ରଣା ବା ଅସ୍ତବ୍ୟସ୍ତ ଲାଗିବା, ଅସ୍ତବ୍ୟସ୍ତ ହେବାର ସ୍ୱର ଶୁଭିବା, କାଶରେ ରକ୍ତ ପଡ଼ିବା, ସ୍ୱର ବସିଯିବା ବା ଭାରି ହୋଇଯିବା, ଭୋକ ନଲାଗିବା, ଓଜନ ହ୍ରାସ, କ୍ଲାନ୍ତି, କାନ୍ଧରେ ଯନ୍ତ୍ରଣା, ମୁହଁ, ବେକ ହାତ ଓ ଛାତିର ଉପର ଭାଗରେ ସ୍ୱେଲିଂ ହେବା, ଆଖିର ପଲକ ଛୋଟ ହୋଇଯିବା, ଝାଳ ନ ବାହାରିବା।

# ରାତିର ରାଣୀ

କ୍ୟାକ୍ଟସ୍‌ର ଫୁଲ ଦେଖିବାକୁ ଖୁବ୍ ସୁନ୍ଦର ଓ ଏହାର କିଛି ପ୍ରଜାତିର ଫୁଲ ରାତିରେ ଫୁଟିଥାନ୍ତି। ଏଥିପାଇଁ ଏହି ଫୁଲକୁ ରାତିର ରାଣୀ ବୋଲି କୁହାଯାଏ। ଫୁଲଗୁଡ଼ିକ ଖୁବ୍ ବଡ଼ ବଡ଼ ହୋଇ ଫୁଟିଥାନ୍ତି, ଜୀବନ୍ତ ଓ ସଜେଇବା ଯୋଗ୍ୟ ହୋଇଥାନ୍ତି। ବିଶେଷ ଭାବରେ ରାତିରେ ଫୁଟୁଥିବା ଫୁଲଗୁଡ଼ିକ ପରାଗଣଙ୍କୁ ଆକର୍ଷିତ କରିବା ପାଇଁ ବିକଶିତ ହୋଇଥାନ୍ତି। ତେବେ ଏ ସମୟରେ କ୍ୟାକ୍ଟସ୍ ଗଛରେ ରାତିରେ ଫୁଟୁଛି ଅନେକ ଫୁଲ। ଏହି ଫୁଲଗୁଡ଼ିକ ପଦ୍ମ ଫୁଲ ଆକାରର ହୋଇଥାନ୍ତି ଓ ଦେଖିବାକୁ ଖୁବ୍ ସୁନ୍ଦର। କ୍ୟାକ୍ଟସ୍‌ର ପାଖାପାଖି ୨୦୦୦ ପ୍ରଜାତି ଅଛନ୍ତି ଓ ପ୍ରତି ପ୍ରଜାତିରେ ଫୁଲ ଫୁଟିବାର ଦେଖିବାକୁ ମିଳୁଛି। କିଛି ସଂସ୍କୃତିରେ କ୍ୟାକ୍ଟସ୍ ଗଛକୁ ଔଷଧ ଭାବରେ ବ୍ୟବହାର କରୁଥିବା ବେଳେ କିଛି ଲୋକ ଘରର ସାଜସଜ୍ଜା ପାଇଁ ଗଛର ଉପଯୋଗ କରିଥାନ୍ତି। ଏହି ଗଛକୁ ନିଜର ବାଲକନି, ଗାର୍ଡେନ୍ ଓ ଛାତ ଉପରେ ରଖିପାରିବେ। କ୍ୟାକ୍ଟସ୍ ଗଛ କେତେକ ଭଲ କାରଣ ପାଇଁ ଅବିଶ୍ୱସନୀୟ ଭାବରେ ଲୋକପ୍ରିୟ ହୋଇଥାଏ। ଏହା ଶୁଷ୍କ ବାତାବରଣରେ ବଢ଼ିଥାଏ। କାରଣ ବହୁତ କମ୍ ପାଣିରେ କ୍ୟାକ୍ଟସ୍ ଗଛ ବଡ଼ ହୋଇପାରେ ଓ ଏହି ଗଛଗୁଡ଼ିକ ଉଚ୍ଚ ତାମମାତ୍ରାର ସମ୍ମୁଖୀନ ହୋଇପାରନ୍ତି। ସେଥିପାଇଁ ମରୁଭୂମି ଅଞ୍ଚଳରେ ଏହି ଗଛ ଅଧିକ ଦେଖିବାକୁ ମିଳେ। କ୍ୟାକ୍ଟସ୍ ଗଛରେ ଥିବା କଣ୍ଟାଗୁଡ଼ିକ ମଧ୍ୟରେ ଫୁଟୁଥିବା ଫୁଲଗୁଡ଼ିକ ସମସ୍ତଙ୍କ ଧ୍ୟାନ ଆକର୍ଷିତ କରିବା ସହିତ ଏହି ସନ୍ଦେଶ ଦେଇଥାନ୍ତି ଯେ ପରିସ୍ଥିତି ଯେଉଁଭଳି ଥାଉ ନା କାହିଁକି ସବୁ ସ୍ଥିତିରେ ହସିବା ଉଚିତ।



## ବାସ୍ତୁ ଟିପ୍‌ସ

# ଶୁଭ ଓ ଅଶୁଭ ପଶୁ-ପକ୍ଷୀ

ବାସ୍ତୁ ଶାସ୍ତ୍ରରେ ପଶୁ ଓ ପକ୍ଷୀମାନଙ୍କର ମଧ ରହିଛି ମହତ୍ତ୍ୱପୂର୍ଣ୍ଣ ସ୍ଥାନ। ଏହାର ନିୟମ ଅନୁସାରେ ଉତ୍ତର-ପୂର୍ବ ଦିଗରେ ପାଳିତ ପଶୁମାନଙ୍କୁ ରଖିବା ଅନୁଚିତ କାରଣ ଏମାନେ ସକାରାତ୍ମକ ଉର୍ଜାରେ ବାଧା ସୃଷ୍ଟି କରିଥାନ୍ତି। ଏଥିପାଇଁ ଏମାନଙ୍କୁ ଘରର ଦକ୍ଷିଣ-ପୂର୍ବ ବା ଉତ୍ତର-ପଶ୍ଚିମ କୋଣରେ ରଖିବା ଉଚିତ। ଏହା ସହିତ ସେମାନଙ୍କର ରହିବା ସ୍ଥାନକୁ ଖୁବ୍ ପରିଷ୍କାର ଓ ଖୁବ୍ ଭଲ ଭାବରେ ରଖିଲେ ସମୃଦ୍ଧିର ବାତାବରଣ ବୃଦ୍ଧିପାଏ। ଘରର ସମଗ୍ର କଲ୍ୟାଣ ବୃଦ୍ଧି ହୁଏ। ତେବେ କେଉଁ ପଶୁ ଓ ପକ୍ଷୀମାନଙ୍କୁ ଘରେ ରଖିଲେ ଶୁଭ ଓ ଅଶୁଭ ଫଳ ମିଳିଥାଏ ତାହା ଜାଣିବା ବହୁତ ଜରୁରୀ।


### ଶୁଭ ପଶୁ-ପକ୍ଷୀ




**ଗାଈ**-ଗାଈକୁ ମା' ଲକ୍ଷ୍ମୀଙ୍କ ସ୍ୱରୂପ ଭାବରେ ଗ୍ରହଣ କରାଯାଏ ତେଣୁ ଏମାନଙ୍କୁ ଘରେ ରଖିବା ଶୁଭ। ଗାଈମାନଙ୍କୁ ଘରର ଉତ୍ତର-ପୂର୍ବ ଦିଗରେ ରଖିଲେ ଶୁଭ ଫଳ ପ୍ରାପ୍ତି ହୋଇଥାଏ।



**କୁକୁର**-କୁକୁର ବିଶ୍ୱସ୍ତତା ଓ ସୁରକ୍ଷାର ପ୍ରତୀକ। କୁକୁରକୁ ଘରେ ରଖିବା ଦ୍ୱାରା ନକାରାତ୍ମକ ଉର୍ଜା ଦୂର ହୁଏ ଓ ସକାରାତ୍ମକ ଉର୍ଜାର ପ୍ରବାହ ହୋଇଥାଏ। କୁକୁର ପାଇଁ ଦକ୍ଷିଣ-ପୂର୍ବ ଦିଗଟି ଶୁଭ।



**ମାଛ**-ମାଛକୁ ଧନ ଓ ସମୃଦ୍ଧିର ପ୍ରତୀକ ଭାବରେ ଲୋକମାନେ ମାନନ୍ତି। ଘରେ ମାଛମାନଙ୍କୁ ପାଳିବା ବା ମାଛଘର ରଖିବା ବହୁତ ଶୁଭ ହୋଇଥାଏ। ମାଛମାନଙ୍କୁ ପୂର୍ବ କିମ୍ବା ଉତ୍ତର-ପୂର୍ବ ଦିଗରେ ରଖନ୍ତୁ।



**ପାରା**-ପାରାମାନେ ଶାନ୍ତିର ପ୍ରତୀକ। ଏମାନଙ୍କୁ ପାଳିଲେ ଘରେ ଶାନ୍ତି ଓ ସମୃଦ୍ଧିର ବାସ ହୋଇଥାଏ। ପାରାମାନଙ୍କ ପାଇଁ ପଶ୍ଚିମ ଦିଗଟି ଶୁଭ।



**ଶୁଆ**-ବୁଦ୍ଧି ଓ ଜ୍ଞାନର ପ୍ରତୀକ ଶୁଆ। ଘରେ ଶୁଆ ପାଳିଲେ ବୁଦ୍ଧି ଓ ଜ୍ଞାନର ବିକାଶ ହୋଇଥାଏ। ଶୁଆକୁ ଉତ୍ତର-ପୂର୍ବ ଦିଗରେ ରଖନ୍ତୁ।

ଏମାନଙ୍କ ବ୍ୟତୀତ କିଛି ପଶୁ ଓ ପକ୍ଷୀଙ୍କୁ ପାଳିଲେ ଅଶୁଭ ଫଳ ମିଳେ ଯେଉଁମାନଙ୍କ ମଧ୍ୟରେ ଅଛନ୍ତି- କୁଆ ଯିଏ ନକାରାତ୍ମକ ଉର୍ଜାର ସଂକେତ ଦେଇଥାଏ। ପେଚାକୁ ମଧ ସମସ୍ତେ ଅଶୁଭ ମାନନ୍ତି। ବିଲେଇକୁ ଘରେ ରଖିବାର ଅର୍ଥ ନକାରାତ୍ମକ ଉର୍ଜାର ପ୍ରବାହ ହୋଇଥାଏ।

# 'ଅହିରାବଣ'ର ଫାଷ୍ଟ ଲୁକ୍ ଜାରି



ଏ ସମୟରେ ବକ୍ସ ଅଫିସ୍‌ରେ ରିଲିଜ ହୋଇଥିବା 'ମହାବତାର ନରସିଂହା'ର ଧୂମ୍ ଦେଖିବାକୁ ମିଳୁଛି। ହୋମ୍‌ବେଲ ଫିଲ୍ମସ୍‌ର ଏହି ଉପହାରଟି ସମସ୍ତଙ୍କ ଧ୍ୟାନ ଆକର୍ଷିତ କରିଛି। ଏହା ଏକ ଆନିମେଟେଡ୍ ମାଇଥୋଲଜିକାଲ୍ ଫିଲ୍ମ ଯାହାର କାହାଣୀକୁ ଖୁବ୍ ପସନ୍ଦ କରିଛନ୍ତି ଦର୍ଶକମାନେ। ରିଲିଜ ହେବାର ମାତ୍ର ଛଅ ଦିନ ଭିତରେ ଏହା ବ୍ଲକ୍‌ବଷ୍ଟର ସାବ୍ୟସ୍ତ ହୋଇଛି। ଏହା ମଧ୍ୟରେ ଆଉ ଏକ ଫିଲ୍ମର ଘୋଷଣା ଦର୍ଶକମାନଙ୍କୁ ଖୁସି କରେଇଛି। ନିକଟରେ 'ଅହିରାବଣ'ର ଫାଷ୍ଟ ଲୁକ୍ ଜାରି କରିଛି ଅଂଶୁମନ ସିଂହ ଫିଲ୍ମସ କ୍ରିଏସନ୍ସ ଯାହାଦ୍ୱାରା ପୌରାଣିକ ଭୟ ଦର୍ଶକମାନଙ୍କ ମଧ୍ୟରେ ପୁଣି ଥରେ ଜୀବିତ ହେବ। ଫିଲ୍ମ 'ଅହିରାବଣ' ଦର୍ଶକମାନଙ୍କୁ କେବଳ ଭୟଭୀତ କରେଇବ ତାହା ନୁହେଁ, ଦର୍ଶକମାନଙ୍କୁ ଥରଟିଏ ଚିନ୍ତା କରିବାର ସୁଯୋଗ ବି ଦେବ। ଏହା ସହିତ ଇତିହାସ ପୃଷ୍ଠାରେ ଲୁଚି ରହିଥିବା ଏକ ଚରିତ୍ର ପ୍ରଥମ ଥର ପାଇଁ ସମସ୍ତଙ୍କ ସମ୍ମୁଖକୁ ଆସିବ। ତେବେ ଅହିରାବଣ ହେଉଛି ରାବଣର ରହସ୍ୟମୟ ଭାଇ। ତାଙ୍କ ଉପରେ ଆଧାରିତ ଫିଲ୍ମ 'ଅହିରାବଣ' ଏକ ସାଧାରଣ ହରର୍ ଫିଲ୍ମ ନୁହେଁ ଏହା ଅନ୍ଧକାର ଓ ଦିବ୍ୟତା ମଧ୍ୟରେ ଏକ ମହାକାବ୍ୟିକ ଟକ୍କର। ଏହାର କାହାଣୀ ଏବେ ଶାସ୍ତ୍ର ମଧ୍ୟରୁ ବାହାରିଛି ଯାହା ପୂର୍ବରୁ ପୁସ୍ତକ ଓ କିମ୍ବଦନ୍ତୀ ଭିତରେ ଲୁଚି ରହିଥିଲା। ରାଜେଶ ଆର୍ ନାୟାର୍ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଫିଲ୍ମର ନିର୍ମାଣ କରିଛନ୍ତି ଅଂଶୁମାନ ସିଂହ, ସମୀର ଅଫ୍‌ତାବ ଓ ଏହାର ସହ-ନିର୍ମାତା ହେଉଛନ୍ତି ପ୍ରୀତି ଶୁକ୍ଲା।




# ଓ୍ୱେବ୍ ଦିବସ

ଆଜିର ଡିଜିଟାଲ୍ ଯୁଗରେ ଡବ୍ଲୁଡବ୍ଲୁଡବ୍ଲୁ ଶବ୍ଦ ସହିତ ପାଖାପାଖି ସମସ୍ତେ ପରିଚିତ। ଆଜିର ଦିନରେ ଏହି ଶବ୍ଦର ଉତ୍ପତ୍ତି ହୋଇଥିବାରୁ ପୂରା ଦୁନିଆ ଆଜି ଓ୍ୱେବ୍ ଡେ' ପାଳନ କରୁଛି। ୧୯୮୯ରେ ଟିମ୍ ବର୍ଣ୍ଣର୍ସ ଲି ୟୁରୋପିଆନ୍ ଅର୍ଗାନାଇଜେସନ୍ ଫର୍ ନ୍ୟୁକ୍ଲିୟର ରିସର୍ଚ୍ଚରେ ଜଣେ ଫେଲୋ ରିସର୍ଚ୍ଚର ଭାବରେ କାମ କରୁଥିଲେ। ଲି ସେଠାରେ ଏକ କମ୍ପ୍ୟୁଟର୍ ସିଷ୍ଟମର ଇନ୍‌ଫର୍ମେସନ୍ ଅନ୍ୟ କମ୍ପ୍ୟୁଟର୍‌କୁ ପଠଉଥିଲେ। ଏ ସମୟରେ ଏପରି ଏକ ଉପାୟ ବିଷୟରେ ସେ ଚିନ୍ତା କରିଥିଲେ ଯାହାଦ୍ୱାରା ସମସ୍ତ ସୂଚନାଗୁଡ଼ିକ ଯେପରି ଗୋଟିଏ ସ୍ଥାନରେ ଉପଲବ୍ଧ ହୋଇପାରିବ। ଏହାପରେ ଲି ଏ ବିଷୟରେ ଇନ୍‌ଫର୍ମେସନ୍ ମ୍ୟାନେଜମେଣ୍ଟ —ଏ ପ୍ରପୋଜାଲ୍ ନାମକ ଏକ ରିସର୍ଚ୍ଚ ପେପର୍ ପ୍ରସ୍ତୁତ କଲେ। ଏହାପରେ ପ୍ରଥମ ଓ୍ୱେବ୍ ପେଜ୍ ବ୍ରାଉଜର୍ ଅର୍ଥାତ ଓ୍ୱାର୍ଲଡ ଓ୍ୱାଇଡ୍ ଓ୍ୱେବ (ଡବ୍ଲୁଡବ୍ଲୁଡବ୍ଲୁ) ଜନ୍ମ ନେଇଥିଲା ଓ ଟିମ୍ ଏହାର ଜନ୍ମଦାତା ହେବାର ମାନ୍ୟତା ପାଇଥିଲେ। ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଇଣ୍ଟରନେଟ୍‌ରେ ବ୍ରାଉଜର ମାଧ୍ୟମରେ ଆପଣମାନେ ଯେଉଁ ଡାଟା ଆକ୍ସେସ୍ କରୁଛନ୍ତି ଏସବୁ ଡବ୍ଲୁଡବ୍ଲୁଡବ୍ଲୁ ଅନ୍ତର୍ଗତ ଆସିଥାଏ। କମ୍ପ୍ୟୁଟର ଭାଷାରେ ଏହା ଅନ୍‌ଲାଇନ୍ କଣ୍ଟେଣ୍ଟ ବା ଇଣ୍ଟରନେଟ୍ କଣ୍ଟେଣ୍ଟର ଏକ ହାଇପର୍ ଟେକ୍ସଟ୍ ମାର୍କଅପ୍ ଲାଙ୍ଗୁଏଜ (ଏଚ୍‌ଟିଏମ୍‌ଏଲ୍) ନେଟ୍‌ଓ୍ୱର୍କ ଯାହାକୁ ହାଇପର୍ ଟେକ୍ସଟ୍ ଟ୍ରାନ୍ସଫର୍ ପ୍ରୋଟୋକଲ୍ (ଏଚ୍‌ଟିଟିପି) ଜରିଆରେ ଆକ୍ସେସ୍ କରାଯାଏ।



## ୨୦ ରେଳ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଖୋର୍ଦ୍ଧା ରୋଡ୍ (ଜଟଣୀ),୩୧।୭/ଏନ୍ଏନ୍ଏସ୍:** ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ବସରକାଳୀନ ସମ୍ବର୍ଦ୍ଧନା ସମାରୋହରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳରୁ ଦୁଇ ଅଧିକାରୀଙ୍କ ସମେତ ୨୦ ଜଣ ରେଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ପରିଚାଳନା) ପ୍ରଦୀପ କୁମାର ବେହେରା ଏବଂ ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଭିତ୍ତିଭୂମି) ଶୁଭ୍ରଜ୍ୟୋତି ମଣ୍ଡଳ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସମ୍ମାନିତ କରିବା ସହ ସେମାନଙ୍କୁ ସେମାନଙ୍କର ପେନସନ୍ ପେମେଣ୍ଟ ଅର୍ଡର (ପିପିଓ) ପ୍ରଦାନ କରିଥିଲେ । ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକମାନେ ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ସେମାନଙ୍କର ବର୍ଷ ବର୍ଷର ସେବା ସମୟରେ ପ୍ରଦର୍ଶନ କରାଯାଇଥିବା ସମର୍ପଣ, କଠିନ ପରିଶ୍ରମ ଏବଂ ସତର୍କତାକୁ ପ୍ରଶଂସା କରିଥିଲେ । ସେମାନେ ସୁରକ୍ଷିତ ଏବଂ ଦକ୍ଷ ରେଳ ପରିଚାଳନା ସୁନିଶ୍ଚିତ କରିବାରେ କର୍ମଚାରୀମାନଙ୍କ ଦ୍ୱାରା ଦିଆଯାଇଥିବା ଅମୂଲ୍ୟ ଅବଦାନକୁ ସ୍ୱୀକାର କରିଥିଲେ । ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳରୁ ଅବସର ଗ୍ରହଣ କରିଥିବା ରେଳବାଇ କର୍ମଚାରୀମାନେ ହେଲେ ପୁରୀର ବରିଷ୍ଠ କୋଚିଂ ଡିପୋ ଅଧିକାରୀ ସୁରେନ୍ଦ୍ର କୁମାର ପାଢ଼ୀ, ସହାୟକ ବାଣିଜ୍ୟିକ ପ୍ରବନ୍ଧକ ବଶିଷ୍ଠ କୁମାର ପ୍ରଧାନ, ବାଣିଜ୍ୟିକ ବିଭାଗରୁ ଏମ୍ ରାମାରାଓ, ବାସୁଦେବ ସାହୁ, ମେକାନିକାଲ୍ ବିଭାଗରୁ ଆର. କେ. ବେହେରା, ଏ. ରାମା, ଏସ. ମହମ୍ମଦ, ଏମ୍ ଆର ଦାସ, ବି. ସି. ପଟ୍ଟନାୟକ, ଇଞ୍ଜିନିୟରିଂ ବିଭାଗରୁ ଏମ୍ ସୋରେନ୍, ଏନ୍ ସିଂହ, ବି. ସି ମହାରଣା, ଜେ ସାହୁ, ଆର. କେ. ଜାନି, ବୈଦ୍ୟୁତିକ ବିଭାଗରୁ ଜି. ବି. ରାଉତ, ପି. ପାତ୍ର, ଜି. ସେଠୀ, ପରିଚାଳନା ବିଭାଗରୁ ଏନ. କେ. ଦାସ, ଡି. ପି. ରୟ ଓ ଆରପିଏଫ୍ ଇନ୍ସପେକ୍ଟର ବି. କେ. ଜେନା । ମଣ୍ଡଳ କାର୍ମିକ ଅଧିକାରୀ ଅଧିକାରୀ ପ୍ରମୋଦ କୁମାର ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## ଡକ୍ଟର ବି.କେ ମିଶ୍ର ଇମ୍ଫାର ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା) ଡକ୍ଟର ବି କେ ମିଶ୍ରଙ୍କୁ କମ୍ପାନୀର ଅଣ-କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରିଛି । ଡକ୍ଟର ବି କେ ମିଶ୍ର ଏନଆଇଟି ରାଉରକେଲାର ଜଣେ ମେଟାଲ୍ଲୁରଜିକାଲ୍ ଇଞ୍ଜିନିୟର ଏବଂ ଯୁକ୍ତରାଷ୍ଟ୍ରର ଉଟାହ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ହାସଲ କରିଛନ୍ତି । ସେ ମାର୍ଚ୍ଚ ୨୦୨୪ରେ ସ୍ୱାଧୀନ ନିର୍ଦ୍ଦେଶକ ଭାବରେ ବୋର୍ଡରେ ଯୋଗ ଦେଇଥିଲେ । ଡକ୍ଟର ମିଶ୍ର ଧାତୁ ବିଜ୍ଞାନ, ବସ୍ତୁ ବିଜ୍ଞାନ ଏବଂ ଶିଳ୍ପ ଗବେଷଣା ଏବଂ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ଅନେକ ପୁରସ୍କାର ପାଇଛନ୍ତି, ଯେଉଁଥିରେ ଶିକ୍ଷା, ଗବେଷଣା ଏବଂ ସମାଜରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଷ୍ଠିତ ଆଇଇଇଇଆଇଏଏସ୍ ଗ୍ଲୋବାଲ୍ ଲାଇଫଟାଇମ୍ ଆଚିଭମେଣ୍ଟ ପୁରସ୍କାର



ମଧ୍ୟ ଅନ୍ତର୍ଭୁକ୍ତ ।ଡକ୍ଟର ମିଶ୍ରଙ୍କ ନିଯୁକ୍ତି ଏନ ଆର ମହାନ୍ତି, ପଦ୍ମଶ୍ରୀଙ୍କ ଅବସର ପରେ ଯିଏ ତାଙ୍କ କାର୍ଯ୍ୟକାଳ ସମାପ୍ତ କରିବା ପରେ ପଦରୁ ଇସ୍ତଫା ଦେଇଥିଲେ । ଏହି ପରିପ୍ରେକ୍ଷୀରେ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି ଯେ 'ମୁଁ ପରିଚାଳନା ପକ୍ଷରୁ ଡକ୍ଟର ବି କେ ମିଶ୍ର ଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । କମ୍ପାନୀର ମୂଳ ବ୍ୟବସାୟ ସମ୍ପର୍କରେ ତାଙ୍କର ଅସାଧାରଣ ଜ୍ଞାନ ଅଛି ଏବଂ ଆମେ ଏହି କ୍ଷେତ୍ରରେ ସ୍ପଷ୍ଟ ନେତା ଭାବରେ ଉଭା ହେବା ପାଇଁ ସମ୍ପ୍ରସାରଣ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ତାଙ୍କ ମାର୍ଗଦର୍ଶନ ପାଇଁ ମୁଁ ଅପେକ୍ଷା କରିଛି । ଶ୍ରୀ ପଣ୍ଡା ଆହୁରି କହିଛନ୍ତି ଯେ ମୁଁ ଏନ ଆର ମହାନ୍ତିଙ୍କ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ପାଇଁ କୃତଜ୍ଞତା ପ୍ରକାଶ କରିବାକୁ ଚାହୁଁଛି ଯାହା ବର୍ଷ ବର୍ଷ ଧରି ଆମକୁ ବ୍ୟବସାୟ ଚକ୍ର ମାଧ୍ୟମରେ ଗତି କରିବାରେ ଏବଂ ଅଂଶୀଦାର ମାନଙ୍କ ପାଇଁ ମୂଲ୍ୟ ସୃଷ୍ଟି କରିବାରେ ଧ୍ୟାନ ଦେବାରେ ସାହାଯ୍ୟ କରିଛି ।

## ରାଜ୍ୟରେ ବୃଦ୍ଧି ପାଇଛି ଆର୍ଥିକ ସଚେତନତା

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ଏନ୍ଏସ୍ଇରେ ନିବେଶଙ୍କ ସଂଖ୍ୟା ବୃଦ୍ଧି ଘଟିଛି । ୩ ମାସ ମଧ୍ୟରେ ୨୩ କୋଟି ଅତିକ୍ରମ କରିଛି । ଅନ୍ୟପକ୍ଷରେ ଏହାର ସ୍ୱତନ୍ତ୍ର ପଞ୍ଜୀକୃତ ନିବେଶକଙ୍କ ସଂଖ୍ୟା ୧୧.୮ କୋଟି ରହିଛି । ସେହିପରି ଓଡ଼ିଶା ୩୭%ର ସିଏଜିଆର ହାସଲ କରିଛି ବୋଲି ଏନ୍ଏସ୍ଇର ମୁଖ୍ୟ ବାଣିଜ୍ୟ ବିକାଶ ଅଧିକାରୀ ଶ୍ରୀରାମ କ୍ରିଷ୍ଣନ ଆଜି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ଆର୍ଥିକ ସଚେତନତା ବୃଦ୍ଧି ପାଇଛି । ଲୋକଙ୍କ ନିବେଶକୁ ବିପଦ ପରିଚାଳନା, ଠକେଇ ରୋକିବା କିମ୍ବା ଦୀର୍ଘକାଳୀନ ନିବେଶ ନୀତି ଉପରେ ଏକ ବୃହତସ୍ତରର ସଚେତନତା ଅଭିଯାନ ଶୁଭାରମ୍ଭ କରାଯାଇଛି । ଏନ୍ଏସ୍ଇ ଗତ ୫ ବର୍ଷ ହେବ ଏହି କ୍ଷେତ୍ରରେ ନିଜର ପ୍ରୟାସ ଯଥେଷ୍ଟ ବୃଦ୍ଧି କରିଛି । ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ପ୍ରୟାସ ହୋଇଛି ।

## ଆର୍ଏସ୍ ପକ୍ଷରୁ 'ସଜନା ମେରା' ଶୁଭାରମ୍ଭ

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ଆର୍ଏସ୍ ପକ୍ଷରୁ ୨ୟ ଟ୍ରାକ 'ସଜନା ମେରା'ର ଶୁଭାରମ୍ଭ କରାଯାଇଛି । ଏହି ଟ୍ରାକରେ ଗାୟିକା ନୀତି ମୋହନ, ପାନ୍ଥର ଓ ରାଭାଟରଙ୍କ ସହଯୋଗିତା ରହିଛି । ଗତ ୩ ବର୍ଷ ମଧ୍ୟରେ ଦେଶର ଏକାଧିକ ୟୁଥ୍ ହବ୍‌ରେ ଦର୍ଶକଙ୍କୁ ଆକର୍ଷିତ କରିବା ପରେ ଏହା ପୁଣି ୨ୟ ସିଜନ ସହ ପ୍ରତ୍ୟାବର୍ତ୍ତନ କରିଛି ବୋଲି ନୀତି ମୋହନ କହିଛନ୍ତି । ସେ କହିଛନ୍ତି ଯେ, "ସଜନା ମେରା ହେଉଛି ସମ୍ପୂର୍ଣ୍ଣ ଭାବନାତ୍ମକ ଯାହା ମନୋଭାବରେ ଆଚ୍ଛାଦିତ, ଏହା ଜୀବନ୍ତ, ହୃଦୟସ୍ପର୍ଶୀ ଓ ନିର୍ଭୀକ । ସେହିପରି କାର୍ଯ୍ୟକ୍ରମରେ କାର୍ତ୍ତିକ ମହିନ୍ଦ୍ରା କହିଛନ୍ତି, ନୂଆ ସାଉଣ୍ଡସ୍କେପ ସହ ସବୁ ବର୍ଗରଲୋକଙ୍କୁ ଯେପରି ପସନ୍ଦ ରହିବ ସେଥିଲାଗି ଗୁରୁତ୍ୱ ଦିଆଯାଇଛି ।

# ସିଆର୍‌ପିସିଏମ୍ ସଂଘ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କଟକ,୩୧।୭/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କର ମିଶନ ଶକ୍ତି ବିଭାଗ ଅଧିନରେ କାର୍ଯ୍ୟରତ ସିଆରପିସିଏମ୍ (କମ୍ୟୁନିଟି ରିସର୍ଚ୍ଚ ପର୍ସନ୍ କମ୍ୟୁନିଟି ମୋବିଲାଇଜେସନ) କର୍ମଚାରୀମାନେ ଦୀର୍ଘ ବର୍ଷ ଧରି ସୁଚାରୁରୂପେ ସେମାନଙ୍କର କାର୍ଯ୍ୟ ସମ୍ପାଦନା କରି ଆସୁଥିଲେ ମଧ୍ୟ ବହୁ କ୍ଷେତ୍ରରେ ଅବହେଳିତ ହୋଇଆସୁଛନ୍ତି । ବର୍ତ୍ତମାନ ସିଆରପିସିଏମ୍‌ମାନଙ୍କୁ ମାସିକ ଭତ୍ତା ପ୍ରଦାନ ବଦଳରେ କାର୍ଯ୍ୟ ଅନୁଯାୟୀ ଇନ୍‌ସେଣ୍ଟିଭ୍ ମାଧ୍ୟମରେ ପାରିଶ୍ରମିକ ପ୍ରଦାନ କରାଯିବା ପାଇଁ ମିଶନଶକ୍ତି ବିଭାଗ ତରଫରୁ ଚିଠି କରାଯାଇଛି । ରାଜ୍ୟ ସରକାରଙ୍କର ସମସ୍ତ




ଯୋଜନାକୁ ସୁଚାରୁରୂପେ ତୁଳାଇ ତୃଣମୂଳ ସ୍ତରରୁ ମା'ମାନଙ୍କୁ ନେଇ ଏସ୍ଏଚ୍‌ଜି ଗଠନ କରି ଆଜି ସମଗ୍ର ଓଡ଼ିଶାରେ ଲକ୍ଷପତି ଦିଦି ସୃଷ୍ଟିକରି ମଧ୍ୟ ସିଆରପିସିଏମ୍‌ମାନେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି । ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ଦ୍ୱାରା ପରିଚାଳିତ ସିଆରପିସିଏମ୍ ସଂଘ ତରଫରୁ ସଂଘର ମୁଖ୍ୟ ଉପଦେଷ୍ଟା ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଏକ ୫ଜଣିଆ ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳଙ୍କ ଜରିଆରେ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦାବିଗୁଡ଼ିକ ମଧ୍ୟରେ ସିଆରପିସିଏମ୍‌ମାନଙ୍କ ପାଇଁ ଇନ୍‌ସେଣ୍ଟିଭ୍‌କୁ ବନ୍ଦ କରାଯାଇ ମାସିକ ବେତନ ୧୦ହଜାର ଟଙ୍କା ପ୍ରଦାନ କରାଯାଉ, ଭିଆର୍ଏଫ୍ କାମ ବାବଦକୁ ପାରିଶ୍ରମିକ ୫ହଜାର ଟଙ୍କା, ଅନ୍‌ଲାଇନ୍ କାମ, ଫୋନ୍ ବିଲ୍ ଏବଂ ଟିଏ, ଡିଏ ବାବଦକୁ ୩ହଜାର ଟଙ୍କା, ସର୍ବମୋଟ୍ ୧୮ହଜାର ଟଙ୍କା ପ୍ରଦାନ କରାଯାଉ । ଅନ୍‌ଲାଇନ୍ କାର୍ଯ୍ୟ ପାଇଁ ଟାବ୍‌ଲେଟ୍ ମେସିନ୍ ପ୍ରଦାନ କରାଯାଉ, ସିଆରପିସିଏମ୍‌ମାନଙ୍କୁ ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯାଉ, ସିଆରପିସିଏମ୍‌ମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଉ ଏବଂ ମାସିକ ଏସ୍ଏଚ୍‌ଜି ବୈଠକ ଦୁଇଟି କରାଯିବା ଦାବି ଆଦି ଅର୍ନ୍ତଭୁକ୍ତ ଅଟେ । ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସମ୍ପାଦିକା ଲାଲୀ ନାୟକ, କୋଷାଧ୍ୟକ୍ଷ ଅମ୍ବିକା ଶତପଥୀ, ରାଧାରାଣୀ ମଣ୍ଡଳ, ସସ୍ମିତା ସାହୁ, ଜୟଶ୍ରୀ ମହାନ୍ତି, ଲିପିକା ଚାଟାର୍ଜୀ, ବବିତା ସେନାପତିଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଶିକ୍ଷକ ବଦଳି ମାମଲା, ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

**କଟକ,୩୧।୭/ଏନ୍ଏନ୍ଏସ୍ :** ବିଧାୟକ ଓ ସାଂସଦ ନିଜ ନିର୍ବାଚନମଣ୍ଡଳୀର ୧୫ ଜଣ ଯୋଗ୍ୟ ଶିକ୍ଷକଙ୍କ ବଦଳି ପାଇଁ ସୁପାରିଶ କରିବା ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ବିଚାରପତି ଡି.କେ. ଶ୍ରୀପଦ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଆବେଦନକାରୀ ଶିକ୍ଷକଙ୍କ ବଦଳି ଉପରେ ରହିତାଦେଶ ଜାରି କରିଛନ୍ତି । ୪ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଅଦାଲତ ଦିନ ଧାର୍ଯ୍ୟ କରିଛନ୍ତି । ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ପ୍ରତି ବିଧାୟକ ଓ ସାଂସଦ ୧୫ ଜଣ ଯୋଗ୍ୟ ଶିକ୍ଷକଙ୍କ ବଦଳି ପାଇଁ ସୁପାରିଶ କରିପାରିବେ ବୋଲି ସରକାର ନୀତିଗତ ନିଷ୍ପତ୍ତି ନେଇଥିଲେ । ଏଭଳି ସରକାରୀ ନିଷ୍ପତ୍ତି ଦ୍ୱାରା ଆବେଦନକାରୀ ପ୍ରଭାବିତ ହୋଇଛନ୍ତି । ଏଭଳି ନୀତିଗତ ନିଷ୍ପତ୍ତି ନେବା ପାଇଁ ସରକାରଙ୍କ କ୍ଷମତା ନାହିଁ କି ଏହା ଯୁକ୍ତିଯୁକ୍ତ ନୁହେଁ । ବିଦ୍ୟାଳୟ ଓ ଗଣଶିକ୍ଷା ଯୁଗ୍ମ ସଚିବଙ୍କ ପକ୍ଷରୁ ମେ' ୧୩ରେ ପତ୍ର ମାଧ୍ୟମରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଏପରି ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଯାଇଥିଲା । ଏପରି ଚିଠି ଆଧାରରେ ବଦଳି ସଂକ୍ରାନ୍ତରେ ଜାରି ନିର୍ଦ୍ଦେଶ ଦ୍ୱାରା ଆବେଦନକାରୀ ଆର୍ ତ୍ରିପାଠୀ ଓ ଅନ୍ୟ ଜଣେ ପ୍ରଭାବିତ ହୋଇଛନ୍ତି ବୋଲି ହାଇକୋର୍ଟରେ ଦର୍ଶାଯାଇଥିଲା ।

ସୂଚନାଯୋଗ୍ୟ ଯେ ସାଂସଦ ଓ ବିଧାୟକ ନିଜ ନିର୍ବାଚନମଣ୍ଡଳୀର ୧୫ ଜଣ ଯୋଗ୍ୟ ଶିକ୍ଷକଙ୍କୁ ବଦଳି ପାଇଁ ସୁପାରିଶ କରିପାରିବେ ବୋଲି ସରକାର ଘୋଷଣା କରିଥିଲେ । ବଦଳି ଋତୁରେ ଜିଲ୍ଲାପାଳଙ୍କ ନିକଟରେ ଦାଖଲ ପ୍ରସ୍ତାବଗୁଡ଼ିକୁ ଜିଲ୍ଲାସ୍ତରୀୟ ବଦଳି କମିଟି ସମାନ ଦିନରେ ଫଏସଲା କରିବ ବୋଲି କୁହାଯାଇଥିଲା । ଗଣଶିକ୍ଷା ବିଭାଗ ପକ୍ଷରୁ ମେ' ୧୩ରେ ଏ ସଂକ୍ରାନ୍ତରେ ପ୍ରାଥମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପତ୍ର ଜାରି କରାଯାଇଥିଲା । ପତ୍ରରେ ଉଲ୍ଲେଖ କରାଯାଇଥିଲା ଯେ ବିଧାୟକ ସାଂସଦଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ବଦଳି ପ୍ରସ୍ତାବ ଦିଆଯିବା ପରେ ଜିଲ୍ଲାସ୍ତରୀୟ କମିଟି ଏହି ପ୍ରସଙ୍ଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।

## ରୋଜଭ୍ୟାଲି ଅଧ୍ୟକ୍ଷଙ୍କ ଜାମିନ ଅବେଦନ ହାଇକୋର୍ଟରେ ଖାରଜ

**କଟକ,୩୧।୭/ଏନ୍ଏନ୍ଏସ୍ :** ରୋଜଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନିଜ୍ ଅଧ୍ୟକ୍ଷ ଗୌତମ କୁଣ୍ଡୁଙ୍କ ଜାମିନ ଅବେଦନ ହାଇକୋର୍ଟରେ ଖାରଜ ହୋଇଛି । ହାଇକୋର୍ଟର ବିଚାରପତି ଗୌରୀଶଙ୍କର ଶତପଥୀ ଗୁରୁବାର ମାମଲାର ରାୟ ପ୍ରକାଶ କରି ତାଙ୍କୁ ଜାମିନ ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ମାମଲାର ବିବରଣୀ ଅନୁସାରେ, ରୋଜଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନିଜ୍ ଜରିଆରେ ଲୋକମାନଙ୍କଠାରୁ ହଜାର ହଜାର କୋଟି ଟଙ୍କା ଆଦାୟ କରାଯାଇଥିଲା । ଅର୍ଥ ବିନିଯୋଗକାରୀମାନଙ୍କୁ ଅଧିକ ଲାଭ ପ୍ରଦାନର ଲୋଭ ଦେଖାଇ ଅର୍ଥ ଆଦାୟ କରାଯାଇଥିଲା । ମାତ୍ର କମ୍ପାନୀର ପ୍ରତିଶ୍ରୁତି ଅନୁସାରେ ଅର୍ଥ ବିନିଯୋଗକାରୀଙ୍କୁ ଟଙ୍କା ଫେରସ୍ତ କରାଗଲା ନାହିଁ । ପ୍ରାଥମିକ ପର୍ଯ୍ୟାୟର ବିନିଯୋଗକାରୀମାନଙ୍କ ପକ୍ଷରୁ ୨୦୧୩ ମସିହାର ୩ଟି ମାମଲା ରୁଜୁ କରାଯାଇଥିଲା । ବୁଗୁଡ଼ା, ନୂଆପଡ଼ା ଓ ଜୟପୁର ସଦର ଥାନାରେ ଏହି ମାମଲା ରୁଜୁ ହୋଇଥିଲା । ମାମଲାର ଶୁଣାଣି କରୁଥିବା କୋର୍ଟ ଏହାର ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ । ସିବିଆଇ ଏହିପରି ଆଉ ୪୪ଟି ମାମଲା ଓଡ଼ିଶାରୁ ବିଭିନ୍ନ କମ୍ପାନୀର ଅର୍ଥ ଠକେଇ ନେଇ ରୁଜୁ କରିଥିଲା । ତେବେ ରୋଜଭ୍ୟାଲି ଓଡ଼ିଶାର ଲୋକଙ୍କଠାରୁ ୧୭,୩୭୮ କୋଟି ଟଙ୍କା ଅର୍ଥ ବିନିଯୋଗ ଆକାରରେ ଆଦାୟ କରିଥିବା ଜଣାପଡ଼ିଥିଲା । ରୋଜଭ୍ୟାଲି ଅଧ୍ୟକ୍ଷ କୁଣ୍ଡୁ ଗିରଫ ହୋଇ ଜେଲ୍‌ରେ ଥିବା ବେଳେ ବିଭିନ୍ନ ସମୟରେ ଜାମିନ୍ ଅବେଦନ କରିଛନ୍ତି । ମାତ୍ର ଉକ୍ତ ଅବେଦନ ଅଦାଲତଙ୍କ ଦ୍ୱାରା ଖାରଜ ହୋଇଛି ।

### ଆୟୁର୍ବେଦିକ ସୌନ୍ଦର୍ଯ୍ୟ କ୍ଷେତ୍ରରେ ପାଦ ଥାପିଲା ରିଲାଏନ୍ସ ରିଟେଲ୍

## ଟିରା ପକ୍ଷରୁ 'ପୁରାବେଦା' ବ୍ରାଣ୍ଡ ଶୁଭାରମ୍ଭ

**ମୁମ୍ବାଇ,୩୧।୭/ଏନ୍ଏନ୍ଏସ୍:** ରିଲାଏନ୍ସ ରିଟେଲର ସୌନ୍ଦର୍ଯ୍ୟ ପ୍ଲାଟଫର୍ମ ଟିରା ଆୟୁର୍ବେଦ ବ୍ରାଣ୍ଡ 'ପୁରାବେଦା' ଶୁଭାରମ୍ଭ କରିଛି । 'ପୁରାବେଦା' ଚାରୋଟି ସ୍ୱତନ୍ତ୍ର ରେଞ୍ଜ ସହିତ ଶୁଭାରମ୍ଭ ହୋଇଛି । କମ୍ପାନୀ ପକ୍ଷରୁ ପ୍ରକାଶ କରାଯାଇଛି ଯେ 'ପୁରାବେଦା' ପ୍ରାଚୀନ ପରମ୍ପରା ଏବଂ ଆଧୁନିକ ବିଜ୍ଞାନର ଏକ ଉତ୍ତମ ମିଶ୍ରଣ । ଏବଂ ଏହି ଶୁଭାରମ୍ଭ ଟିରାର ସୌନ୍ଦର୍ଯ୍ୟ ଉତ୍ପାଦଗୁଡ଼ିକୁ ସଚେତନ ଗ୍ରାହକମାନଙ୍କ ନିକଟରେ ପହଞ୍ଚାଇବାର ଲକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପ୍ରମାଣିତ ହେବ । ଟିରାର ସହ-ପ୍ରତିଷ୍ଠାତା ଏବଂ ସିଇଓ ଭକ୍ତି ମୋଦୀ ଏହି ଶୁଭାରମ୍ଭ ଅବସରରେ କହିଛନ୍ତି ଯେ ଆମେ 'ପୁରାବେଦା' ଶୁଭାରମ୍ଭ କରି ଅତ୍ୟନ୍ତ ଆନନ୍ଦିତ, ଯାହା ଏକ ବ୍ରାଣ୍ଡ ଭାବରେ ଭାରତର ଐତିହ୍ୟ ଏବଂ ନବସୃଜନର ଶକ୍ତିଶାଳୀ ସମନ୍ୱୟର ଏକ ପ୍ରତୀକ । ଟିରାରେ, ଆମର ଲକ୍ଷ୍ୟ ହେଉଛି



ଏପରି ବ୍ରାଣ୍ଡଗୁଡ଼ିକୁ ଆଗକୁ ଆଣି ସୌନ୍ଦର୍ଯ୍ୟକୁ ଏକ ନୂତନ ପରିଭାଷା ଦେବା । 'ପୁରାବେଦା' ସହିତ, ଆମେ ଗ୍ରାହକମାନଙ୍କୁ ଚିନ୍ତାଶୀଳ ଭାବରେ ଡିଜାଇନ୍ କରାଯାଇଥିବା ଉତ୍ପାଦଗୁଡିକ ମାଧ୍ୟମରେ ଆୟୁର୍ବେଦକୁ ଗ୍ରହଣ କରିବାକୁ ଉତ୍ସାହିତ କରିବୁ । ବ୍ରାଣ୍ଡ ପକ୍ଷରୁ ଧାରା, ନିୟମ, ସମ ଏବଂ ଶକ୍ତି ଭଳି ଚାରୋଟି ଉପାଦାନ-ଆଧାରିତ ରେଞ୍ଜ ଶୁଭାରମ୍ଭ କରାଯାଇଛି । ପ୍ରତ୍ୟେକ ରେଞ୍ଜ ଆୟୁର୍ବେଦିକ ଉପାଦାନ ଏବଂ କ୍ଲିନିକାଲି ପ୍ରମାଣିତ ଉପାଦାନର ଏକ ଅନନ୍ୟ ସମନ୍ୱୟ ଉପରେ ଆଧାରିତ । ଏହି ରେଞ୍ଜରେ ୫୦ ରୁ ଅଧିକ ଉତ୍ପାଦର ସମ୍ଭାର ରହିଛି । ଏଥିରେ ଚର୍ମ / ତ୍ୱଚାର ଯତ୍ନ, କେଶ ଯତ୍ନ ଏବଂ ଶରୀର ଯତ୍ନ ଉତ୍ପାଦ ଅନ୍ତର୍ଭୁକ୍ତ ରହିଛି । 'ପୁରାବେଦା' ସମ୍ଭାରକୁ ଟିରା ଷ୍ଟୋର ଏବଂ ଟିରାର ୱେବ୍‌ସାଇଟରୁ କିଣାଯାଇପାରିବ ।

## ଯାତାୟାତ ପାଇଁ ରାସ୍ତା ପ୍ରଦାନକୁ ନେଇ ଉଠିଲା ପ୍ରଶ୍ନ

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ପଟିଆ ଚଢ଼େଇଖୁଣ୍ଟି ନିକଟରେ ପ୍ଲଟ ନଂ ୪୧୨ର ଉତ୍ତର ପଟେ ୧୦/୧୨ ଜଣ ବ୍ୟକ୍ତି ଛୋଟ ଛୋଟ ପ୍ଲଟ ରଖିଛନ୍ତି । ପରସ୍ପର ଯିବା ଆସିବା ପାଇଁ ସେମାନେ ୧୩ ଫୁଟିଆ ରାସ୍ତା ମଧ୍ୟ ରଖିଛନ୍ତି । ହେଲେ ଜିଏ ବିଭାଗ କର୍ମଚାରୀ କିପରି ପରସ୍ପରର ଯାତାୟାତ ପାଇଁ ଥିବା ୧୩ ଫୁଟର ରାସ୍ତା ସତ୍ତ୍ୱେ ପ୍ଲଟ ନଂ ୪୧୨ରୁ ୩୫ ଫୁଟ୍ ରାସ୍ତା ପ୍ରଦାନ କଲେ ତାହାକୁ ନେଇ ଅଭୟ ବଡ଼ଜେନା ପ୍ରଶ୍ନ ଉଠାଇଛନ୍ତି । ପ୍ରକାଶ ଯେ ପଟିଆ ଚଢ଼େଇଖୁଣ୍ଟି ପାର୍ଶ୍ୱରେ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଦଖଲ ଥିବା ଖାତା ନଂ ୨୭୦, ପ୍ଲଟ ନଂ ୪୧୨, ଏରିଆ ଏ୧.୧୫ଡି. ଜାଗାରେ ୧୯୩୧ ମସିହା ସେଟଲ୍‌ମେଣ୍ଟରେ ଦଖଲଦାର ଖତିଆନ କହିବା ମୁତାବକ ଧର୍ମାନନ୍ଦ ବଡ଼ଜେନା, ଗୋପି ରାୟ ଅଦ୍ୟାବଧି ବଂଶାନୁକ୍ରମେ ଦଖଲଦାର ହୋଇଆସୁଛନ୍ତି । କଟକ ଜିଲ୍ଲାରୁ ପୁରୀ ଜିଲ୍ଲା, ପୁରୀ ଜିଲ୍ଲାରୁ ଖୋର୍ଦ୍ଧା ଜିଲ୍ଲା ଭୁବନେଶ୍ୱର ସିନିଅର ସିଭିଲ୍ ଜଜକୋର୍ଟରେ ଟାଇଟଲ୍ ସୁଟ ନଂ. ୨୩୭/୧୯୯୨ ପୁରୀ ଜିଲ୍ଲାପାଳ ଓ ଭୁବନେଶ୍ୱର ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ମୋକଦ୍ଦମା ଦାଖଲ ହୋଇଥିଲା । କୌଣସି କାରଣ ଯୋଗୁଁ ୩୩ ବର୍ଷ ଧରି ଚାଲିଥିବା ମୋକଦ୍ଦମା ଖାରଜ ହୋଇଯାଇଥିଲା । ମୋକଦ୍ଦମା ବୁଝୁଥିବା ବ୍ୟକ୍ତି ମାରାତ୍ମକ ରୋଗରେ ଆକ୍ରାନ୍ତ ଥିବାରୁ ଜଣାପଡ଼ିନଥିଲା । ତେବେ ଗତ ଜୁଲାଇ ୧୦ ଓ ୧୧ ତାରିଖରେ ବିଡିଏ ପକ୍ଷରୁ ଘର ଗୁଡିକୁ ଉଚ୍ଛେଦ କରାଗଲା ପରେ ଜଣାପଡ଼ିଥିଲା ମୋକଦ୍ଦମା ବିଷୟବସ୍ତୁ । ଗତ ୧୭ ତାରିଖ ପୂର୍ବାହ୍ନ ୬.୩୦ରେ ଭୁବନେଶ୍ୱର ମହାନଗର ନିଗମର ଠିକାଦାର ପରିଚୟ ଦେଇ ୪ଟି ବଡ଼ ହୋମ୍‌ପାଇପ୍ ନର୍ଦ୍ଦମା ପାଣି ଯାଉଥିବା ବାଟରେ ପକାଇଥିଲେ । ଜମିର ଉତ୍ତର ପଟେ ଥିବା କିଛି ପ୍ଲଟ ମାଲିକ ପରସ୍ପର ଯିବା ଆସିବା ପାଇଁ ୧୩ ଫୁଟିଆ ରାସ୍ତା ମଧ୍ୟ ରଖିଛନ୍ତି । ତେବେ ଗତକାଲି ଦିନ ୧ଟା ବେଳେ ବିଡିଏ ଲୋକଙ୍କ ଉପସ୍ଥିତିରେ ଜିଏ ବିଭାଗ କର୍ମଚାରୀ ସେଠାକାର ଲୋକଙ୍କ ପାଇଁ ପ୍ଲଟ ନଂ, ୪୧୨ରୁ ୩୫ ଫୁଟିଆ ରାସ୍ତା ଦେଇଥିଲେ । ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଭୟ ବଡ଼ଜେନାଙ୍କ କହିବା କଥା ପଟିଆ ମୌଜା ସରକାରୀ ମୂଲ୍ୟ କେତେ । ରାସ୍ତା ପାଇଁ ବିଜ୍ଞପ୍ତି କେବେ ପ୍ରକାଶ ପାଇଛି । ଜିଏ ବିଭାଗ ଦେଇଥିବା ରାସ୍ତାର ମୂଲ୍ୟ ସର୍ବସାଧାରଣରେ ନିଲାମ କରାଯାଉ ବୋଲି ଅଭୟ ବଡ଼ଜେନା ଦାବି କରିଛନ୍ତି ।

## ୩ରେ ସଂଭାବନା ପକ୍ଷରୁ 'ବେନହୁର୍ ବିଶେଷ'

**ଭୁବନେଶ୍ୱର,୩୧।୭/ଏନ୍ଏନ୍ଏସ୍:** ସୁନାମଧନ୍ୟ ସ୍ତମ୍ଭକାର ଦାଶ ବେନହୁରଙ୍କ ୭୨ ତମ ଜୟନ୍ତୀ ଆସନ୍ତା ୩ତାରିଖ ଦିନ ସଂଭାବନା ପକ୍ଷରୁ ଆୟୋଜନ କରାଯାଉଛି । ସଂଧ୍ୟା ୬.୩୦ରେ ଗୀତଗୋବିନ୍ଦ ସଦନ ଠାରେ ଏହି ଶ୍ରଦ୍ଧା ଓ ସମ୍ବର୍ଦ୍ଧନାର ସଂଧ୍ୟା ଆୟୋଜିତ ହେବ । ପ୍ରମୁଖ ଅତିଥି ଭାବେ ଯୋଗ ଦେବେ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ଅଧ୍ୟାପକ ବିଶ୍ୱ ରଞ୍ଜନ ଓ ପ୍ରକାଶ ମିଶ୍ର ପ୍ରମୁଖ । ଏହି ଅବସରରେ ଦାଶ ବେନ୍‌ହୁରଙ୍କ ରଚିତ କିଛି ପୁସ୍ତକ ମଧ୍ୟ ଲୋକାର୍ପିତ ହେବ ବୋଲି ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, ସଂପାଦକ ଦେବ ପ୍ରସାଦ ପରିଜା, କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଦେବାଶିଷ ମହାପାତ୍ର ଓ ତ୍ରଷ୍ଟି ସ୍ମୃତି ମହାନ୍ତି ସୂଚନା ଦେଇଛନ୍ତି ।

## ବିଳମ୍ବରେ ଅଫିସ୍ ଆସୁଥିବା ସିଏମ୍‌ସି କର୍ମଚାରୀଙ୍କୁ ନୋଟିସ୍

**କଟକ,୩୧।୭/ଏନ୍ଏନ୍ଏସ୍ :** ସିଏମ୍‌ସି କର୍ମଚାରୀ ଅଫିସକୁ ବିଳମ୍ବରେ ଆସିବା ନେଇ ସିଏମ୍‌ସି କମିଶନର କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଯାହାକୁ ନେଇ ସିଏମ୍‌ସିର ୩୦ଜଣ କର୍ମଚାରୀଙ୍କ ଦରମା ବନ୍ଦ ପାଇଁ ନୋଟିସ୍ ଜାରି କରିଛନ୍ତି । କାହିଁକି ଦରମା ବନ୍ଦ ନ କରାଯିବ ସେ ନେଇ ୨୪ଘଣ୍ଟା ଭିତରେ ଉତ୍ତର ରଖିବାକୁ ନୋଟିସ୍‌ରେ କୁହାଯାଇଛି । ଅଫିସ ସମୟ ୧୦ଟା ଥିଲେ ମଧ୍ୟ କର୍ମଚାରୀମାନେ ଅଫିସ୍‌ରେ ଅନୁପସ୍ଥିତ ଥିଲେ । ଏମିତିକି ସିଏମ୍‌ସି କମିଶନର ୧୦ଟା ୩୦ମିନିଟ୍‌ରେ ସମୟରେ ଅଫିସ ଆସି ଦେଖିଲା ବେଳେ ଅଧିକାଂଶ ପିଅନ ଓ ଝାଡୁଦାର ମଧ୍ୟ ଅନୁପସ୍ଥିତ ଥିଲେ । ଏହାକୁ ନେଇ ନୂଆ କମିଶନର କିରଣଦୀପ କୌର ସାହୋତ କ୍ଷୁବ୍ଧ ହୋଇ ଏଭଳି ପଦକ୍ଷେପ ନେଇଛନ୍ତି ।

## ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ

**କଟକ,୩୧।୭/ଏନ୍ଏନ୍ଏସ୍ :** ରାଜ୍ୟ ପରିବହନ ପ୍ରାଧୀକରଣ (ଏସ୍‌ଟିଏ) ଓଡ଼ିଶାରେ ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ବିଶେଷ କରି ୫ରୁ ଅଧିକ ଅଣଦେୟ ଚାଲାଣ ଥିବା ଗାଡ଼ି ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ବିଭାଗର ଅତିରିକ୍ତ କମିଶନର ଲାଲମୋହନ ସେଠୀ ସୂଚନା ଦେଇଛନ୍ତି । ଏପର୍ଯ୍ୟନ୍ତ ପରିବହନ ବିଭାଗ ରାଜ୍ୟର ୧୦ହଜାରରୁ ଅଧିକ ଏପରି ଯାନ ଚିହ୍ନଟ କରିଛି ଯାହାର ଚାଲାଣ ଅନାଦେୟ ରହିଛି । ନୋଟିସ ପାଇବାର ୧୫ ଦିନ ମଧ୍ୟରେ ଯଦି ଚାଲାଣ ରାଶି ଜମା ନ କରାଯାଏ ତେବେ ପରିବହନ ବିଭାଗ ପଞ୍ଜୀକରଣ ବାତିଲ କରିବ ବୋଲି ଶ୍ରୀ ସେଠୀ କହିଛନ୍ତି । ପରିବହନ ବିଭାଗ ଟୋଲଗେଟ୍‌ଗୁଡ଼ିକରେ ସ୍ଥାପିତ ଇ-ଡିଟେକ୍ସନ୍ ସିଷ୍ଟମ୍ ମାଧ୍ୟମରେ ନିୟମ ଉଲ୍ଲଙ୍ଘନକାରୀଙ୍କ ବିଷୟରେ ସୂଚନା ପାଇବ । ପ୍ରାରମ୍ଭିକ ପର୍ଯ୍ୟାୟରେ ଆଜି ପର୍ଯ୍ୟନ୍ତ ମୋଟ ୨୦୦ ଗାଡ଼ି ଉପରେ ନୋଟିସ୍ ଜାରି କରାଯାଇଛି ।

### ଅବକାରୀ ଚଢ଼ଉ

## ୪୦କେଜି ଗଞ୍ଜେଇ ଜବତ, ୨ ଗିରଫ

**କଟକ,୩୧।୭/ଏନ୍ଏନ୍ଏସ୍ :** ଗଞ୍ଜେଇ ଚାଲାଣ ଅଭିଯୋଗରେ କଟକ ଜିଲ୍ଲା ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ ଫୁଲନଖରା ଠାରେ ଚଢ଼ଉ କରାଯାଇ ୪୦କିଲୋ ଗଞ୍ଜେଇ ଜବତ ହେବା ସହିତ ୨ ଜଣଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲ୍ଲା ଯଶୋବନ୍ତପୁଟ ଗ୍ରାମର ବନମାଳି ପଲେଇ (୪୦) ଓ ନୟାଗଡ଼ ଜିଲ୍ଲା ବିଜୟନଗର ଗ୍ରାମର ଚିତ୍ତରଞ୍ଜନ ମହାଲିକ (୩୪) । ସେମାନଙ୍କ ଠାରୁ ଅବକାରୀ ବିଭାଗ ଚୋରା ଗଞ୍ଜେଇ ଚାଲାଣ କରୁଥିବା ଏକ ସୁଇଫ୍ଟ ଡିଜାୟାର୍ ଗାଡ଼ି (ଓଡି୦୨ବିୟୁ୫୦୫୧)କୁ ଜବତ କରିଛି । ଅଭିଯୁକ୍ତ ଦ୍ୱୟ ଫୁଲବାଣୀରୁ ଗଞ୍ଜେଇ ଆଣି କଟକକୁ ଚାଲାଣ କରୁଥିବା ଅବକାରୀ ବିଭାଗ ନିକଟରେ ସ୍ୱୀକାର କରିଛନ୍ତି । ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି । ଅବକାରୀ ଗୁଇନ୍ଦା ବିଭାଗ ଅଧୀକ୍ଷକ ସତ୍ୟପ୍ରକାଶ ନାୟକଙ୍କ ନେତୃତ୍ୱରେ ହୋଇଥିବା ଚଢ଼ଉରେ ଇନ୍ସପେକ୍ଟର ଧୀରେନ ବେହେରା ଓ ଅବନୀ ମହାପାତ୍ର, ଏସ୍ଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ ଓ ଏସ୍ଆଇ ବିଭୂତି ପ୍ରଧାନ ଏବଂ ଏଏସ୍ଆଇ କିଶୋର ଚନ୍ଦ୍ର ରାଉତ ପ୍ରମୁଖ ସାମିଲ ଥିଲେ ।

## କିରଣଦୀପଙ୍କୁ ସିଡିଏ ଉପାଧ୍ୟକ୍ଷ ଦାୟିତ୍ୱ

**କଟକ,୩୧।୭/ଏନ୍ଏନ୍ଏସ୍ :** କଟକ ମହାନଗର ନିଗମର ନୂତନ କମିଶନର କିରଣଦୀପ କୌର ସାହୋତଙ୍କୁ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ର ଉପାଧ୍ୟକ୍ଷ ରୂପେ ଅତିରିକ୍ତ ଦାୟିତ୍ୱ ମିଳିଛି । ଏ ନେଇ ଆଜି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି ।

## ଜଳବନ୍ଦୀ ସମସ୍ୟାକୁ ନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ କର୍ପୋରେଟର୍

**କଟକ,୩୧।୭/ଏନ୍ଏନ୍ଏସ୍ :** ସିଏମ୍‌ସି ୫୨ନଂ ୱାର୍ଡ ଅନ୍ତର୍ଗତ ପ୍ରେସଛକ ଠାରୁ ଆରମ୍ଭ କରି ଲିଙ୍କରୋଡ୍, ମଧୁପାଟଣା ପ୍ରମିଳା ମଣ୍ଡପ ପର୍ଯ୍ୟନ୍ତ ଯାଇଥିବା ପୁରୁଣା ଡ୍ରେନ୍‌ଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ପାଣି ସଠିକ ଭାବେ ନିଷ୍କାସନ ହୋଇପାରୁନାହିଁ । ଏତଦ୍‌ବ୍ୟତୀତ ପ୍ରମିଳା ମଣ୍ଡପ ଠାରୁ କଲ୍ୟାଣୀନଗର ଛଅ ମହଲା ପର୍ଯ୍ୟନ୍ତ ପାଣି ନିଷ୍କାସନ ନିମନ୍ତେ ହୋମପାଇପ୍ ଯୋଗେ ଏମ୍ଏସ୍‌ଡବ୍ଲ୍ୟୁ-୧ରେ ଛଡ଼ାଯାଇଥାଏ । ଏହି ହୋମପାଇପ୍‌ଟି ୧୬ନଂ ଜାତୀୟ ରାଜପଥ ଦେଇ ଯାଇଥିବା ବେଳେ ଦୀର୍ଘଦିନ ଧରି ସିଏମ୍‌ସି ତରଫରୁ ଏହାକୁ ସଫା କରାଯାଇନାହିଁ ଏବଂ ଏହି ହୋମପାଇପ୍‌ରେ ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁ ଠାରୁ ଆରମ୍ଭ କରି କେତେକ ଜାଗାରେ ମୂଷା ମାଟି ଗାଳିବା ଦ୍ୱାରା ପାଇପଟି ଜାମ ହୋଇଯାଇଛି । ଫଳରେ ବର୍ଷାଜଳ ଠିକ ଭାବରେ ନିଷ୍କାସନ ହୋଇନପାରି ପ୍ରେସ୍ ଛକ, ସରକାରୀ ପ୍ରେସ୍ କାର୍ଯ୍ୟାଳୟ, ଶ୍ରୀରାମ ନଗର, କାଜିଡ଼ିହ, ସୁଭଦ୍ରାନଗର ଏବଂ ଶ୍ରୀଅରବିନ୍ଦ ନଗର ଆଦି ସ୍ଥାନରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି । ଏହି ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଯଥାଶୀଘ୍ର ପୁରୁଣା ଡ୍ରେନ୍ ସ୍ଥାନରେ ସ୍ଲାବ୍ ସହ ନୂତନ ଢ଼ଲେଇ ଡ୍ରେନ୍ କରାଯାଉ ଏବଂ ହୋମପାଇପ୍‌କୁ ସଫା କରିବା ପାଇଁ ୫୨ନଂ ୱାର୍ଡ କର୍ପୋରେଟର୍ ସୌଭାଗିନୀ ଜେନା ସିଏମ୍‌ସି ମେୟର୍ ଓ କମିସନର୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ସରସ୍ୱତୀ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**କଟକ,୩୧।୭/ଏନ୍ଏନ୍ଏସ୍ :** କଲେଜଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବ୍ରଜେନ୍ଦ୍ର କୁମାର ରାୟ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟ ବିନୋଦ କୁମାର ମିଶ୍ର ଯୋଗଦାନ କରି ବିଜ୍ଞାନର ଆବଶ୍ୟକତା ସଂକ୍ରାନ୍ତରେ ଆଲୋକପାତ କରିଥିଲେ । ବିଜ୍ଞାନ ପ୍ରଚାର ସମିତିର ପୂର୍ବତନ ସମ୍ପାଦକ ନିରଞ୍ଜନ ପାତ୍ର



ସମ୍ମାନିତ ଅତିଥିଭାବେ ଯୋଗଦାନ ଦେଇଥିଲେ । ପରିଚାଳନା ସମିତିର ସମ୍ପାଦକ ଡକ୍ଟର ସୌମ୍ୟରଞ୍ଜନ ମିଶ୍ର ଓ କୋଷାଧ୍ୟକ୍ଷ ବିଭୂତେନ୍ଦ୍ର ମହାନ୍ତି ଉପସ୍ଥିତ ହୋଇ ପିଲାମାନଙ୍କୁ ବିଜ୍ଞାନ ପ୍ରତି ରୁଚି ରଖିବାକୁ ଉତ୍ସାହିତ କରିଥିଲେ । ବିଜ୍ଞାନ ଶିକ୍ଷକ ମହେଶ୍ୱର ଦାସ, ମାନସ ରଞ୍ଜନ ପାଇଁ ଓ ଶରତ କୁମାର ସାହୁ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ମେଳାରେ ମୋଟ ୧୯୦ ଟି ପ୍ରକଳ୍ପ ପ୍ରଥମରୁ ଦଶମଶ୍ରେଣୀ ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଏହି ଅବସରରେ ୩୦ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ଆଚାର୍ଯ୍ୟ ରାମଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଷ୍ଟ୍ରେଲିଆ ଗସ୍ତ ପାଇଁ ଅଣ୍ଡର୍-୧୯ ଟିମ୍ ଘୋଷିତ

# ମାହାତ୍ରେଙ୍କୁ ପୁଣି ନେତୃତ୍ୱ, ବୈଭବ ସାମିଲ

**ମୁମ୍ବାଇ,୩୧।୭/ଏଜେନ୍ସି:** ଅଷ୍ଟ୍ରେଲିଆ ଗସ୍ତ ପାଇଁ ବିସିସିଆଇ ଅଣ୍ଡର-୧୯ ଭାରତୀୟ ଟିମ୍ ଘୋଷଣା କରିଛି। ସେପ୍ଟେମ୍ବର ୨୧ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ସିରିଜ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ଅଣ୍ଡର-୧୯ ଟିମ୍ ମଧ୍ୟରେ ୩ ଦିନିକିଆ ଏବଂ ୨ ଟେଷ୍ଟ୍ ମ୍ୟାଚ୍ ଖେଳାଯିବ। ଆୟୁଷ ମାହାତ୍ରେଙ୍କ ନେତୃତ୍ୱାଧୀନ ଟିମ୍‌ରେ ୧୪ ବର୍ଷୀୟ ଯୁବ ବ୍ୟାଟ୍ସମ୍ୟାନ୍ ବୈଭବ ସୂର୍ଯ୍ୟବଂଶୀଙ୍କୁ ସାମିଲ କରାଯାଇଛି।



ବୈଭବ ଏହା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତରେ ଟେଷ୍ଟ୍ ସିରିଜ୍ ଖେଳିସାରିଛନ୍ତି ଏବଂ ଇଂଲଣ୍ଡ ଗସ୍ତରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ଇଂଲଣ୍ଡରେ ସେ ୫ ଦିନିକିଆ ମ୍ୟାଚ୍‌ରେ ଗୋଟିଏ ଶତକ ସହ ୩୫୫ ରନ୍ କରିଥିଲେ। ସେ ୫୨ ବଲ୍‌ରେ ଶତକ ହାସଲର ରେକର୍ଡ ମଧ୍ୟ ନିଜ ନାମରେ କରିଥିଲେ।

**୩ ଦିନିକିଆ ଓ ୨ ଟେଷ୍ଟ୍ ମ୍ୟାଚ୍ ଖେଳାଯିବ**

ଦୁଇ ଟିମ୍ ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ୍ ରବିବାର (ସେପ୍ଟେମ୍ବର ୨୧)ରେ ଖେଳାଯିବ। ସିରିଜ୍‌ର ଦ୍ୱିତୀୟ ଦିନିକିଆ ବୁଧବାର (ସେପ୍ଟେମ୍ବର ୨୪) ଏବଂ ତୃତୀୟ ମ୍ୟାଚ୍ ୨୬ ତାରିଖରେ ଖେଳାଯିବ। ଏହାପରେ ଦୁଇ ଟିମ୍ ଦୁଇଟି ଟେଷ୍ଟ୍ ମ୍ୟାଚ୍‌ର ସିରିଜ୍‌ରେ ମୁହାଁମୁହିଁ ହେବେ। ସିରିଜ୍‌ର ପ୍ରଥମ ଚାରିଦିନିଆ ମ୍ୟାଚ୍ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୩ ଏବଂ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ୍ ମ୍ୟାଚ୍ ଅକ୍ଟୋବର ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଦିନିକିଆ ମ୍ୟାଚ୍‌ଗୁଡ଼ିକ ସହିତ ପ୍ରଥମ ଟେଷ୍ଟ୍ ମ୍ୟାଚ୍ ନର୍ଥମ୍ପଟନ୍‌ଶାୟର୍‌ରେ ଖେଳାଯିବ। ଦ୍ୱିତୀୟ ଟେଷ୍ଟ୍ ମ୍ୟାଚ୍ ମାର୍କେରେ ଆୟୋଜିତ ହେବ।

ଭାରତୀୟ ଅଣ୍ଡର-୧୯ ଟିମ୍: ଆୟୁଷ ମାହାତ୍ରେ (କ୍ୟାପ୍‌ଟେନ୍), ବିହାନ୍ ମାଲ୍‌ହୋତ୍ରା (ଭାଇସ୍ କ୍ୟାପ୍‌ଟେନ୍), ବୈଭବ ସୂର୍ଯ୍ୟବଂଶୀ, ବେଦାନ୍ତ ତ୍ରିବେଦୀ, ରାହୁଲ କୁମାର, ଅଭିଜ୍ଞାନ କୁଣ୍ଡୁ (ୱିକେଟ୍‌କିପର୍), ହରବଂଶ ସିଂହ (ୱିକେଟ୍‌କିପର୍), ଆର୍‌ଏସ୍ ଅମ୍ବରୀଶ, କନିଷ୍କ ଚୌହାନ୍, ନମନ ପୁଷ୍ପକ, ହେନିଲ୍ ପଟେଲ୍, ଡି ଦୀପେଶ, କିଶନ୍ କୁମାର, ଅନମୋଲଜିତ୍ ସିଂହ, ଖିଲନ ପଟେଲ୍, ଉଦ୍ଧବ ମୋହନ, ଅମନ ଚୌହାନ୍।

ଷ୍ଟାଣ୍ଡ୍‌ବାଇ ଖେଳାଳି: ଯୁଦ୍ଧଜିତ୍ ଗୁହା, ଲକ୍ଷ୍ମଣ, ବିକେ କିଶୋର, ଅଲଙ୍କୃତ ରାପୋଲ୍, ଅର୍ଣ୍ଣବ ବୁଗ୍‌ଗା।

## ଓଭାଲ୍ ଟେଷ୍ଟ୍: କରୁଣ ନାୟରଙ୍କ ଅର୍ଦ୍ଧଶତକ

# ପ୍ରଥମ ଦିନ ଭାରତ ୨୦୪/୬

**ଲଣ୍ଡନ,୩୧।୭/ଏଜେନ୍ସି:** ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ପଞ୍ଚମ ତଥା ଅନ୍ତିମ ଟେଷ୍ଟ୍ ମ୍ୟାଚ୍ ସ୍ଥାନୀୟ ଓଭାଲ୍ କ୍ରିକେଟ୍ ଗ୍ରାଉଣ୍ଡରେ ଗୁରୁବାର ଆରମ୍ଭ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଭାରତର ପ୍ରଥମ ଦିନ ଖେଳ ଶେଷ ବେଳକୁ ୬ ପ୍ରଥମ ଇନିଂସ୍‌ରେ ୬ ୱିକେଟ୍ ହରାଇ ୨୦୪ ରନ୍ କରିଥିଲା। ଷ୍ଟମ୍ପ ବେଳକୁ କରୁଣ ନାୟର୍ ୫୨ ଏବଂ ୱାଶିଂଟନ୍ ସୁନ୍ଦର ୧୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଇଂଲଣ୍ଡ ପକ୍ଷରୁ ଗସ୍ ଆଟ୍‌କିନ୍‌ସନ୍ ଓ ଜୋଶ୍ ଟଙ୍ଗ୍ ୨-୨ ୱିକେଟ୍ ଅକ୍ତିଆର କରିଥିବା ବେଳେ କ୍ରିସ୍ ୱୋକ୍ସଙ୍କୁ ଗୋଟିଏ ସଫଳତା ମିଳିଛି।



ପାଞ୍ଚ ଟେଷ୍ଟ୍‌ର ସିରିଜ୍‌ରେ ୨-୧ରେ ପଛୁଆ ଥିବା ଭାରତ ପାଇଁ ଏହି ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ଇନିଂସ୍‌ର ଚତୁର୍ଥ ଓଭର୍‌ରେ ଯଶସ୍ୱୀ ଜୟସ୍ୱାଲ୍ (୨) ଗସ୍ ଆଟ୍‌କିନ୍‌ସନ୍‌ଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଏହାପରେ କେଏଲ୍ ରାହୁଲ ମାତ୍ର ୧୨ ରନ୍ କରି କ୍ରିସ ୱୋକ୍ସଙ୍କ ଶିକାର ହୋଇଥିଲେ। କ୍ୟାପ୍‌ଟେନ୍ ଶୁଭମନ୍ ଗିଲ୍ ଓ ସାଇ ସୁଦର୍ଶନ ଇନିଂସ୍ ସମ୍ଭାଳି ଲଞ୍ଚ୍ ପର୍ଯ୍ୟନ୍ତ କୌଣସି ୱିକେଟ୍ ପଡ଼ିବାକୁ ଦେଇନଥିଲେ। ଲଞ୍ଚ୍ ପରେ ବର୍ଷା ଏବଂ ଓଦା ଆଉଟ୍‌ଫିଲ୍ଡ କାରଣରୁ ଖେଳ ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା। ଖେଳ ଆରମ୍ଭ ହେବା ପରେ ଟିମ୍ ଇଣ୍ଡିଆକୁ ଶୀଘ୍ର ତୃତୀୟ ଝଟ୍‌କା ଲାଗିଥିଲା। ଗିଲ୍ ୨୧ ରନ୍‌ର ବ୍ୟକ୍ତିଗତ ସ୍କୋର୍‌ରେ ରନ୍‌ଆଉଟ୍ ହୋଇଥିଲେ। ଗିଲ୍‌ଙ୍କ ଆଉଟ୍ ପରେ ପୁଣି ବର୍ଷା ହେବାରୁ ଖେଳ ରୋକିବାକୁ ପଡ଼ିଥିଲା। ଦ୍ୱିତୀୟ ସେସନ୍‌ରେ ମାତ୍ର ୬ ଓଭର୍ ଖେଳ ସମ୍ଭବ ହୋଇଥିଲା। ଏହାପରେ ସାଇ ସୁଦର୍ଶନ (୩୮) ଓ ରବୀନ୍ଦ୍ର ଜାଡ଼େଜା (୯) ପ୍ୟାଭିଲିୟନ୍ ଫେରିଥିଲେ। ଦଳୀୟ ସ୍କୋର୍‌ରେ ଆଉ ୩୦ ରନ୍ ଯୋଗହେବା ପରେ ଧ୍ରୁବ ଜୁରେଲ୍ (୧୯) ମଧ୍ୟ ବିଦାୟ ନେଇଥିଲେ। ଏହାପରେ କ୍ରିଜ୍‌ରେ ଯୋଗ ଦେଇଥିବା ୱାଶିଂଟନ୍ ସୁନ୍ଦର କରୁଣ ନାୟରଙ୍କ ସହ ସତର୍କତାର ସହ ବ୍ୟାଟିଂ କରି ସ୍କୋର୍ ୨୦୦ ରନ୍‌ରେ ପହଞ୍ଚାଇଥିଲେ। ଇତିମଧ୍ୟରେ ନାୟର୍ ୮୯ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ।

ଏହି ମ୍ୟାଚ୍‌ରେ ଟିମ୍ ଇଣ୍ଡିଆରେ ଚାରିଟି ପରିବର୍ତ୍ତନ ହୋଇଛି। ଜସ୍‌ପ୍ରୀତ୍ ବୁମ୍‌ରା, ଋଷଭ ପନ୍ତ, ଅଂଶୁଲ କମ୍ବୋଜ ଓ ଶାର୍ଦ୍ଦୁଳ ଠାକୁର ବାଦ୍ ପଡ଼ିଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣା, କରୁଣ ନାୟର, ଆକାଶ ଦୀପ୍ ଓ ଧ୍ରୁବ ଜୁରେଲ୍ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇଛନ୍ତି। ସେହିପରି ଇଂଲଣ୍ଡ ଏକାଦଶରୁ କ୍ୟାପ୍‌ଟେନ୍ ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚର୍, ବ୍ରାୟଡନ୍ କାର୍ସ ଓ ଲିଆମ୍ ଡସନ୍‌ଙ୍କୁ ବାଦ୍ ଦିଆଯାଇଛି। ଓଲି ପୋପ୍ ମ୍ୟାଚ୍‌ରେ ଟିମ୍‌ର ନେତୃତ୍ୱ ନେଉଛନ୍ତି।

## ଏଚ୍‌ସିଏର ତିନି ଶୀର୍ଷ ପଦାଧିକାରୀ ନିଲମ୍ବିତ

**ହାଇଦ୍ରାବାଦ,୩୧।୭/ଏଜେନ୍ସି:** ହାଇଦ୍ରାବାଦ କ୍ରିକେଟ୍ ସଂଘ (ଏଚ୍‌ସିଏ) ତିନିଜଣ ପ୍ରମୁଖ ପଦାଧିକାରୀ ସଭାପତି ଏ ଜଗନ ମୋହନ ରାଓ, ସମ୍ପାଦକ ଆର୍ ଦେବରାଜ ଏବଂ କୋଷାଧ୍ୟକ୍ଷ ସିଜେ ଶ୍ରୀନିବାସ ରାଓଙ୍କୁ ନିଲମ୍ବିତ କରିଛି। ସଂଘର ଆପେକ୍ସ କାଉନ୍‌ସିଲ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଆପେକ୍ସ କାଉନ୍‌ସିଲ୍ ଗୁରୁବାର ଏକ ବିବୃତି ଜାରିକରି କହିଛି, ଏଚ୍‌ସିଏ ମେମୋରାଣ୍ଡମ୍ ଅଫ୍ ଆସୋସିଏସନ୍ ରୁଲ୍ସ ଆଣ୍ଡ୍ ରେଗୁଲେସନ୍‌ସ ୨୦୧୮ର ନିୟମ ୪୧ (୬) ଏବଂ ନିୟମ ୧୫(୪) (ଘ) ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଇଛି। ସମସ୍ତ ତିନି ପଦାଧିକାରୀ ପାଣ୍ଠିର ଅପବ୍ୟବହାର ଏବଂ ଜାଲିଆତି ଅଭିଯୋଗରେ ଏବେ ପୁଲିସ ହେପାଜତରେ ଅଛନ୍ତି।

ବିଜ୍ଞପ୍ତିରେ କୁହାଯାଇଛି ଯେ 'ଜାଲିଆତି, ଠକେଇ, ପାଣ୍ଠିର ଅପବ୍ୟବହାର ଏବଂ ସରକାରୀ ପଦବୀର ଅପବ୍ୟବହାର ସହିତ ଜଡିତ ଗୁରୁତର ଅଭିଯୋଗ' ପାଇଁ ତିନି ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସିଆଡି ଏବଂ ଇଡି ଭଳି ତଦନ୍ତକାରୀ ସଂସ୍ଥା ଅଭିଯୋଗଗୁଡ଼ିକର ତଦନ୍ତ କରୁଛନ୍ତି। ସଭାପତି, ସମ୍ପାଦକ ଏବଂ କୋଷାଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ ଦଳଜିତ ସିଂହ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ଆଇସିସି ଯୋଗ୍ୟତା ପ୍ରଣାଳୀ ବାଧକ

# ଅଲିମ୍ପିକ୍‌ରୁ ବାଦ୍ ପଡ଼ିପାରେ ପାକିସ୍ତାନ

**ନୂଆଦିଲ୍ଲୀ,୩୧।୭/ଏଜେନ୍ସି:** ଆଗାମୀ ୨୦୨୮ ଲସ୍ ଏଞ୍ଜେଲ୍ସରୁ ପୂର୍ବତନ ଟି-୨୦ ବିଶ୍ୱ ଚାମ୍ପିଅନ୍ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ପୁରୁଷ ଟିମ୍ ବାହାର ହୋଇପାରନ୍ତି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ଅଲିମ୍ପିକ୍ ଯୋଗ୍ୟତା ପାଇଁ ନିର୍ଦ୍ଧାରିତ କ୍ଷେତ୍ରୀୟ ଯୋଗ୍ୟତା ପ୍ରଣାଳୀ ଏହାର ମୁଖ୍ୟ କାରଣ। ୧୨୮ ପରେ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍‌ରେ କ୍ରିକେଟ୍‌ରେ ପ୍ରତ୍ୟାବର୍ତ୍ତନ ଘଟିବାକୁ ଯାଉଛି। ଏଥିରେ ୬ଟି ଲେଖାଏଁ ପୁରୁଷ ଓ ମହିଳା ଟିମ୍ ଟି-୨୦ ଫର୍ମାଟ୍‌ରେ ଭାଗନେବେ।

ବ୍ରିଟିଶ୍ ଖବରକାଗଜ ଦ ଗାର୍ଡିଆନ୍ ରିପୋର୍ଟ ଅନୁସାରେ ଆଇସିସି ଅଲିମ୍ପିକ୍ ପାଇଁ କ୍ଷେତ୍ରୀୟ ଯୋଗ୍ୟତା ପ୍ରଣାଳୀ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ଏହା ଅନୁସାରେ ଏସିଆ, ଓସେନିଆ, ୟୁରୋପ ଏବଂ ଆଫ୍ରିକାର ଶୀର୍ଷ ର୍ୟାଙ୍କର ଟିମ୍ ଯୋଗ୍ୟତା ଅର୍ଜନ କରିବେ। ଆୟୋଜକ ଦେଶ ହିସାବରେ ଆମେରିକାକୁ (ଆମେରିକୀୟ କ୍ଷେତ୍ରର ପ୍ରତିନିଧି) ସିଧା ପ୍ରବେଶ ମିଳିବ। ଏହି ପ୍ରଣାଳୀରେ ୱେଷ୍ଟଇଣ୍ଡିଜ୍ ଟିମ୍ ମଧ୍ୟ ପ୍ରଭାବିତ ହୋଇପାରନ୍ତି। କାରଣ କ୍ୟାରିବିୟାନ୍ ଦେଶଗୁଡ଼ିକୁ ଆମେରିକାର ସହିତ ଗୋଟିଏ କ୍ଷେତ୍ରରେ ରଖାଯାଇଛି। ବର୍ତ୍ତମାନ ଟି-୨୦ ର୍ୟାଙ୍କିଙ୍ଗ୍ ଆଧାରରେ ଭାରତ (ଏସିଆ), ଅଷ୍ଟ୍ରେଲିଆ (ଓସେନିଆ), ଗ୍ରେଟ୍ ବ୍ରିଟେନ୍ (ୟୁରୋପ) ଏବଂ ସାଉଥ୍ ଆଫ୍ରିକା (ଆଫ୍ରିକା) କ୍ୱାଲିଫାଏ କରିବେ। ଆମେରିକା ଆୟୋଜକ ରୂପେ ଅଂଶଗ୍ରହଣ କରିବ। ଯଦିଓ ନ୍ୟୁଜିଲାଣ୍ଡ ବର୍ତ୍ତମାନ ଟି-୨୦ ର୍ୟାଙ୍କିଙ୍ଗ୍‌ର ଚତୁର୍ଥ ସ୍ଥାନରେ ରହିଛି, ତେବେ ଓସେନିଆ କ୍ଷେତ୍ରରୁ ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆ ସାମ୍ନାରେ କ୍ୱାଲିଫାଏ କରିବାର ସୁଯୋଗ ମିଳିବ ନାହିଁ। ଏହି ପ୍ରକାରେ ପାକିସ୍ତାନ (ଅଷ୍ଟମ) ଓ ଶ୍ରୀଲଙ୍କା (ସପ୍ତମ) ଟିମ୍‌ଙ୍କୁ ମଧ୍ୟ ଭାରତ ସାମ୍ନାରେ ସ୍ଥାନ ମିଳିବ ନାହିଁ।



**୧୨୮ ବର୍ଷ ପରେ ଅଲିମ୍ପିକ୍‌ରେ କ୍ରିକେଟ୍‌ର ପ୍ରତ୍ୟାବର୍ତ୍ତନ**

ରିପୋର୍ଟ ଅନୁସାରେ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ଆଇସିସିର ଏହି ନିଷ୍ପତ୍ତିରେ ଅସନ୍ତୁଷ୍ଟ ଥିବା ଜଣାଯାଇଛି। ଯଦିଓ ଏହି ପ୍ରସ୍ତାବକୁ ଏ ପର୍ଯ୍ୟନ୍ତ ଆଇସିସି ବୋର୍ଡର ଔପଚାରିକ ମଞ୍ଜୁରୀ ମିଳିବା ବାକି ଅଛି। କିନ୍ତୁ ଏଥିରେ ପରିବର୍ତ୍ତନ ହେବା ସମ୍ଭାବନା କମ୍। ସେହିପରି ଆୟୋଜକ ହୋଇଥିବା ସତ୍ତ୍ୱେ ଆମେରିକାର ଅଂଶଗ୍ରହଣ ମଧ୍ୟ ଅନିଶ୍ଚିତ। ଅଲିମ୍ପିକ୍ ଚାର୍ଟର୍ ନିୟମ ଅନୁସାରେ ଆମେରିକାକୁ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାପାଇଁ ୟୁଏସ୍ ଅଲିମ୍ପିକ୍ ଏବଂ ପାରାଲିମ୍ପିକ୍ କମିଟି (ୟୁଏସ୍‌ଓପିସି) ଜାତୀୟ ଗଭର୍ଣ୍ଣିଂ ବୋର୍ଡ (ଏନ୍‌ଜିବି)ର ମାନ୍ୟତା ପ୍ରାପ୍ତ କରିବାକୁ ହେବ। ଯଦି ଆମେରିକା ଏହି ମାନ୍ୟତା ହାସଲ କରିବାରେ ବିଫଳ ହୁଏ, ତେବେ ତାକୁ ଟୁର୍ଣ୍ଣାମେଣ୍ଟରୁ ବାହାର ହେବାକୁ ପଡ଼ିବ। ସୂଚନାଯୋଗ୍ୟ, ଆମେରିକା ୨୦୨୪ ଟି-୨୦ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରି ସୁପର୍-୮ରେ ସ୍ଥାନ ହାସଲ କରିଥିଲା ଏବଂ ଗ୍ରୁପ୍ ପର୍ଯ୍ୟାୟରେ ପାକିସ୍ତାନକୁ ହରାଇଥିଲା।

ଅନ୍ୟପକ୍ଷରେ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟ ପାଇଁ କ୍ୱାଲିଫିକେସନ୍ ଆସନ୍ତା ମାସରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଆଧାରରେ ସ୍ଥିର ହେବ। ଏହି ପ୍ରକାରେ ପୁରଷ ଓ ମହିଳା ଟୁର୍ଣ୍ଣାମେଣ୍ଟ ପାଇଁ ଭିନ୍ନ ଭିନ୍ନ ଯୋଗ୍ୟତା ପ୍ରକ୍ରିୟା ଅନୁକରଣ କରାଯିବ।

## ଅଗଷ୍ଟ ୨୯ରୁ ପ୍ରୋ କବାଡ଼ି ଲିଗ୍

### ଚାରି ସହରରେ ଖେଳାଯିବ ଟୁର୍ଣ୍ଣାମେଣ୍ଟ



**ନୂଆଦିଲ୍ଲୀ,୩୧।୭/ଏଜେନ୍ସି:** ପ୍ରୋ କବାଡ଼ି ଲିଗ୍ (ପିକେଏଲ୍)ର ଦ୍ୱାଦଶ ସିଜନ୍ ଅଗଷ୍ଟ ୨୯ରୁ ଆରମ୍ଭ ହେବ ଏବଂ ଏହା ଚାରି ସହର ବିଶାଖାପାଟଣା, ଜୟପୁର, ଚେନ୍ନାଇ ଓ ନୂଆଦିଲ୍ଲୀରେ ଆୟୋଜିତ କରାଯିବ। ଗୁରୁବାର ଆୟୋଜକଙ୍କ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି, ସିଜନ୍‌ର ପ୍ରଥମ ଦିନ ବିଶାଖାପାଟଣାର ରାଜୀବ ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ତେଲୁଗୁ ଟାଇଟନ୍ସର ସାମ୍ନା ତାମିଲ ଥଲାଇଭାଜ୍ ସହ ଏବଂ ବେଙ୍ଗାଲୁରୁ ବୁଲ୍ସର ପୁନେରୀ ପଲ୍‌ଟନ୍ ସହ ହେବ। ବିଶାଖାପାଟଣାରେ ୨୦୧୮ ପରେ ପ୍ରଥମ ଥର ପିକେଏଲ୍‌ର ମ୍ୟାଚ୍ ଖେଳାଯିବ। ଲିଗ୍‌ର ଦ୍ୱିତୀୟ ଚରଣ ସେପ୍ଟେମ୍ବର ୧୨ରୁ ଜୟପୁରର ସବାଇ ମାନସିଂହ ଷ୍ଟାଡିୟମ୍‌ର ଇନ୍‌ଡୋର ହଲ୍‌ରେ ଆୟୋଜନ କରାଯିବ। ଏଠାରେ ୨୦୨୩-୨୪ ସିଜନ୍‌ରେ ଟୁର୍ଣ୍ଣାମେଣ୍ଟର ଏକ ହଜାରତମ ମ୍ୟାଚ୍ ପୂରା ହୋଇଥିଲା। ତୃତୀୟ ସିଜନ୍ ସେପ୍ଟେମ୍ବର ୨୯ରୁ ଚେନ୍ନାଇର ଏସ୍‌ଡିଏଟି ଇନ୍‌ଡୋର ଷ୍ଟାଡିୟମ୍‌ରେ ଏବଂ ଚତୁର୍ଥ ତଥା ଅନ୍ତିମ ଚରଣ ଅକ୍ଟୋବର ୧୩ରୁ ନୂଆଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମ୍‌ରେ ଆୟୋଜିତ ହେବ। ପ୍ଲେଅଫ୍ କାର୍ଯ୍ୟକ୍ରମ ପରେ ଘୋଷଣା କରାଯିବ।

## ଦେଶ ବିଦେଶ

# ସାବଧାନ ଅଙ୍କଲ୍ ସାମ୍: ଏହା ହେଉଛି ନୂଆ ଭାରତ

ଆମେରିକାର ପାଗଳ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତକାଲି ଭାରତ ଉପରେ ୨୫% ବାଣିଜ୍ୟ ଟାରିଫ୍ ଲାଗୁ କରିଛନ୍ତି। ଏହା ସାରା ବିଶ୍ୱର ଦୁର୍ବଳ ରାଷ୍ଟ୍ରଗୁଡ଼ିକୁ ନିଜ କ୍ଷମତା ପ୍ରଦର୍ଶନ ସହିତ ସେମାନଙ୍କ ଉପରେ ନିଜ ସର୍ତ୍ତାବଳୀ ଗ୍ରହଣ କରିବା ପାଇଁ ପକାଉଥିବା ଚାପର ଅନ୍ୟତମ ଦୃଷ୍ଟାନ୍ତ। ଏହି ପାଗଳ ବ୍ୟକ୍ତି କେବଳ ଏତିକିରେ ଅଟକି ନଥିଲେ, ବରଂ ଭାରତକୁ ରୁଷରୁ ଇନ୍ଧନ ଏବଂ ଶକ୍ତି ଆମଦାନୀ ପାଇଁ ଅତିରିକ୍ତ ଶୁଳ୍କ ଦେବାକୁ ପଡିବ ବୋଲି ମଧ୍ୟ କହିଥିଲେ। ଏହା ଆଶା କରାଯାଉଥିଲା, କିନ୍ତୁ ବର୍ତ୍ତମାନ ଏହି ପାଗଳ ବ୍ୟକ୍ତି ଅଗଷ୍ଟ ୧ରୁ ଏହାକୁ କାର୍ଯ୍ୟକାରୀ କରିବାକୁ ଘୋଷଣା କରିଛନ୍ତି।

ନିଜର ଅସ୍ଥିର ଚିନ୍ତାଧାରା ଏବଂ ନିଷ୍ପତ୍ତି ଯୋଗୁଁ ବିଶ୍ୱରେ ବିଶ୍ୱସନୀୟତା ହରାଉଥିବା ଟ୍ରମ୍ପ ଜାଣନ୍ତି ଯେ ଏହା ହେଉଛି ମୋଦୀଙ୍କ ନେତୃତ୍ୱରେ ନୂତନ ଭାରତ, ଯାହା କୌଣସି ଅଯଥା ଚାପ ଆଗରେ ମୁଣ୍ଡ ନୁଆଏଁ ନାହିଁ ଏବଂ କେବଳ ତାହା କରେ ଯାହା ଭାରତ ଓ ଭାରତୀୟଙ୍କ ହିତରେ। ଯଦି ଟ୍ରମ୍ପ ଆମେରିକା ପ୍ରଥମ କୁହନ୍ତି, ତେବେ ମୋଦିଜୀ ମଧ୍ୟ ଦୃଢ଼ ଭାବରେ ଭାରତ ଏବଂ ଭାରତୀୟମାନଙ୍କୁ ପ୍ରାଥମିକତା ଦେଇଥାନ୍ତି। ଏଥିପାଇଁ ଯାହା କରିବାକୁ ପଡିବ, ସେ ତାହା କରନ୍ତି।

ଆମେ ଏହାର ଅର୍ଥନୈତିକ ଦିଗ ବିଷୟରେ ପରେ ଆଲୋଚନା କରିବୁ। କିନ୍ତୁ ମୁଁ ଭାବୁଛି ଏତେ ଶୀଘ୍ର ଏହି ଘୋଷଣା କରିବାର କାରଣ ହେଉଛି ଯେ ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ଭାରତୀୟ ସଂସଦରେ ଘୋଷଣା କରିଥିଲେ ଯେ ଅପରେସନ ସିନ୍ଦୂର ବନ୍ଦ ରଖିବା ପାଇଁ ଜୁନ୍ ୧୭ ତାରିଖ ପର୍ଯ୍ୟନ୍ତ ସେ କୌଣସି ବିଶ୍ୱ ନେତାଙ୍କ ସହ କଥା ହୋଇନଥିଲେ। ଏହା ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି କରାଇଥିବା ଟ୍ରମ୍ପଙ୍କ ୨୯ ଥରର ଦାବିକୁ ଚୂରମାର କରିଦେଇଥିଲା। ଯେତେବେଳେ ଟ୍ରମ୍ପଙ୍କ ସହ କୌଣସି ଆଲୋଚନା ହୋଇନଥିଲା, ସେତେବେଳେ ଯୁଦ୍ଧବିରତି ସ୍ୱପ୍ନରେ ହୋଇଥିଲା। ବିଶ୍ୱର ଜଣେ ବିଶ୍ୱସ୍ତରୀୟ ନେତାଙ୍କ ପାଇଁ ଏହାଠାରୁ ବଡ଼ ସାର୍ବଜନୀନ ଅପମାନ କ'ଣ ହୋଇପାରେ ? ମୋଦି ଜୀ ଏହା ମଧ୍ୟ କହିଥିଲେ ଯେ ମେ' ୯ ତାରିଖ ରାତିରେ ସୁରକ୍ଷା ଏଜେନ୍ସିଗୁଡ଼ିକ ସହିତ ଏକ ବିଶେଷ ବୈଠକ କରୁଥିବା ବେଳେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ତାଙ୍କୁ ଫୋନ୍ କରିଥିଲେ। ପ୍ରାୟ ଗୋଟିଏ ଘଣ୍ଟା ପରେ ମୋଦି ଜୀ ଭାନ୍ସଙ୍କୁ ଫୋନ୍ କରିବା ପରେ ଉପରାଷ୍ଟ୍ରପତି ଭାନ୍ସ ମୋଦି ଜୀଙ୍କୁ କହିଥିଲେ ଯେ ପାକିସ୍ତାନ ଏକ ବଡ଼ ଆକ୍ରମଣ କରିବାକୁ ଯାଉଛି। ଏହାର ଜବାବରେ ମୋଦି ଜୀ ଉତ୍ତର ଦେଇଥିଲେ ଯେ ଏହାର ଉପଯୁକ୍ତ ଜବାବ ଦିଆଯିବ। ମୋଦୀ ଜୀ ଏହି କଥାବାର୍ତ୍ତା ବିଷୟରେ ଚିନ୍ତିତ ନଥିଲେ କାରଣ ସେ ପ୍ରତ୍ୟେକ ପ୍ରକାରର ବିପର୍ଯ୍ୟୟ ପାଇଁ ପ୍ରସ୍ତୁତ ଥିଲେ। ଏହା ଜଣେ ବିଦେଶୀ ନେତାଙ୍କ ସହିତ ଏକମାତ୍ର କଥାବାର୍ତ୍ତା ଥିଲା। ଏହାପରେ ଆମେରିକା ରାଷ୍ଟ୍ରପତି ମୋଦୀ ଜୀଙ୍କୁ ବ୍ରିକ୍ସ ସମ୍ମେଳନରେ ଭେଟିପାରି ନଥିବାରୁ ଜୁନ୍ ୧୭ ତାରିଖରେ ତାଙ୍କ ସହ ଫୋନ୍‌ରେ କଥାବାର୍ତ୍ତା ହୋଇଥିଲେ। ସେତେବେଳକୁ ଯୁଦ୍ଧବିରତୀ (ଜୁନ୍ ୧୦) ହୋଇସାରିଥିଲା। ଏହି ଅବସରରେ ଯୁଦ୍ଧବିରତି ସମ୍ପର୍କରେ ତାଙ୍କ ସହିତ କୌଣସି ଆଲୋଚନା ମଧ୍ୟ ହୋଇନଥିଲା। ଭାରତର ବୈଦେଶିକ ସଚିବ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ସାର୍ବଜନୀନ କରିଥିଲେ। ଏହି ଫୋନ୍ କଥାବାର୍ତ୍ତା ବେଳେ ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବ୍ରିକ୍ସ ସମ୍ମେଳନରୁ ଫେରିବା ବେଳେ ଆମେରିକା ଆସିବାକୁ ଟ୍ରମ୍ପ କରିଥିବା ନିମନ୍ତ୍ରଣକୁ ମଧ୍ୟ ମୋଦୀ ଜୀ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ସେ କହିଥିଲେ ଭାରତରେ ତାଙ୍କର ବହୁତ କାମ ଅଛି।

ଏହା ପୂର୍ବରୁ, ପାକିସ୍ତାନୀ ଡିଜିଏମ୍‌ଓ ଭାରତୀୟ ଡିଜିଏମଓଙ୍କୁ ଯୁଦ୍ଧବିରତି ପାଇଁ ଅନୁରୋଧ କରିଥିବା ମଧ୍ୟ ଭାରତୀୟ ସେନା କହିସାରିଥିଲା। କିନ୍ତୁ ବିଶ୍ୱର ମାମଲତକାର ପରି ଘୁରି ବୁଲୁଥିବା ଟ୍ରମ୍ପ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି କରିଥିବା ମିଥ୍ୟା ପ୍ରଚାର କରିଚାଲିଥିଲେ। ଏହା କେବଳ ଟ୍ରମ୍ପଙ୍କୁ ନୁହେଁ ବରଂ କଂଗ୍ରେସର ରାଜକୁମାର ରାହୁଲ ଗାନ୍ଧୀ ଏବଂ ସମଗ୍ର ଇଣ୍ଡିଆ ମେଣ୍ଟକୁ ମଧ୍ୟ ଆଶ୍ଚର୍ଯ୍ୟ କରିଥିଲା। ଯୁଦ୍ଧବିରତି ପରଠାରୁ ରାହୁଲ ଗାନ୍ଧୀ 'ନରେନ୍ଦ୍ର ସରେଣ୍ଡର୍' ନେରେଟିଭ୍ ପ୍ରଚାର ଆରମ୍ଭ କରିଥିଲେ। କହି ବୁଲୁଥିଲେ ଯେ ଟ୍ରମ୍ପଙ୍କ ଫୋନ୍ ଆସିଥିଲା ନରେନ୍ଦ୍ର ସରେଣ୍ଡର୍ ଏବଂ ନରେନ୍ଦ୍ର ଟ୍ରମ୍ପଙ୍କ କହିବା ଅନୁସାରେ ସରେଣ୍ଡର୍ କରିଥିଲେ। ତେବେ ସଂସଦରେ ମୋଦୀଙ୍କ ବୟାନ ପରେ ରାହୁଲଙ୍କ ମିଛ ଧରାପଡ଼ିଯାଇଛି ଏବଂ ସେ ମୁହଁ ଲୁଚାଇବାକୁ ଜାଗା ପାଉନାହାନ୍ତି। ମନେ ରଖନ୍ତୁ, ମିଛର କୌଣସି ଗୋଡ଼ ନଥାଏ।

ଏବେ ଟ୍ରମ୍ପଙ୍କ ଟାରିଫ୍ ଯୁଦ୍ଧ ଆରମ୍ଭ ପରେ ରାହୁଲ ନିଶ୍ଚୟ ବୁଝିସାରିଥିବେ ଯେ ମୋଦୀ, ଭାରତ ଏବଂ ଭାରତୀୟମାନେ କୌଣସି ବୈଷ୍ଣ ଚାପ ଆଗରେ ମୁଣ୍ଡ ନୁଆଁନ୍ତି ନାହିଁ। ଗତକାଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଛି, ଆମେରିକା ସହିତ ଟାରିଫ୍ ସମ୍ବନ୍ଧୀୟ ଆଲୋଚନା ବେଳ ଭାରତୀୟ ଚାଷୀ ଏବଂ ଭାରତୀୟଙ୍କ ସ୍ୱାର୍ଥ ସହ କୌଣସି ବୁଝାମଣା କରାଯିବ ନାହିଁ। ଆମେରିକାର ଏହି ଟାରିଫ୍ ଫଳରେ ଷ୍ଟକ୍ ମାର୍କେଟ୍‌ରେ କିଛିଟା ଉତ୍‌ଥାନ-ପତନ ଦେଖିବାକୁ ମିଳିପାରେ, କିନ୍ତୁ ତାହା ମଧ୍ୟ ସୁଧୁରିଯିବ।


ମନେ ହେଉଛି, ରୁଷ ସହିତ ବାଣିଜ୍ୟ ବନ୍ଦ କରିବାକୁ ଆମେରିକା ଧମକ ଦେଇ ନିଜର ବଡ଼ କ୍ଷତି କରଛି। ଯେତେବେଳେ ଭାରତ ଏପର୍ଯ୍ୟନ୍ତ ଆମେରିକା ଏବଂ ନାଟୋର ନିର୍ଦ୍ଦେଶରେ ରୁଷ ସହିତ ବାଣିଜ୍ୟ ବନ୍ଦ କରିନାହିଁ, ଏହି ଧମକ ତା' ପାଇଁ କ'ଣ।

ଏସବୁ ସତ୍ତ୍ୱେ ଗତକାଲି ଆମେରିକା ବାଣିଜ୍ୟ ବିଭାଗ କହିଛି ଯେ ଏହି ବିଷୟରେ ଭାରତ ସହିତ ଆଲୋଚନା ଚାଲିଛି। ଏହାର ଅର୍ଥ ହେଉଛି, ସେ ଏପରି ଘୋଷଣା କରି ଭାରତର ଶକ୍ତି ପରୀକ୍ଷା କରୁଛନ୍ତି। ଅଙ୍କଲ ସାମ୍, ଏହା ଲେଖି ରଖନ୍ତୁ ଯେ ଭାରତରେ ବି ଭାରତ ପ୍ରଥମ ଏବଂ ଆମେ ନିଜସ୍ୱ ସ୍ୱାର୍ଥ ସହିତ କୌଣସି ବୁଝାମଣା କରିବୁ ନାହିଁ। ଅବଶ୍ୟ, ଆମ ଦେଶରେ କେତେକ ଜୟଚନ୍ଦ୍ର ଅଛନ୍ତି ଯେଉଁମାନଙ୍କୁ ନାଗପଞ୍ଚମୀରେ ଆମେ କ୍ଷୀର ପିଆଉଛୁ, କିନ୍ତୁ ଭାରତ ମୋଦୀ ଜୀଙ୍କ ନେତୃତ୍ୱରେ ଏକ ବିକଶିତ ଭାରତ ଆଡକୁ ଗତି କରୁଛି ଏବଂ ତୁମର କୌଣସି ଚାଲ୍ କାମ କରିବ ନାହିଁ।

**ରାକେଶ ଶର୍ମା**

# କର୍ଣ୍ଣାଟକରେ ମିଳିଲା ନୂଆ ବ୍ଲଡ୍ ଗ୍ରୁପ୍ CRIB

**ବେଙ୍ଗାଲୁରୁ,୩୧।୭/ଏଜେନ୍ସି:** କର୍ଣ୍ଣାଟକର କୋଲାର ଜିଲ୍ଲାର ଜଣେ ୩୮ ବର୍ଷୀୟ ମହିଳାଙ୍କଠାରେ ଡାକ୍ତରମାନେ ଏକ ବିରଳ ବ୍ଲଡ୍ ଗ୍ରୁପ୍ ଆବିଷ୍କାର କରିଛନ୍ତି। ଏହାକୁ ଉଜଓଇ ନାମ ଦିଆଯାଇଛି। ଏପର୍ଯ୍ୟନ୍ତ ବିଶ୍ୱରେ ଏହି ବ୍ଲଡ୍ ଗ୍ରୁପ୍ ଥିବା କେବଳ ୧୦ ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି।



**୧୦ ମାସର ଗବେଷଣା ପରେ ଆବିଷ୍କୃତ**

**ଏହା ଅତ୍ୟନ୍ତ ବିରଳ ବ୍ଲଡ୍ ଗ୍ରୁପ୍**

**ବିଶ୍ୱରେ ୧୦ ଲୋକଙ୍କଠାରେ ଏହା ରହିଛି**

ଜଣେ ମହିଳାଙ୍କୁ ହୃଦ୍‌ଘାତ ଅସ୍ତ୍ରୋପଚାର ପାଇଁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ଏହି ମାମଲା ସାମ୍ନାକୁ ଆସିଥିଲା ମହିଳାଙ୍କ ରକ୍ତ ଗ୍ରୁପ୍ O Rh+ ଥିଲା, ଯାହା ସବୁଠାରୁ ସାଧାରଣ ହୋଇଥାଏ। କିନ୍ତୁ ଯେତେବେଳେ ଅସ୍ତ୍ରୋପଚାର ପାଇଁ ରକ୍ତ ସଂଗ୍ରହ କରାଗଲା, ସେତେବେଳେ ତାଙ୍କ ଶରୀର ସହିତ କୌଣସି ଓ' ପଜିଟିଭ୍ ୟୁନିଟ୍ ମେଳ ଖାଇନଥିଲା।

ମାମଲା ଗମ୍ଭୀର ଥିବାରୁ ନମୁନାକୁ ଯାଞ୍ଚ ପାଇଁ ବେଙ୍ଗାଲୁରୁର ରୋଟାରୀ ବାଙ୍ଗାଲୋର ଟିଟିକେ ରକ୍ତ କେନ୍ଦ୍ରର ଉନ୍ନତ ଲ୍ୟାବ୍‌କୁ ପଠାଯାଇଥିଲା। ଲ୍ୟାବ୍‌ର ଟିମ୍ ମହିଳାଙ୍କ ୨୦ ଜଣ ସମ୍ପର୍କୀୟଙ୍କ ରକ୍ତ ନମୁନା ମଧ୍ୟ ପରୀକ୍ଷା କରିଥିଲେ, କିନ୍ତୁ କୌଣସି ନମୁନା ମେଳ ଖାଇନଥିଲା। ଡାକ୍ତର ଅଙ୍କିତ ମାଥୁର କହିଛନ୍ତି, ଉନ୍ନତ ପରୀକ୍ଷାରୁ ରୋଗୀଙ୍କ ରକ୍ତର ପ୍ରତ୍ୟେକ ନମୁନା ସହିତ 'ପ୍ୟାନ୍-ରିଆକ୍ଟିଭ୍' ଥିଲା, ଅର୍ଥାତ୍ ଏହା କୌଣସି ରକ୍ତ ସହିତ ମେଳ ଖାଉ ନଥିଲା। ଆମେ ସନ୍ଦେହ କରୁଥିଲୁ ଯେ ଏହା ଏକ ନୂତନ କିମ୍ବା ଅତ୍ୟନ୍ତ ବିରଳ ବ୍ଲଡ୍ ଗ୍ରୁପ୍ ହୋଇପାରେ।

ଡାକ୍ତର ଏବଂ ପରିବାରର ସହାୟତାରେ ରକ୍ତ ଦିଆନଯାଇ ଅସ୍ତ୍ରୋପଚାର ସଫଳତାର ସହ ସମାପ୍ତ ହୋଇଥିଲା। ଏହା ସହିତ ମହିଳା ଏବଂ ତାଙ୍କ ପରିବାରର ରକ୍ତ ନମୁନା ବ୍ରିଷ୍ଟଲସ୍ଥିତ ଅନ୍ତର୍ଜାତୀୟ ବ୍ଲଡ୍ ଗ୍ରୁପ୍ ରେଫରେନ୍ସ ଲ୍ୟାବ୍ (IBGRL) କୁ ପଠାଯାଇଥିଲା। ଦଶ ମାସର ଗବେଷଣା ଏବଂ ଜେନେଟିକ୍ ପରୀକ୍ଷଣ ପରେ ବୈଜ୍ଞାନିକମାନେ ଶେଷରେ ଏହି ମହିଳାଙ୍କଠାରେ ଏକ ସମ୍ପୂର୍ଣ୍ଣ ନୂତନ ବ୍ଲଡ୍ ଗ୍ରୁପ୍ ଆଣ୍ଟିଜେନ୍ ଆବିଷ୍କାର କରିଥିଲେ।

CRIB ହେଉଛି କ୍ରୋମୋଜୋମ୍ ରିଜିଅନ୍ ଆଇଡେଣ୍ଟିଫାଏଡ୍ ଆଉ ବ୍ଲଡ୍ ଗ୍ରୁପ୍। ଏହା INRA (ଇଣ୍ଡିଆନ୍ ରେୟାର୍ ଆଣ୍ଟିଜେନ୍) ବ୍ଲଡ୍ ଗ୍ରୁପ୍ ପ୍ରଣାଳୀ ସହିତ ଜଡିତ, ଯାହାକୁ ୨୦୨୨ ମସିହାରେ ଇଣ୍ଟରନାସନାଲ୍ ସୋସାଇଟି ଅଫ୍ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ (ISBT) ଦ୍ୱାରା ସ୍ୱୀକୃତି ଦିଆଯାଇଥିଲା।

CRIB ବ୍ଲଡ୍ ଗ୍ରୁପ୍‌ରେ ଅଧିକାଂଶ ଲୋକଙ୍କ ପାଖରେ ଥିବା ସାଧାରଣ ଆଣ୍ଟିଜେନ୍ ନଥାଏ। ଏହି କାରଣରୁ CRIB ବ୍ଲଡ୍ ଗ୍ରୁପ୍‌ର ବ୍ୟକ୍ତିଙ୍କୁ କେବଳ CRIB-ନେଗେଟିଭ୍ ରକ୍ତ ଦିଆଯାଇପାରିବ, ଯାହା ସାରା ବିଶ୍ୱରେ ଅତ୍ୟନ୍ତ ବିରଳ।

## ମାଲେଗାଓଁ ବିସ୍ଫୋରଣ ମାମଲା

# ସମସ୍ତ ସାତ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ମୁମ୍ବାଇ,୩୧।୭/ଏଜେନ୍ସି:** ମହାରାଷ୍ଟ୍ରର ମାଲେଗାଓଁ ବିସ୍ଫୋରଣ ମାମଲାରେ ଏନ୍‌ଆଇଏ ସ୍ୱତନ୍ତ୍ର କୋର୍ଟ ସମସ୍ତ ସାତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏଥିରେ ପୂର୍ବତନ ବିଜେପି ସାଂସଦ ସାଧ୍ୱୀ ପ୍ରଜ୍ଞା ଠାକୁର, ଲେଫ୍ଟନାଣ୍ଟ କର୍ଣ୍ଣେଲ ଶ୍ରୀକାନ୍ତ ପ୍ରସାଦ ପୁରୋହିତ, ରମେଶ ଉପାଧ୍ୟାୟ, ଅଜୟ ରାହିରକର, ସୁଧାକର ଚତୁର୍ବେଦୀ, ସମୀର କୁଲକର୍ଣ୍ଣୀ ଏବଂ ସୁଧାକର ଧର ଦ୍ୱିବେଦୀ ସାମିଲ। ପୀଡ଼ିତଙ୍କ ଓକିଲ ସାହିଦ ନବୀନ ଅନ୍‌ସାରୀ କହିଛନ୍ତି - ଏନ୍‌ଆଇ କୋର୍ଟର ନିଷ୍ପତ୍ତି ବିରୁଦ୍ଧରେ ଆମେ ହାଇକୋର୍ଟରେ ଆବେଦନ କରିବୁ। ତଦନ୍ତକାରୀ ସଂସ୍ଥା ଏବଂ ସରକାର ଏହି ମାମଲାରେ ବିଫଳ ହୋଇଛନ୍ତି।





୨୦୦୮ ସେପ୍ଟେମ୍ବର ୨୯ ତାରିଖରେ ମାଲେଗାଓଁରେ ଏକ ବିସ୍ଫୋରଣ ହୋଇଥିଲା। ଏଥିରେ ୬ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ପ୍ରାୟ ୧୦୦ ଜଣ ଆହତ ହୋଇଥିଲେ। ପ୍ରାୟ ୧୭ ବର୍ଷ ପରେ ଆସିଥିବା ରାୟରେ ବିଚାରପତି ଏ.କେ. ଲାହୋଟି କହିଛନ୍ତି ଯେ ତଦନ୍ତକାରୀ ସଂସ୍ଥା ଅଭିଯୋଗ ପ୍ରମାଣ କରିପାରି ନାହିଁ, ଏପରି ପରିସ୍ଥିତିରେ ଅଭିଯୁକ୍ତଙ୍କୁ ସନ୍ଦେହର ଲାଭ ମିଳିବା ଉଚିତ।

ବିଚାରପତି ଲାହୋଟି କହିଛନ୍ତି ଯେ ବିସ୍ଫୋରଣ ହୋଇଥିଲା, କିନ୍ତୁ ମୋଟରସାଇକେଲ୍‌ରେ ବୋମା ରଖାଯାଇଥିଲା ବୋଲି ପ୍ରମାଣିତ ହୋଇପାରି ନାହିଁ। ଏହା ମଧ୍ୟ ପ୍ରମାଣିତ ହୋଇନଥିଲା ଯେ ମୋଟରସାଇକେଲ୍‌ଟି ସାଧ୍ୱୀ ପ୍ରଜ୍ଞାଙ୍କ ନାମରେ ଥିଲା। ଲେଫ୍ଟନାଣ୍ଟ କର୍ଣ୍ଣେଲ ଶ୍ରୀକାନ୍ତ ପ୍ରସାଦ ପୁରୋହିତ ବୋମା ତିଆରି କରିଥିଲେ ବୋଲି ମଧ୍ୟ ପ୍ରମାଣିତ ହୋଇପାରିନଥିଲା।

ଏହି ମାମଲାର ନିଷ୍ପତ୍ତି ଚଳିତ ବର୍ଷ ମେ' ୮ ତାରିଖରେ ଆସିବାର ଥିଲା। କିନ୍ତୁ ତା'ପରେ କୋର୍ଟ ଏହାକୁ ୩୧ ଜୁଲାଇ ପର୍ଯ୍ୟନ୍ତ ସଂରକ୍ଷିତ ରଖିଥିଲେ। ମାଲେଗାଓଁ ବିସ୍ଫୋରଣ ମାମଲାର ପ୍ରାରମ୍ଭିକ ତଦନ୍ତ ମହାରାଷ୍ଟ୍ର ଏଟିଏସ୍ ଦ୍ୱାରା କରାଯାଇଥିଲା। ୨୦୧୧ରେ ମାମଲାକୁ ଏନ୍‌ଆଇଏକୁ ହସ୍ତାନ୍ତର କରାଯାଇଥିଲା। ଏନ୍‌ଆଇଏ ୨୦୧୬ରେ ଏକ ଚାର୍ଜସିଟ୍ ଦାଖଲ କରିଥିଲା। ଏହି ମାମଲାରେ ୩ ତଦନ୍ତକାରୀ ସଂସ୍ଥା ଏବଂ ୪ ଜଣ ବିଚାରପତି ପରିବର୍ତ୍ତନ ହୋଇଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra